R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୨୫
ତିଥି: ଷଷ୍ଠୀ
୦୭ ଫେବୃଆରୀ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 125
07 February 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଦୁଇ ଦିନିଆ ବ୍ଲାକ୍ ସ୍ୱାନ୍ ଶିଖର ସମ୍ମିଳନୀ ଉଦ୍‌ଯାପିତ

## ଆର୍ଥିକ କ୍ଷେତ୍ରରେ ବିପ୍ଳବ ଦେଖାଦେଇଛି : ରାଷ୍ଟ୍ରପତି




ଭୁବନେଶ୍ୱର, ୬।୨ (ସବ୍ୟୁ): ଆମେ ଏପରି ଏକ ସମୟରେ ବଞ୍ଚୁଛୁ, ଯେତେ ବେଳେ ପ୍ରଯୁକ୍ତି ବିଦ୍ୟା ଅଭୁତ ପୂର୍ବ ଗତିରେ ବିକଶିତ ହେଉଛି। ନୂତନ ଉଦ୍ଭାବନ ଏତେ ଦ୍ରୁତ ଗତିରେ

**ଓଡ଼ିଶା ଏବେ ଏସିଆ ଲାଗି ଭାରତର ପ୍ରବେଶ ପଥ : ମୁଖ୍ୟମନ୍ତ୍ରୀ**

**ଯୋଗଦେଲେ ୨୪ ଦେଶର ୧୫୦୦ ପ୍ରତିନିଧି**

**ବିଭିନ୍ନ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର**

ହେଉଛି ଯେ ଆମ ବ୍ୟବସ୍ଥା, ଦକ୍ଷତା ଓ ବ୍ୟବସାୟୀକ ମଡ଼େଲ ଗୁଡିକ ପ୍ରାୟତଃ ଏହା ସହ ତାଳ ଦେଇ ସଂଘର୍ଷ କରୁଛନ୍ତି। ଏହି ସମୟରେ ଏପରି ଦ୍ରୁତ ପ୍ରଗତୀ ଗୁଡିକ ସାଇବର ସୁରକ୍ଷା ବିପଦ, ଡିଫେକ, ଭୁଲ ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ଉପରେ ବର୍ଦ୍ଧିତ ନିର୍ଭରଶୀଳତା ସମେତ ଗମ୍ଭୀର ଆହ୍ୱାନ ନେଇ ଆସୁଛି। ଏଭଳି ସ୍ଥିତିରେ ବ୍ଲାକ ସୁଆନ ସମ୍ମିଳନୀ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ନିଜ କ୍ଷମତାକୁ ଆହୁରି ବୃଦ୍ଧି କରିବା ସହ ଅଭିନବ ପ୍ରଦ୍ଧତି ଗୁଡିକୁ ଅନୁସନ୍ଧାନୀ କରାଯାଇପାରିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ଭୁବନେଶ୍ୱରରେ ଅନୁଷ୍ଠିତ ଦୁଇ ଦିନିଆ ବ୍ଲାକ ସୁଆନ ସମିଟ ଆଜି ଉଦଯାପିତ ହୋଇଯାଇଛି। ଏଥିରେ ଯୋଗଦେଇ ରାଷ୍ଟ୍ରପତି କହିଥିଲେ ଯେ, ଓଡ଼ିଶା ସରକାର ଏବଂ ସିଙ୍ଗାପୁରର ଜିଏଫଟିଏନ ନେଟୱାର୍କର ମିଳିତ ସହଯୋଗରେ ଆୟୋଜିତ ଏହି ଦୁଇ ଦିନିଆ ସମ୍ମିଳନୀ ଆଗାମୀ ଯୁବପୀଢ଼ୀ ଲାଗି ନୂଆ ସମ୍ଭାବନା ସୃଷ୍ଟି କରିବ। ଆମକୁ ଏଆଇ (୯ ପୃଷ୍ଠାରେ)

### ୧୯ ବର୍ଷରୁ କମ ଦିନିକିଆ ବିଶ୍ୱକପ

## ଷଷ୍ଠଥର ଭାରତ ବିଶ୍ୱ ଚାମ୍ପିଅନ




ହରାରେ, ୬।୨ (ଏଜେନ୍ସି) : ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପରେ ଭାରତ ବାଜି ମାରିଛି। ଶୁକ୍ରବାର ହରାରେ ସ୍ପୋର୍ଟ୍ସ କ୍ଲବରେ ଅନୁଷ୍ଠିତ ବିଶ୍ୱକପ ଫାଇନାଲରେ ଇଂଲଣ୍ଡକୁ ୧୦୦ ରନ ବ୍ୟବଧାନରେ ପରାସ୍ତ କରି ଭାରତ ଷଷ୍ଠଥର ପାଇଁ ଟ୍ରଫି ତୋଳି ଧରିଛି। ବିହାରର ଯୁବ ଉଦୀୟମ୍ୟାନ ବାମହାତୀ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ଭୈରବ ବ୍ୟାଟିଂ ଆଗରେ ଇଂଲଣ୍ଡ ଧରାଶାୟୀ ହୋଇଛି। ଫାଇନାଲରେ ଭାରତ ୫୦ ଓଭରରେ ୯ ୱିକେଟ୍ ହରାଇ ୪୧୧ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଇଂଲଣ୍ଡ ୪୦.୨ ଓଭରରେ ୩୧୧ ରନ୍ କରି ଅଲଆଉଟ୍ ହୋଇଥିଲା। ଇଂଲଣ୍ଡର କ୍ୟାଲେବ ଫାଲକୋନର ୬୭ ବଲରୁ ୧୧୫ ରନ୍ କରିଥିଲେ ହେଁ ଦଳକୁ ବିଜୟୀ କରାଇବାରେ ସଫଳ ହୋଇନଥିଲେ। କାରଣ ଅନ୍ୟ ବ୍ୟାଟର ବଡ଼ ସ୍କୋର କରିବାକୁ ବିଫଳ ହୋଇନଥିଲେ। ଓପନର ବେନ ଡାଓକିନ୍ସ ୫୬ ବଲରୁ ୬୬ ରନ କରିଥିବା ବେଳେ ଜୋ ମୋରିସ୍ ୧୭ ରନ କରି ଅଲଆଉଟ୍ ହୋଇଥିଲେ। ବେନ ମେୟର୍ସ ୪୫ ରନ କରିଥିବା ବେଳେ ଅଧିନାୟକ ଥୋମାସ ୩୧ ରନ୍ କରିଥିଲେ। ଜେମ୍ସ ମିଣ୍ଟୋ ୨୮ ରନ୍ ତଥା ଦୁଇ ଜଣ ବ୍ୟାଟର ଖାତା ଖୋଲିପାରିନଥିଲେ। ତେଣୁ ଦଳ ୪୦.୨ ଓଭରରେ ୩୧୧ ରନ୍ କରି ଅଲଆଉଟ ହୋଇଥିଲା। ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଏବଂ ୨୦୨୨ରେ ୧୯ ବର୍ଷରୁ କମ୍ ବିଶ୍ୱକପ ଚାମ୍ପିଅନ ହୋଇଥିଲା। ଏଥର ୨୦୨୬ରେ ଦଳ ଟାଇଟଲ ଜିତି ଷଷ୍ଠଥର ପାଇଁ ବିଶ୍ୱକପ ନିଜ ପାଖରେ ରଖିଛି। ଫାଇନାଲରେ ୧୭୫ ରନର ଇନିଂସ ପାଇଁ ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ଏବଂ ସମଗ୍ର ବିଶ୍ୱକପରେ ୪୩୯ ରନ ସାଙ୍ଗକୁ ଗୋଟିଏ ୱିକେଟ୍ ଦଖଲ କରିଥିବାରୁ ପ୍ଲେୟାର (୯ ପୃଷ୍ଠାରେ)

## ୧୯ ମାଓବାଦୀଙ୍କ ଆତ୍ମସମର୍ପଣ

ରାୟଗଡା/କନ୍ଧମାଳ/ଭୁବନେଶ୍ୱର, ୦୬।୦୨ (ସବ୍ୟୁ): ରାୟଗଡା, କନ୍ଧମାଳ ଜିଲ୍ଲାରେ ୧୯ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ରାୟଗଡା ଜିଲ୍ଲା ପୋଲିସରେ ୧୫ଜଣ ଓ କନ୍ଧମାଳ ଜିଲ୍ଲା ପୋଲିସରେ ୪ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ମାଓ ବିରୋଧୀ ଅଭିଯାନରେ ଓଡ଼ିଶା ପୋଲିସକୁ ଏହା ବଡଧରଣର ସଫଳତା। ହାଡ଼କୋର ମାଓ ଦମ୍ପତି ନିଖିଲ ଏବଂ ଇନ୍ଦୁଙ୍କ ସମେତ ମୋଟ ୧୫ଜଣ କ୍ୟାଡର ଗୁରୁବାର ରାୟଗଡ଼ା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଥିବା ନେଇ ରାୟଗଡ଼ା ପୁଲିସ ସୂଚନା ଦେଇଛି। ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ନିରଂଜନ ରାଉତ ଓରଫ ନିଖିଲ, ଅଙ୍କିତା ରାଉତ ଓରଫ ଇନ୍ଦୁ, ବିକାଶ, ସୁନ୍ଦର, ପ୍ରଦୀପ, ରୋସନି, ଅରୁଣା, ନିକିତା, କୁମାରୀ, ଦୀପକ, ରାକେଶ ଲଳିତ, ରାଜେ ଓ ମାଳତି। ସୂଚନାଯୋଗ୍ୟ, ଆଜି କନ୍ଧମାଳ ଏସପିଙ୍କ ନିକଟରେ ୪ ଜଣ ମାଓବାଦୀ ନିଜ ନିଜର ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଛନ୍ତି। ଏହି ୪ ଜଣ ମାଓବାଦୀଙ୍କ ମଧ୍ୟରୁ ୩ ଜଣ ମହିଳା ଥିବାବେଳେ ଅନ୍ୟ ଜଣେ ପୁରୁଷ ମାଓବାଦୀ ଏବଂ ଏମାନେ ସମସ୍ତେ କେକେବିଏନ୍ ମାଓ ଡିଭିଜନରେ ସକ୍ରିୟ କ୍ୟାଡର ଭାବେ କାର୍ଯ୍ୟ କରୁଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ- ଗଙ୍ଗା କୁଞ୍ଜାମି ଓରଫ ଜିତେନ (୨୪), ମୁଚାକି ମାସେ ଓରଫ ସୁମିତ୍ରା (୨୩), ଚୋମାଲି କୁଞ୍ଜମ ଓରଫ ଶାନ୍ତିଲା (୨୧) ଏବଂ ବାନ୍ଦୀ ମାଡ୍‌ୱୀ ଓରଫ ମାଳତୀ (୨୨)। ଗଙ୍ଗା କୁଞ୍ଜାମିର ଘର ଛତିଶଗଡ଼ ସୁକୁମା ଜିଲ୍ଲା ଅନ୍ତର୍ଗତ ପଣ୍ଡୁପଡ଼ା ଗାଁରେ ହୋଇଥିବାବେଳେ ମୁଚାକି ମାସେର ଘର ଛତିଶଗଡ଼ ସୁକୁମା ଜିଲ୍ଲା ଅନ୍ତର୍ଗତ ବଟୁମ୍ ଗାଁରେ। ଚୋମାଲି କୁଞ୍ଜମ ଘର ଛତିଶଗଡ଼ ବିଜାପୁର ଜିଲ୍ଲା ଅନ୍ତର୍ଗତ ମେଟାପାଲ୍ ଗାଁରେ ଏବଂ ବାନ୍ଦୀ ମାଡ୍‌ୱୀର ଘର ଛତିଶଗଡ଼ ଦନ୍ତେଓ୍ୱାଡା ଜିଲ୍ଲାର ପୋଟାଲି ଗ୍ରାମରେ। ଏମାନେ ସମସ୍ତେ ସକ୍ରିୟ ମାଓ କ୍ୟାଡର ଭାବେ କାର୍ଯ୍ୟ କରୁଥିଲେ ଏବଂ ଏମାନଙ୍କ ନାମରେ ଉଭୟ ଛତିଶଗଡ଼ ଓ ଓଡ଼ିଶାର ବିଭିନ୍ନ ଥାନାରେ ଅନେକ ମାମଲା ରହିଛି ବୋଲି ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର ସୂଚନା ଦେଇଛନ୍ତି।

ରାଜ୍ୟ ପୋଲିସ (୯ ପୃଷ୍ଠାରେ)

## ପୁଣି ୫ କୋର୍ଟକୁ ବୋମା ଧମକ



ଭୁବନେଶ୍ୱର/କଟକ/ପୁରୀ, ୬।୨ (ସବ୍ୟୁ) : କୋର୍ଟକୁ ବୋମା ଯୋଗେ ଉଡାଇ ଦେବାର ଧମକ ପୁଣି ଆସିଛି। ଯଦିଓ ଏହା ମିଛ ଧମକ ଥିଲା ବୋଲି ଜଣାପଡିଛି। ହେଲେ ଏହାକୁ ନେଇ ପରିସ୍ଥିତି ବେଶ୍ କିଛି ସମୟ ଲାଗି ଉତ୍ତେଜନାପୂର୍ଣ୍ଣ ରହିଥିଲା। ଜାନୁଆରୀ ୮ରେ ୩ ଜିଲ୍ଲା କୋର୍ଟକୁ ଉଡାଇ ଦେବାର ଧମକ ଆସିଥିଲା। ମାସେ ନପୂରୁଣୁ ୫ ଜିଲ୍ଲା କୋର୍ଟକୁ ପୁଣି ଅନୁରୂପ ଧମକ ଆସିଛି। ଇ-ମେଲ ଯୋଗେ ଏହି ଧମକ ଦିଆଯାଇଛି। କଟକରୁ ଭୁବନେଶ୍ୱର, ଫୁଲବାଣୀରୁ ଯାଜପୁର, ପୁରୀରୁ ସମ୍ବଲପୁର ଏହି ଧମକ ମିଳିଥିଲା। ଇ-ମେଲ୍‌ରେ ଲେଖାଯାଇଛି ତମ କୋର୍ଟରେ ତିନୋଟି ଆରଡିଏକ୍ସ ଲଗାଯାଇଛି। ଯାହା ଖୁବ୍‌ଶୀଘ୍ର ବିସ୍ଫୋରଣ ହେବ। ମଧ୍ୟାହ୍ନଭୋଜନ ସମୟରେ ରିପୋର୍ଟ ଜରିଆରେ ଏଲ୍‌ଟିଟିଇ ସଦସ୍ୟମାନେ ଏହି ବିସ୍ଫୋରଣ କରିବେ। ଭିନ୍ନ ଭିନ୍ନ ଭାବେ ଆସିଥିବା ଧମକପୂର୍ଣ୍ଣ ଇ-ମେଲ୍‌କୁ ନେଇ ହଇଚଇ ସୃଷ୍ଟି ହୋଇଥିଲା। କୋର୍ଟରେ ପୋଲିସ ,ଫୋର୍ସ ପହଞ୍ଚିବା ସହ କୋର୍ଟ ପରିସରକୁ ଫାଙ୍କା କରାଯାଇଥିଲା। ବମ୍ ସ୍କ୍ୱାର୍ଡଙ୍କ ସହାୟତାରେ ଛାନ୍‌ଭିନ୍ନ ଚାଲିଥିଲା। ସନ୍ଧାନୀ କୁକୁର, ମେଟାଲ ଡିଟେକ୍ଟର ସହାୟତାରେ ତଲାସୀ ଚାଲିଥିଲା। କୌଣସି ସନ୍ଦିଗ୍ଧ ବସ୍ତୁ ବା ପ୍ରମାଣ ମିଳିନଥିଲା। କିଛି ସମୟ ପରେ କୋର୍ଟ କାର୍ଯ୍ୟ ସୁରୁଖୁରୁରେ ଚାଲିଥିଲା। ପୂର୍ବଥର ଭଳି ଏହା ମିଛ ଧମକ ବୋଲି ଜଣାପଡିଥିଲା।

କଟକ ପ୍ରତିନିଧି ଜଣାଇଛନ୍ତି ଯେ ମାସେ ନ ପୁରୁଣୁ ପୋଲିସ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ସାଇବର ଅପରାଧୀ। କିଛି ଦିନ ତଳେ ଓଡ଼ିଶା ହାଇକୋର୍ଟ ସମେତ ତିନୋଟି ଜିଲ୍ଲା କୋର୍ଟକୁ ବୋମାରେ ଉଡାଇଦେବାକୁ ଧମକ ଦେଇଥିବା ଅଜଣା ଅପରାଧୀ ପୁଣି ୪ ଜିଲା କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଦେଇଛନ୍ତି ଧମକ। ମାସକ ଭିତରେ ପୋଲିସ ବିଭାଗ ଅପରାଧୀଙ୍କ ନିକଟରେ ପହଞ୍ଚି ନ ଥିଲା ନା ଜାଣିବାକୁ ପ୍ରୟାସ କରିନଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଫଳରେ ଜାନୁଆରୀ ମାସରେ ଧମକକୁ ମାସେ ନ ପୁରୁଣୁ ପୁଣି ଆଜି ପୁଣି (୯ ପୃଷ୍ଠାରେ)

### ପାକ୍ ମସ୍‌ଜିଦ୍‌ରେ ଆତ୍ମଘାତୀ ବିସ୍ଫୋରଣ

## ୫୦ରୁ ଉର୍ଦ୍ଧ୍ୱ ମୃତ, ୧୫୦ ଆହତ

ନୂଆଦିଲ୍ଲୀ, ୬।୨ : ପାକିସ୍ତାନ ଇସଲାମାବାଦରେ ଏକ ସିଆ ମସ୍‌ଜିଦ୍‌ରେ ଆତ୍ମଘାତୀ ବିସ୍ଫୋରଣରେ ୫୦ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ୧୫୦ଜଣ ଆହତ ହୋଇଛନ୍ତି। ଶୁକ୍ରବାର ମସ୍‌ଜିଦ୍‌ରେ ମୁସ୍‌ଲିମ୍ ଧର୍ମାବଲମ୍ବୀମାନେ ପ୍ରାର୍ଥନା କରିବାକୁ ଯାଇଥିବା ବେଳେ ଏଭଳି ଘଟଣା ଘଟିଛି। ଆତ୍ମଘାତୀ ବମ୍ ଧରି ଆସୁଥିବା ଲୋକକୁ ଇମାମବର୍ଗାରେ ଅଟକା ଯାଇଥିଲା। ମାତ୍ର ସେଠାରେ ସେ ବିସ୍ଫୋରଣ କରିଦେଇଥିବାରୁ ଅନେକ ଲୋକ ଆହତ ହୋଇଥିଲେ। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ ଆକ୍ରମଣକାରୀ ଜଣେ ବିଦେଶୀ ନାଗରିକ। ତା'ର ସମ୍ପର୍କ ଫିତିନା ଖ୍ୱାରାଜି ସହିତ ରହୁଛି। ଉଦ୍ଧାରକାରୀ ଦଳ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଉଦ୍ଧାର ଚଳାଇଛନ୍ତି।

ବିସ୍ଫୋରଣ ପରେ ଇସଲାମାବାଦ ପୋଲିସ ଆଇଜି ସହରରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। (୯ ପୃଷ୍ଠାରେ)

## ଅଗ୍ନି-୩ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ବାଲେଶ୍ୱର, ୦୬।୦୨, (ସବ୍ୟୁ) : ଶୁକ୍ରବାର ସନ୍ଧ୍ୟାରେ ଧାମରା ହ୍ୱିଲର ଦ୍ୱୀପ ସ୍ଥିତ ଅବଦୁଲକାଲାମ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କେନ୍ଦ୍ରର ଏଲ୍‌ସି-୪ ଉତ୍‌କ୍ଷେପଣ କେନ୍ଦ୍ରରୁ ମଧ୍ୟମ ଦୂରଗାମୀ ବାଲାଷ୍ଟିକ କ୍ଷେପଣାସ୍ତ୍ର ଅଗ୍ନି -୩ ର ପରୀକ୍ଷଣ ହୋଇଯାଇଛି। ଭୂ-ପୃଷ୍ଠରୁ ଭୂ-ପୃଷ୍ଠକୁ ନିକ୍ଷେପ ହେଉଥିବା ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ହୋଇଛି। ଏହା ୩୫୦୦ କି.ମି. ଦୂରରେ ଥିବା ଯେକୌଣସି ଲକ୍ଷ୍ୟସ୍ଥଳକୁ ଭେଦ କରିବାର କ୍ଷମତା ରହିଛି। ଏହି କ୍ଷେପଣାସ୍ତ୍ର ୧୭ମିଟର ଲମ୍ବ୍ର ୨ ମିଟର ଓସାର ଏବଂ ୫୦ ଟନ୍ ଓଜନ ଅଟେ। ଏହି କ୍ଷେପଣାସ୍ତ୍ର ଯୁଦ୍ଧ ସମୟରେ ୧.୫ ଟନ୍ ଓଜନର ପାରମ୍ପାରିକ ଏବଂ ପରମାଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି। ଏଠାରେ ସୂଚନା ଯୋଗ୍ୟ ଅଗ୍ନି ଗ୍ରୁପର ଏହି କ୍ଷମଣାସ୍ତ୍ରକୁ ବିକଶିତ କରାଯାଇ ଅଗ୍ନି-୩ କ୍ଷେପଣାସ୍ତ୍ର ନିର୍ମାଣ କରାଯାଇଛି। ପଡ଼ୋଶୀ ଚୀନ୍ ଦେଶର ସାଂଘାଇ ସମେତ ପ୍ରମୁଖ ସହରଗୁଡ଼ିକ ଏହି କ୍ଷେପଣାସ୍ତ୍ରର ଟାର୍ଗେଟ ମଧ୍ୟକୁ ଆସୁଥିବାରୁ ପ୍ରତିରକ୍ଷା (୯ ପୃଷ୍ଠାରେ)

### ଚାଲିପାରୁନି ସଂସଦ

## ସୋମବାର ଯାଏଁ ମୁଲତବୀ

ନୂଆଦିଲ୍ଲୀ, ୬।୨ : ସଂସଦର ବଜେଟ୍ ଅଧିବେସନ ଚାଲିପାରୁନାହିଁ। ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ଆଜି ଲୋକସଭାକୁ ସ୍ଥଗିତ କରାଯାଇଛି। ସୋମବାର ଲୋକସଭା ଅଧିବେଶନ ବସିବ। ସେହିପରି ରାଜ୍ୟସଭାକୁ ମଧ୍ୟ ସୋମବାର ଯାଏଁ ମୁଲତବୀ କରାଯାଇଛି।

ଆଜି ଲୋକସଭା କାର୍ଯ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଏକାଧିକ ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିଥିଲେ। ମାତ୍ର ୫ ମିନିଟ୍‌ରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ୧୨ଟା ଯାଏ ମୁଲତବୀ କରିବା ସହ ବିରୋଧୀ ଦଳ ସାଂସଦଙ୍କୁ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି ନକରିବାକୁ କହିଥିଲେ। ବାଚସ୍ପତି କହିଛନ୍ତି ଯେ ଗୃହର ୧୯ଘଣ୍ଟା ସମୟ ନଷ୍ଟ ହୋଇଛି। ବିରୋଧୀ ସଦସ୍ୟମାନେ ପ୍ଲାକ୍‌କାର୍ଡ ଧରି ଗୃହର ମଧ୍ୟଭାଗରେ ବିକ୍ଷୋଭ କରିଥିଲେ। ଗୃହର କାର୍ଯ୍ୟ ମଧ୍ୟାହ୍ନ (୯ ପୃଷ୍ଠାରେ)

## ଗରିବଙ୍କୁ ଭଡ଼ାରେ ଘର ଦେବେ ସରକାର

ଭୁବନେଶ୍ୱର, ୬।୨ (ସବ୍ୟୁ): ସହରାଞ୍ଚଳରେ ଆଉ ରହିବନି ଘର ଭଡ଼ା ଟେନସନ୍। ଏଣିକି ସହରୀ ଗରିବଙ୍କୁ ଭଡ଼ାରେ ଘର ଦେବେ ରାଜ୍ୟ ସରକାର। ସହରରେ ରହୁଥିବା ଗରିବ ଲୋକ, ବାହାରୁ ଆସି କାମ କରୁଥିବା ପ୍ରବାସୀ ଶ୍ରମିକ, ଶିଳ୍ପ ଶ୍ରମିକ, କର୍ମଜୀବୀ ମହିଳା ଓ ଯେଉଁମାନେ ତୁରନ୍ତ ନିଜର ଘର କିଣିବାକୁ ଅସମର୍ଥ, ସେମାନଙ୍କୁ ଏହି ଯୋଜନାରେ ଶସ୍ତାରେ ଭଡ଼ା ଘର ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା(ପିଏମଏୱାଇ) ୨.୦ଅଧୀନରେ ସହରାଞ୍ଚଳରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଲି ଏବଂ ଅବ୍ୟବହୃତ ଘରଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ସୁଲଭ ଭଡ଼ା ଗୃହରେ ପରିଣତ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ବିଭିନ୍ନ ବିଭାଗକୁ ଚିଠି ଲେଖିଛନ୍ତି।

ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ବିଭିନ୍ନ ବିଭାଗକୁ ପତ୍ର ଲେଖି ସେମାନଙ୍କ ଅଧୀନରେ ଥିବା ଏହିପରି ଖାଲି ଓ ଅବ୍ୟବହୃତ ସରକାରୀ ଗୃହ ଚିହ୍ନଟ କରିବାକୁ ଅନୁରୋଧ କରିଛନ୍ତି। ଚିହ୍ନଟ ହୋଇଥିବା ସମ୍ପତ୍ତି ସମ୍ପର୍କିତ ତଥ୍ୟଗୁଡ଼ିକୁ ଓଡ଼ିଶା ଅର୍ବାନ ହାଉସିଂ ମିଶନକୁ ପ୍ରଦାନ କରିବା ପାଇଁ ସମସ୍ତ ବିଭାଗକୁ କୁହାଯାଇଛି। ଏହି ତଥ୍ୟ ସଂଗ୍ରହ ପ୍ରକ୍ରିୟା ସମାପ୍ତ ପରେ ଚିହ୍ନଟ ଗୃହଗୁଡ଼ିକୁ ପୁନଃନିର୍ମାଣ/ମରାମତି କରି ବାସୋପଯୋଗୀ କରାଯିବ ଏବଂ ପର୍ଯ୍ୟାୟକ୍ରମେ ସେଗୁଡ଼ିକୁ ଭଡ଼ା ଆବାସ ଭାବରେ ଉପଲବ୍ଧ କରାଯିବ।

**ଘର ଖାଲି ସଂକ୍ରାନ୍ତରେ ସୂଚନା ଦେବାକୁ ବିଭିନ୍ନ ବିଭାଗକୁ ଚିଠି**

**ସରକାରଙ୍କ ଖାଲି ପଡ଼ିଥିବା, ଅବ୍ୟବହୃତ ଘର ହେବ ଚିହ୍ନଟ**

**ଘରଗୁଡ଼ିକୁ ଚିହ୍ନଟ ପରେ ପୁନଃନିର୍ମାଣ କିମ୍ବା ମରାମତି କରାଯିବ**

**ସୁଲଭ ମୂଲ୍ୟରେ ଭଡ଼ା ଆବାସ ଭାବରେ ଯୋଗାଇ ଦିଆଯିବ**

**ପ୍ରତି ଦୁଇ ବର୍ଷରେ ୮% ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି ହେବ**

ସୁଲଭ ଭଡ଼ା ଘର କାର୍ଯ୍ୟକ୍ରମ ଦୁଇଟି ମଡେଲ୍ ମାଧ୍ୟମରେ କାର୍ଯ୍ୟକାରୀ ହେବ। ପ୍ରଥମ ମଡେଲ୍ ଅନୁଯାୟୀ, ସରକାରୀ ଅନୁଦାନରେ ନିର୍ମିତ ଖାଲି ଗୃହଗୁଡ଼ିକୁ ପିପିପି ମୋଡ୍ କିମ୍ବା ସରକାରୀ ସଂସ୍ଥା ମାଧ୍ୟମରେ ଭଡ଼ା ଘରେ ପରିଣତ କରାଯିବ। ଦ୍ୱିତୀୟ (୯ ପୃଷ୍ଠାରେ)

## ବିଦେଶୀ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



ଭୁବନେଶ୍ୱର, ୬।୨ (ସବ୍ୟୁ) : ସିଙ୍ଗାପୁରସ୍ଥିତ ଜିଏଫ୍‌ଟିଏନ୍‌ର ଅଧ୍ୟକ୍ଷ ରବି ମେନନ୍, ଆସିଅନ୍ ସିଇଓ ମାଇକେଲ ସଚ୍‌ଲିନ୍, ଆଣ୍ଟ ଇଣ୍ଟରାକ୍ସନ୍‌ର ଅଧ୍ୟକ୍ଷ ଡୁଗାଲ୍ଡ ଫେଗିନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସାକ୍ଷାତ କରିଛନ୍ତି। ଏହି ପ୍ରତିନିଧିମାନଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିବା ସହ ଗତ ଦୁଇ ବର୍ଷରେ ଓଡ଼ିଶା ସରକାର ରୂପାନ୍ତରିତ କ୍ଷେତ୍ରରେ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରାଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ମହିଳା ଓ କୃଷକମାନଙ୍କୁ ସଶକ୍ତ କରିବା ଲାଗି ପଦକ୍ଷେପ ନିଆଯିବା ସହ ଭିତ୍ତିଭୂମି ଗଠନ ଲାଗି ବ୍ୟାପକ ପଦକ୍ଷେପ ନିଆଯାଉଛି।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ପ୍ରମୁଖ ବ୍ୟବସାୟୀମାନଙ୍କୁ ଓଡ଼ିଶାର ଯୁବକ ଓ ମହିଳାମାନଙ୍କୁ ଉଦ୍ୟୋଗୀ ମଡେଲରେ ସଶକ୍ତ କରିବା ପାଇଁ ସହାୟତା କରିବା ପାଇଁ ମତ ରଖିଥିଲେ। ମେନନ୍‌ଙ୍କୁ ସେ କହିଥିଲେ ଯେ ୯୫ ଓଡ଼ିଶା ଛାତ୍ର ଯେଉଁମାନେ ଫିନ୍‌ଟେକ୍‌ରେ ଦକ୍ଷତା ହାସଲ କରିଛନ୍ତି ସେମାନେ ତାଙ୍କ ପ୍ରଶିକ୍ଷଣ ଶେଷ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ଅଜୟ ଦେବଗନ୍‌ଙ୍କ ସହିତ କାମ କରି ଖୁବ ଭଲ ଲାଗିଲା । ତାଙ୍କ ସହିତ ଆଗରୁ ମଧ୍ୟ କାମ କରିଛି । ଏତେ ବର୍ଷ ପରେ ମଧ୍ୟ ସେ ବଦଳି ନାହାନ୍ତି, ଯାହା ଦେଖି ଖୁସି ଲାଗିଲା ।

**ତବୁ ,ଅଭିନେତ୍ରୀ**



ମହାରାଜାର ସ୍କ୍ରିପ୍ଟ ଯେତେବେଳେ ପଢିଲି ଲାଗିଲା ଚରିତ୍ରଟି ମୂର୍ଖ । ହେଲେ ପରେ ଧୀରେଧୀରେ ଚରିତ୍ରର ମହତ୍ତ୍ୱ ବୁଝିଲି, ତେଣୁ ଠିକ୍ ଲାଗିଲା ଅଭିନୟ କରିବାକୁ ।

**ଶାଲିନି ପାଣ୍ଡେ, ଅଭିନେତ୍ରୀ**



ପ୍ରଥମଥର ପାଇଁ ଯେତେବେଳେ ଭାରତୀୟ ମହିଳା ନିର୍ଦ୍ଦେଶକ ଭାବେ ଏସିଆନ ଫଣ୍ଡରେ ସାମିଲ ହୋଇଥିଲି, ଖୁବ ଖୁସି ଲାଗିଥିଲା । ଏହା ମୋ ପାଇଁ ଗର୍ବର ବିଷୟଥିଲା ଯାହା ମୋତେ ପ୍ରେରଣା ପ୍ରଦାନ କରିଥିଲା ।

**ନିଧି ସକ୍ସେନା, ନିର୍ଦ୍ଦେଶିକା**

## ଜିନ୍ସ ପିନ୍ଧୁଥିଲେ ସାବଧାନ



**ଆଜିକାଲି ଫ୍ୟାଶନ ଦୁନିଆରେ ଅତ୍ୟଧିକ ଚିପା ବା ଟାଇଟ୍ ଜିନ୍ସ ପିନ୍ଧିବା ଏକ ଟ୍ରେଣ୍ଡ ପାଲଟିଛି । କିନ୍ତୁ ଏହି ଫ୍ୟାଶନ ଅନେକ ସମୟରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ, ଯାହାକୁ ଡାକ୍ତରୀ ଭାଷାରେ 'ସ୍କିନି ଜିନ୍ସ ସିଣ୍ଡ୍ରୋମ' ବୋଲି କୁହାଯାଏ । ତେଣୁ ଯଦି ଟାଇଟ ଜିନ୍ସ ପିନ୍ଧୁଛନ୍ତି ତେବେ ସତର୍କ ହେବାର ଆବଶ୍ୟକତା ରହିଛି । ଆସନ୍ତୁ ଜାଣିବା ଏହା ସମ୍ପର୍କରେ । ଯେତେବେଳେ ଜଣେ ବ୍ୟକ୍ତି ବହୁତ ଟାଇଟ୍ ବା ଚିପା ଜିନ୍ସ ପିନ୍ଧନ୍ତି, ସେତେବେଳେ ଜଙ୍ଘର ସ୍ନାୟୁ ଉପରେ ଅତ୍ୟଧିକ ଚାପ ପଡ଼େ । ଏହା ଫଳରେ ଗୋଡ଼ରେ କାଲୁଆ ଲାଗିବା, କଷ୍ଟ ହେବା ଏବଂ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହେବାକୁ 'ସ୍କିନି ଜିନ୍ସ ସିଣ୍ଡ୍ରୋମ' କୁହାଯାଏ ।**

**କାରଣ**

ଏହାର ମୁଖ୍ୟ କାରଣ ଅତ୍ୟଧିକ ଚିପା ପୋଷାକ । ଅଣ୍ଟା ଏବଂ ଜଙ୍ଘ ପାଖରେ ଜିନ୍ସ ବହୁତ ଟାଇଟ୍ ହେବା । ଏହାସହିତ ସ୍ନାୟୁ ଉପରେ ମଧ୍ୟ ଚାପ ପଡିଥାଏ । ଜଙ୍ଘର ବାହାର ପଟେ ଥିବା ସ୍ନାୟୁ ଚାପି ହୋଇଯିବା କାରଣରୁ ଏହି ସମସ୍ୟା ହୋଇଥାଏ । ସେହିଭଳି ଅଧିକ ସମୟ ଠିଆ ହେବା କିମ୍ବା ଚାଲିବା ଦ୍ୱାରା ମଧ୍ୟ ଏହା ହୋଇଥାଏ । ଟାଇଟ୍ ଜିନ୍ସ ପିନ୍ଧି ଅଧିକ ପରିଶ୍ରମ କଲେ ସ୍ନାୟୁ ଜନିତ ସମସ୍ୟା ବଢ଼ିଥାଏ ।

**ପ୍ରଭାବ**

ଏହି ରୋଗ କାରଣରୁ ସ୍ନାୟୁ ସମସ୍ୟା, ଜଙ୍ଘରେ ଝିମ୍‌ଝିମ୍ ହେବା, ପୋଡ଼ିବା ଏବଂ କାଲୁଆ ଲାଗିଥାଏ । ହଜମ ପ୍ରକ୍ରିୟାରେ ବାଧା ଉପୁଜିଥାଏ । ଅଣ୍ଟା ପାଖରେ ଜିନ୍ସ ଟାଇଟ୍ ହେଲେ ପେଟ ଉପରେ ଚାପ ପଡ଼େ, ଯାହା ଫଳରେ ଏସିଡିଟି ଏବଂ ବଦହଜମି ହୋଇପାରେ । ଏହା ରକ୍ତ ସଞ୍ଚାଳନରେ ମଧ୍ୟ ପ୍ରଭାବ ପକାଇଥାଏ । ଗୋଡ଼ରେ ରକ୍ତ ସଞ୍ଚାଳନ ସଠିକ୍ ଭାବେ ହୋଇନଥାଏ, ଯାହା ଦ୍ୱାରା ମାଂସପେଶୀ ଦୁର୍ବଳ ହୋଇଯାଏ । ଏହାସହ ଚର୍ମ ରୋଗ ମଧ୍ୟ ହେବାର ଆଶଙ୍କା ରହିଛି । ଚିପା ପୋଷାକ ଯୋଗୁଁ ଝାଳ ବାହାରି ପାରେ ନାହିଁ, ଫଳରେ ସଂକ୍ରମଣ ହେବାର ଭୟ ଥାଏ ।

**ସାବଧାନତା**

ଢିଲା ପୋଷାକ ପିନ୍ଧନ୍ତୁ । ସବୁବେଳେ ସ୍କିନି ଜିନ୍ସ ପରିବର୍ତ୍ତେ ଆରାମଦାୟକ କିମ୍ବା ଷ୍ଟ୍ରେଚେବୁଲ୍ ପୋଷାକ ପସନ୍ଦ କରନ୍ତୁ । ଯଦି ଷ୍ଟାଇଲ୍ ପାଇଁ ସ୍କିନି ଜିନ୍ସ ପିନ୍ଧୁଛନ୍ତି, ତେବେ ଏହାକୁ ବହୁତ ସମୟ ଧରି ପିନ୍ଧି ରଖନ୍ତୁ ନାହିଁ । ଶରୀରର ଓଜନ ସନ୍ତୁଳିତ ରଖନ୍ତୁ ଯେପରି ପୋଷାକ ଅଧିକ ଚିପା ନଲାଗେ । ଲକ୍ଷଣ ଦେଖିଲେ ସତର୍କ ହୁଅନ୍ତୁ ଓ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଯଦି ଗୋଡ଼ କାଲୁଆ ଲାଗୁଛି, ତେବେ ତୁରନ୍ତ ସେହି ପୋଷାକ ବଦଳାଇ ଦିଅନ୍ତୁ ଏବଂ ଆବଶ୍ୟକ ହେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



## ଏଆଇ ନେଉଛି ଭଡାରେ ମଣିଷ

ସାଧାରଣତଃ ମଣିଷ ଏଆଇକୁ ଭଡାରେ ନେଉଥିବା କଥା ଦେଖିବାକୁ ମିଳିଥାଏ, ହେଲେ ଆମେରିକାରେ ଏହାର ବୀପରିତ ଦିଗ ଦେଖିବାକୁ ମିଳୁଛି । ଏଠାରେ ଏଭଳି ଏକ ଷ୍ଟାର୍ଟଅପର ଉଦ୍ଭାବନ ହୋଇଛି ଯେଉଁଥିରେ ଏଆଇ ମଣିଷଙ୍କୁ ଭଡାରେ ନେଉଛି । ସୂଚନା ଅନୁସାରେ ଏଠାରେ ଏକ ନୂଆ ଆପ ବିକଶିତ ହୋଇଛି ଯାହାର ନାଁ ହେଉଛି ରେଣ୍ଟ ଏ ହ୍ୟୁମାନ. ଏଆଇ । ଏହି ପ୍ଲାଟଫର୍ମକୁ ଜଣେ ସଫ୍ଟୱେୟାର ଇଞ୍ଜିନିୟର ବିକଶିତ କରିଛନ୍ତି । ତାଙ୍କ ମତରେ ରୋବଟ ଗୁଡିଙ୍କୁ ବର୍ତ୍ତମାନ ମଣିଷ ଶରୀରର ଆବଶ୍ୟକତା ରହିଛି । ଏହି ପ୍ଲାଟଫର୍ମ ଖୁବ ସତର୍କତାର ସହିତ କାମ କରିଥାଏ । ଏଠାରେ ପ୍ରଥମେ ମଣିଷଙ୍କୁ ନିଜର ପ୍ରୋଫାଇଲ ପ୍ରସ୍ତୁତ କରିବାକୁ




ହୋଇଥାଏ । ସେମାନେ ଏଥିରେ ନିଜ କାମ ଏବଂ ଘଣ୍ଟାକୁ କେତେ ପଇସା ନେବେ ଲେଖିବାକୁ ହୋଇଥାଏ । ଯାହାପରେ ସେମାନଙ୍କୁ ଏଆଇ ଏଜେଣ୍ଟମାନେ କାମ ଦେବା ସହିତ କିଭଳି କାମ ହେବ ଏନେଇ ନିର୍ଦ୍ଦେଶ ଦେଇଥାଏ । ଏଥିରେ ମଣିଷଙ୍କୁ ବିଭିନ୍ନ କାମ ଯେପରି ଗୋଟିଏ ସ୍ଥାନରୁ ସାମଗ୍ରୀ ଉଠାଇବା, ସପିଂ ବ୍ୟାଗ ଉଠାଇବା, କୌଣସି ସାମଗ୍ରୀକୁ ଟେଷ୍ଟ କରିବା, ଫଟୋ ପୋଷ୍ଟ କରିବା ଭଳି କାମ ରହିଛି । ଏଠାରେ ମଣିଷମାନେ କାମ କରିବାପରେ ସଙ୍ଗେସଙ୍ଗେ ସେମାନଙ୍କୁ ନିଜର ପାରିଶ୍ରମିକ ମିଳିଯାଇଥାଏ । ବର୍ତ୍ତମାନ ସୁଦ୍ଧା ୧୩୦ରୁ ଅଧିକ ଲୋକ ଏହି ଷ୍ଟାର୍ଟଅପରେ କାମ କରୁଛନ୍ତି । ପ୍ଲାର୍ଟଫର୍ମଟି ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଥିବାର ଦେଖିବାକୁ ମିଳୁଛି ।

## ଫେରୁଛନ୍ତି ରିୟା

ସୁଶାନ୍ତ ସିଂ ରାଜପୁତଙ୍କ ନିଧନ ପରେ ଏକ ଲମ୍ବା ବ୍ରେକ୍ ନେଇଥିବା ରିୟା ଚକ୍ରବର୍ତ୍ତୀ ଏବେ ପୁଣିଥରେ ଚଳଚ୍ଚିତ୍ର ଏବଂ ସିରିଜ୍ ମାଧ୍ୟମରେ ପରଦାକୁ ଫେରୁଛନ୍ତି । ନିକଟରେ ଏକ ଇଭେଣ୍ଟରେ ସେ ଯୋଗ ଦେଇଥିଲେ, ଯେଉଁଠାରେ ସେ ନିଜର କମବ୍ୟାକ୍ ସିରିଜ୍ 'ଫ୍ୟାମିଲି ବିଜନେସ୍' ର ଆଧିକାରିକ ଘୋଷଣା କରିଛନ୍ତି । ଏହି ସିରିଜ୍‌ରେ ରିୟାଙ୍କ ସହ ଅନିଲ କପୁର ଏବଂ ବିଜୟ ବର୍ମା ମଧ୍ୟ ନଜର ଆସିବେ । ରିୟା ନିଜ ଇନଷ୍ଟାଗ୍ରାମରେ ଏହାର ଟିଜର ସେୟାର କରି ଲେଖିଛନ୍ତି ଯେ, ଯେତେବେଳେ କ୍ଷମତା ବଡ଼ ହୋଇଯାଏ, ସେତେବେଳେ ପରିବାର ଏବଂ ବ୍ୟବସାୟ ମଧ୍ୟରେ ଥିବା ସୀମା ଲିଭିଯାଏ । ତାଙ୍କର ଏହି ପ୍ରତ୍ୟାବର୍ତ୍ତନରେ ପ୍ରଶଂସକମାନେ ବହୁତ ଖୁସି ଅଛନ୍ତି ଏବଂ ସୋସିଆଲ ମିଡିଆରେ ତାଙ୍କୁ ବହୁତ ସମର୍ଥନ ମିଳୁଛି । ସୂଚନାଯୋଗ୍ୟ ଯେ, ୨୦୨୦ରେ ସୁଶାନ୍ତଙ୍କ ମୃତ୍ୟୁ ପରେ ଡ୍ରଗ୍ସ ମାମଲାରେ ରିୟାଙ୍କୁ ଗିରଫ କରାଯାଇଥିଲା, କିନ୍ତୁ ପରେ ସେ ଜାମିନ ପାଇଥିଲେ । ନିକଟରେ ବମ୍ବେ ହାଇକୋର୍ଟଙ୍କ ନିଷ୍ପତ୍ତି ପରେ ପାଞ୍ଚ ବର୍ଷ ପରେ ସେ ନିଜର ପାସପୋର୍ଟ ମଧ୍ୟ ଫେରି ପାଇଛନ୍ତି । ଏହି ବିବାଦ କାରଣରୁ ରିୟାଙ୍କର କ୍ୟାରିୟର ଉପରେ ସିଧାସଳଖ ପ୍ରଭାବ ପଡିଥିଲା । ତାଙ୍କ କ୍ୟାରିୟରରେ ଯେପରି ବ୍ରେକ ଲାଗିଯାଇଥିଲା । ତେବେ ପୁଣି ଫେରୁଥିବାରୁ ଖୁବ ଖୁସି ଅଛନ୍ତି ରିୟା ।



## ବିଳାସପୂର୍ଣ୍ଣ ହୋଟେଲ

୧୮୭୧ ମସିହା ଫେବୃଆରୀ ୪ ତାରିଖରେ ମୁମ୍ବାଇର ଏସପ୍ଲାନେଡ୍‌ଠାରେ ଏକ ଭବ୍ୟ ନୂତନ ହୋଟେଲ ଉନ୍ମୋଚିତ ହୋଇଥିଲା, ଯାହା ସହରର ସାମାଜିକ ଏବଂ ସ୍ଥାପତ୍ୟ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା । ଏହି ହୋଟେଲଟି ବମ୍ବେରେ ସେହି ସମୟରେ କେହି ଆଶା କରିନଥିବା ଆଧୁନିକତା ଏବଂ ସୁବିଧା ସୁଯୋଗ ପ୍ରଦାନ କରିଥିଲା । ଏଥିରେ ଅତ୍ୟାଧୁନିକ ଇଞ୍ଜିନିୟରିଂ ଏବଂ ବିଦେଶରୁ ଆମଦାନୀ ହୋଇଥିବା ସାମଗ୍ରୀର ବ୍ୟବହାର କରାଯାଇଥିଲା । ଏହି ହୋଟେଲର ନାମ ଥିଲା 'ୱାଟସନ୍ସ ଏସପ୍ଲାନେଡ୍ ହୋଟେଲ' ଯାହାକୁ ୧୮୬୭ରୁ ୧୮୭୧ ମସିହା ମଧ୍ୟରେ ନିର୍ମିତ ହୋଇଥିଲା । ବ୍ରିଟିଶ ମାଲିକ ଜନ୍ ଏଚ୍. ୱାଟସନ୍‌ଙ୍କ ପାଇଁ ସ୍ଥପତି ରୋଲାଣ୍ଡ ଏମ୍. ଅର୍ଡିଶ୍‌ଙ୍କ ଦ୍ୱାରା ପରିକଳ୍ପିତ ଏହି ହୋଟେଲର ସମ୍ପୂର୍ଣ୍ଣ କାଷ୍ଟ ଆଇରନ୍ ଗଠନଟି ପ୍ରଥମେ ଇଂଲଣ୍ଡରେ ନିର୍ମାଣ କରାଯାଇ ପରେ ମୁମ୍ବାଇରେ ଆଣି ଯୋଡ଼ା ଯାଇଥିଲା । ଏହାର ଭିତର ଭାଗ ପଲିସ୍ ହୋଇଥିବା ଶାଗୁଆନ୍ ଏବଂ ମହୋଗାନି କାଠରେ ସଜ୍ଜିତ ହୋଇଥିବାରୁ ଏହା ଏକ ପୂର୍ଣ୍ଣ ୟୁରୋପୀୟ ରୂପ ପାଇଥିଲା । ଯେତେବେଳେ ଭାରତରେ ବିଳାସପୂର୍ଣ୍ଣ ହୋଟେଲ ଶିଳ୍ପ ପ୍ରାୟ ନଥିଲା, ସେତେବେଳେ ଏହି ହୋଟେଲ ନିଜ ସମୟଠାରୁ ଯଥେଷ୍ଟ ଆଗରେ ରହିଥିଲା । ଦେଶର ପ୍ରଥମ କୋଠା ଭାବରେ ଏଠାରେ ବାଷ୍ପ ଚାଳିତ ଲିଫ୍ଟ ସ୍ଥାପନ କରାଯାଇଥିଲା । ଏହି ହୋଟେଲରେ ୧୩୦ଟି କୋଠରୀ ଏବଂ ୨୦ଟି ସୁଇଟ୍ ରହିଥିଲା, ଯାହା ନିଜର ଉନ୍ନତ ଖାଦ୍ୟପେୟ, ପ୍ରଶସ୍ତ କୋଠରୀ ଏବଂ ସାମାଜିକ କାର୍ଯ୍ୟକ୍ରମ ପାଇଁ ୟୁରୋପୀୟ ପର୍ଯ୍ୟଟକ ଓ ମୁମ୍ବାଇର ଅଭିଜାତ ଶ୍ରେଣୀର ପ୍ରଥମ ପସନ୍ଦ ପାଲଟିଥିଲା । ପ୍ରାୟ ଶହେ ବର୍ଷ ଧରି ସାମାଜିକ ମିଳନର ଏକ ମୁଖ୍ୟ କେନ୍ଦ୍ର ଭାବେ କାର୍ଯ୍ୟ କରିବା ପରେ ୧୯୬୦ ଦଶକରେ ଏହା ସବୁଦିନ ପାଇଁ ବନ୍ଦ ହୋଇଯାଇଥିଲା । ତେବେ ୧୮୯୬ ମସିହାରେ ଏହି ବିଲଡିଂ ଏକ ନୂଆ ଇତିହାସ ରଚିଥିଲା, ଯେତେବେଳେ ଏଠାରେ ଭାରତର ପ୍ରଥମ ସର୍ବସାଧାରଣ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଲୁମିୟର ବ୍ରଦର୍ସ ସେମାନଙ୍କ ବିଶ୍ୱ ଭ୍ରମଣ ସମୟରେ 'ସିନେମାଟୋଗ୍ରାଫ୍ ପ୍ରୋଜେକ୍ଟର' ବ୍ୟବହାର କରି କିଛି ସଂକ୍ଷିପ୍ତ ଚଳଚ୍ଚିତ୍ର ପ୍ରଦର୍ଶିତ କରି ପ୍ରଥମ କରି ଭାରତୀୟ ଦର୍ଶକଙ୍କୁ ଗତିଶୀଳ ଚିତ୍ର ସହ ଏଠାରେ ହିଁ ପରିଚିତ କରାଇଥିଲେ ।



## ଇତିହାସ

ବନାଗ୍ନି ସୁରକ୍ଷା ଦିବସ ସପ୍ତାହ

୧୮୯୮- ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଦକରଙ୍କ ପତ୍ନୀ ରମାବାଈ ଆମ୍ବେଦକରଙ୍କ ଜନ୍ମ ।

୧୯୧୫- ପ୍ରଥମଥର ପାଇଁ ଚଳନ୍ତା ଟ୍ରେନ୍‌ରେ ପଠାଯାଇଥିଲା ୱେୟାରଲେସ ମେସେଜ ।

୧୯୩୪- ଭୋଜପୁରୀ ଏବଂ ହିନ୍ଦୀ ଚଳଚ୍ଚିତ୍ରର ସୁପ୍ରସିଦ୍ଧ ଅଭିନେତା ସୁଜିତ କୁମାରଙ୍କ ଜନ୍ମ ।

୧୯୬୨- ଜର୍ମାନୀର ଏକ କୋଇଲା ଖଣିରେ ବିସ୍ଫୋରଣ ଘଟି ୨୯୮ ଶ୍ରମିକଙ୍କ ମୃତ୍ୟୁ ।

୧୯୮୩- କୋଲକାତାରେ ଇଷ୍ଟର୍ଣ୍ଣ ନ୍ୟୁଜ୍ ଏଜେନ୍ସିର ପ୍ରତିଷ୍ଠା ।

୧୯୯୩- ପ୍ରସିଦ୍ଧ ଭାରତୀୟ ବ୍ୟାଡମିଣ୍ଟନ ତାରକା କିଡ଼ାମ୍ବି ଶ୍ରୀକାନ୍ତଙ୍କ ଜନ୍ମ ।

୧୯୯୭- ଭାରତୀୟ ନୌଚାଳନା ଖେଳାଳି ଅର୍ଜୁନ ଲାଲ୍ ଜାଟ୍‌ଙ୍କ ଜନ୍ମ ।

୨୦୦୯- ଡି.ଲିଟ୍ ଡିଗ୍ରୀରେ ସମ୍ମାନିତ ହେଲେ ରାଷ୍ଟ୍ରପତି ପ୍ରତିଭା ଦେବୀସିଂ ପାଟିଲ ।

୨୦୧୦- ଦିଲ୍ଲୀର ପ୍ରଗତି ମଇଦାନରେ ଆୟୋଜିତ ୧୯ତମ ଅନ୍ତର୍ଜାତୀୟ ପୁସ୍ତକ ମେଳାର ଉଦ୍‌ଯାପନ ।

୨୦୨୨- ଭାରତୀୟ ସିନେ ଓ ଟେଲି ଅଭିନେତା ପ୍ରବୀଣ କୁମାର ସୋବତିଙ୍କ ନିଧନ ।

## ମିଠା ଡାଲି

ଓଡ଼ିଆ ରୁଚି

**ସାମଗ୍ରୀ-** ହରଡ଼ ଡାଲି ୧ କପ୍, ଗୁଡ଼ : ୧/୨ କପ୍ (କିମ୍ବା ସ୍ୱାଦ ଅନୁସାରେ), କୋରା ନଡ଼ିଆ : ୧/୨ କପ୍, ଅଦା : ୧ ଇଞ୍ଚ (ଛେଚା ହୋଇଥିବା), ହେଙ୍ଗୁ : ୧/୪ ଚାମଚ, ଗୋଟା ମସଲା : ଗୁଜୁରାତି (୩-୪), ଡାଲଚିନି (୧ ଇଞ୍ଚ), ତେଜପତ୍ର (୨ଟି), ହଳଦୀ ଗୁଣ୍ଡ ଓ ଲୁଣ: ସ୍ୱାଦ ଅନୁସାରେ, ଘିଅ : ୨-୩ ଚାମଚ, ଜିରା : ୧ ଚାମଚ, ଭଜା ଜିରା-ଲଙ୍କା ଗୁଣ୍ଡ : ୧ ଚାମଚ ।

**ପ୍ରଣାଳୀ-** ପ୍ରଥମେ ହରଡ଼ ଡାଲିକୁ ଭଲଭାବେ ଧୋଇ ଦିଅନ୍ତୁ । ପ୍ରେସର କୁକର୍ ବା ହାଣ୍ଡିରେ ୩ କପ୍ ପାଣି, ଡାଲି, ଲୁଣ, ହଳଦୀ ଏବଂ ତେଜପତ୍ର ଦେଇ ସିଝାନ୍ତୁ । ମନେରଖନ୍ତୁ, ମିଠା ଡାଲି ପାଇଁ ଡାଲି ପୁରା ମିଶିଯିବା ଦରକାର, କିନ୍ତୁ ଅଧିକ ପାଣିଆ ହେବା ଉଚିତ୍ ନୁହେଁ । ଡାଲି ସିଝିଗଲା ପରେ ସେଥିରେ ଗୁଡ଼, ଛେଚା ଅଦା ଏବଂ କୋରା ନଡ଼ିଆ ମିଶାନ୍ତୁ । ଏହାକୁ ୫-୭ ମିନିଟ୍ ପର୍ଯ୍ୟନ୍ତ କମ୍ ଆଞ୍ଚରେ ଫୁଟିବାକୁ ଦିଅନ୍ତୁ ଯେପରି ଗୁଡ଼ର ସ୍ୱାଦ ଡାଲି ସହ ଭଲଭାବେ ମିଶିଯିବ । ଏହାପରେ ଏକ ଛୋଟ ପ୍ୟାନରେ ୨ ଚାମଚ ଘିଅ ଗରମ କରନ୍ତୁ । ଘିଅ ଗରମ ହେଲେ ସେଥିରେ ଜିରା, ଗୁଜୁରାତି, ଡାଲଚିନି ଏବଂ ହେଙ୍ଗୁ ପକାଇ ଫୁଟାନ୍ତୁ । ଏହି ଛୁଙ୍କକୁ ଫୁଟୁଥିବା ଡାଲିରେ ଢାଳି ଦିଅନ୍ତୁ ଏବଂ ସାଙ୍ଗେ ସାଙ୍ଗେ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । ଶେଷରେ ଏହା ଉପରେ ଭଜା ଜିରା-ଲଙ୍କା ଗୁଣ୍ଡ ଏବଂ ଟିକେ ଅଧିକ କୋରା ନଡ଼ିଆ ଛିଞ୍ଚି ଦିଅନ୍ତୁ ।





**ମେଷ-** ଧନଲାଭ, କାର୍ଯ୍ୟ ସଫଳ, ଶରୀର ସୁସ୍ଥ, ଦୂରଯାତ୍ରା, ବ୍ୟବସାୟରେ ଉନ୍ନତି, ସମ୍ମାନ ପ୍ରାପ୍ତି, ଦ୍ରବ୍ୟଲାଭ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୫, ଆରାଧନା- ସୂର୍ଯ୍ୟ ନାରାୟଣ ।

**ବୃଷ-** ଶରୀର ଅସୁସ୍ଥ, ଅର୍ଥ ସମସ୍ୟା, ନୂତନ ବ୍ୟବସାୟ, ଦୂରଯାତ୍ରା, କଚେରୀ ମାମଲା, ଗୃହେ ଉତ୍ସବ, ଦେବକାର୍ଯ୍ୟରେ ଖୁସି, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା- ବିଷ୍ଣୁ ଭଗବାନ ।

**ମିଥୁନ-** ବୃଥା ଭ୍ରମଣ, ମାନସିକ ଅଶାନ୍ତି, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଜମି ଗଣ୍ଡଗୋଳ, ଲୋକସମ୍ପର୍କରେ ଉନ୍ନତି, ବନ୍ଧୁଲାଭ, କର୍ମକ୍ଷେତ୍ରେ ବାଧା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା- ମା ମହାଲକ୍ଷ୍ମୀ ।

**କର୍କଟ-** ସମ୍ପର୍କରେ ବାଧା ବାଣିଜ୍ୟରେ ସ୍ୱଳ୍ପ ଲାଭ, ଉତ୍ସବ ପ୍ରତି ଆଗ୍ରହ, ଯାନବାହନରେ ସତର୍କ ଦେବଭକ୍ତି, ସମ୍ମାନପ୍ରାପ୍ତି, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୨, ଆରାଧନା- ମହାକାଳୀ ।

**ସିଂହ-** ଶତ୍ରୁସମସ୍ୟା, ବନ୍ଧୁଲାଭ, ଦେବଦର୍ଶନ, ସମ୍ମାନଲାଭ, ହଠାତ୍ ଦୂରଯାତ୍ରା, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହାୟତା, ଆଶା ସଫଳ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- କୁବେର ଭଗବାନ ।

**କନ୍ୟା-** କାର୍ମକ୍ଷେତ୍ରେ ଆନନ୍ଦ, ମାନସିକ ଖୁସି, ତୀର୍ଥାଟନ, ସୁସମ୍ପର୍କ, ଶତ୍ରୁ ସମସ୍ୟା, ଦ୍ରବ୍ୟଲାଭ, ବାଣିଜ୍ୟରେ ଖୁସି, ବିଦ୍ୟାରେ ଅସଫଳ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ ।

**ତୁଳା-** ଶରୀର ସୁସ୍ଥ, ଦାମ୍ପତ୍ୟ କଳହ, ଦେବକାର୍ଯ୍ୟରେ ଆଗ୍ରହ, ଧନନାଶ, ଶତ୍ରୁ ସମସ୍ୟା, ବାଣିଜ୍ୟରେ ଲାଭ, ବନ୍ଧୁ ସାହାଯ୍ୟ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ ।

**ବିଛା-** ସମ୍ମାନ ଲାଭ, ନୂତନ ସମସ୍ୟା, ବ୍ୟବସାୟରେ ଲାଭ, ସୁସମ୍ପର୍କ, ମାନସିକ ଶାନ୍ତି, ଦୂରଯାତ୍ରାରେ ସମସ୍ୟା, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୨, ଆରାଧନା- ପ୍ରଭୁ ନାରାୟଣ ।

**ଧନୁ-** ନୂତନ ଆୟ, ଶରୀର ସୁସ୍ଥ, ଲୋକସମ୍ପର୍କରେ ଉନ୍ନତି, ମାନସିକ ଚାପ, କାର୍ଯ୍ୟରେ ଅସଫଳ, ଅର୍ଥଚିନ୍ତା, ସମ୍ପତ୍ତିଲାଭ, ଦେବକାର୍ଯ୍ୟ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୧, ଆରାଧନା- ରାଧାକୃଷ୍ଣ ।

**ମକର-** ଭୟ ବୃଦ୍ଧି, ଦୂରଯାତ୍ରା, ଅଶୁଭ ସମାଚାର, ଉତ୍ସବେ ଖୁସି, ଲୋକସମ୍ପର୍କ ହାନି, ଶରୀର ସୁସ୍ଥ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଦ୍ରବ୍ୟଲାଭ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୩, ଆରାଧନା- ପ୍ରଭୁ ଲୋକନାଥ ।

**କୁମ୍ଭ-** ଶରୀର ସୁସ୍ଥ, ବନ୍ଧୁକଳହ, ବ୍ୟକ୍ତି ସହାୟତା, ଧନଲାଭ, ଦୂରସମ୍ପର୍କରେ ବାଧା, ବ୍ୟବସାୟରେ ଉନ୍ନତି, ଦ୍ରବ୍ୟଲାଭ, ଯାନବାହନେ ସତର୍କ, ମାନସିକ ଅଶାନ୍ତି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୫, ଆରାଧନା- ମା ଭଗବତୀ ।

**ମୀନ-** ମାନସିକ ଶାନ୍ତି, ଶତ୍ରୁ ପରାଜିତ, ନୂତନ କାର୍ଯ୍ୟ ଆରମ୍ଭ, ବନ୍ଧୁ ସହଯୋଗ, ଦୂରଯାତ୍ରା, ଦ୍ରବ୍ୟ ପ୍ରାପ୍ତି, ଗୃହେ ଅଶାନ୍ତି, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା- ମା ମଙ୍ଗଳା ।

**ଫାଲଗୁନ କୃଷ୍ଣପକ୍ଷ, ଷଷ୍ଠୀ**

**୭.୨.୨୦୨୬ ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮






## ଗାଡ଼ି ସହିତ ୬୬ କିଲୋ ଚୋରା ଗଞ୍ଜେଇ ଜବତ କଲା ଅବକାରୀ ବିଭାଗ

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିବା ବେଳେ ଖୋର୍ଦ୍ଧା ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ୱାବଧାନରେ ଜଟଣୀ ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଖୋର୍ଦ୍ଧା ଦିଗରୁ ପିପିଲି ଗୁଡ଼ିଆ ପୋଖରୀ ଅଞ୍ଚଳକୁ ଯାଉଥିବା ଚୋରା ଗଞ୍ଜେଇ ଭର୍ତ୍ତି ଏକ କ୍ରେଟା କାରକୁ ସ୍ଥାନୀୟ ବେଲପଡା ବଡତୋଟା ହାଇସ୍କୁଲ ନିକଟରେ ଜବତ କରାଯାଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଉକ୍ତ ଓଡ଼ି ୧୫ଏସ ୦୦୧୬ ନମ୍ବର ବିଶିଷ୍ଟ କ୍ରେଟା କାରରେ ତିନୋଟି ଜରି ବସ୍ତାରେ ୬୬କିଲୋ ଗଞ୍ଜେଇକୁ ଜବତ କରାଯାଇଥିଲା ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୬ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଅଧିକାରୀ ଶ୍ରୀ ମୁଦୁଲି କହିଛନ୍ତି। ଏ ନେଇ ଅବକାରୀ ଥାନାରେ ୧୭୩/୨୫-୨୬ ରେ ଏକ ମାମଲା ରୁଜୁ କରାଯାଇ ଚାଲାଣକାରୀ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳର ଚୈତନ୍ୟ ଦିଗଲ (୩୨) ଏବଂ ସଦାନନ୍ଦ ପୃଷ୍ଟି (୪୮) ଆସାମୀ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଦେଖିଲେ ମୁଖ୍ୟମନ୍ତ୍ରୀ

# ପରୀକ୍ଷା ଫଳାଫଳରେ ସଫଳତା ନଥାଏ, ଜ୍ଞାନ ଆହରଣ ହିଁ ସଠିକ୍ ମାର୍ଗ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ପ୍ରତିବର୍ଷ ଫେବୃଆରୀ ଓ ମାର୍ଚ୍ଚ ମାସ ଆସିଲେ ସ୍କୁଲ୍ କଲେଜରେ ପରୀକ୍ଷାର ସମୟ ଆସିଯାଏ । ପରୀକ୍ଷାର ଫଳାଫଳରେ ଜୀବନର ସଫଳତାକୁ ନ ମାପି, ଜ୍ଞାନ ଆହରଣ କରିବାର ମାର୍ଗକୁ ବାଛିବା ଆବଶ୍ୟକ । ଜ୍ଞାନ ହିଁ ତୁମକୁ ଶିଖାଇବ, ଆଗକୁ ବଢ଼ିବାର ଜୀବନ କୌଶଳ ପ୍ରଦାନ କରିବ । ଅଧିକ ନମ୍ବର ରଖିଥିବା ବ୍ୟକ୍ତି ହେଉଛି ସଫଳତମ ବ୍ୟକ୍ତି, ଏ ଭଳି ଭୁଲ ଧାରଣାକୁ ଆପଣେଇବ ନାହିଁ । ତେଣୁ, ପରୀକ୍ଷା ପାଇଁ ବିଚଳିତ ନହୋଇ ଏହାକୁ ଆମେ ହସ ହସ ମୁହଁରେ ସାମ୍ନା କରିବା ଓ ଆଗକୁ ବଢିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ଶୁକ୍ରବାର ଏହି ଅବସରରେ ପରୀକ୍ଷା ପେ ଚର୍ଚ୍ଚାର ନବମ ସଂସ୍କରଣ ୨୦୨୬ ଶିକ୍ଷା ବର୍ଷର ପରୀକ୍ଷାର୍ଥୀମାନଙ୍କ ସହ ଭୁବନେଶ୍ୱରୟୁନିଟ୍-୧ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଦେଖିଛନ୍ତି । ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ସହ କଥାବାର୍ତ୍ତା ହୋଇ ପରୀକ୍ଷା ସମୟର ପ୍ରସ୍ତୁତି ଓ ପାଠପଢା ସମୟର ପ୍ରସ୍ତୁତି ବିଷୟରେ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଚାପରେ ନୁହେଁ, ଧୈର୍ଯ୍ୟ ରଖି ପାଠ ପଢିଲେ ପରୀକ୍ଷାର ପ୍ରସ୍ତୁତି ଉଚ୍ଚକୋଟୀର ହେବ । ପରୀକ୍ଷା ସମୟରେ ଏହି ଦୁଇଟି ଜିନିଷ ପ୍ରତ୍ୟେକ ପିଲାଙ୍କ ପାଇଁ ଲାଭଦାୟକ ହେବ । ନିଜର ଆତ୍ମ ବିଶ୍ୱାସ ହିଁ ସଫଳତାର ପ୍ରମୁଖ ଚାବିକାଠି । ଆଉ ଆତ୍ମ ବିଶ୍ୱାସ ଆସିଥାଏ ସତ କହିବା ଦ୍ୱାରା । ଏହା କହି ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆତ୍ମବିଶ୍ୱାସର ତତ୍ତ୍ୱ ବୁଝାଇଥିଲେ । ପାଠ ପଢିବା ପାଇଁ ଆରାମ ଦାୟକ ପରିବେଶର ଆବଶ୍ୟକତା ନାହିଁ, ଯଦି ପାଠ ପଢିବା ପାଇଁ ପ୍ରକୃତ ଇଚ୍ଛାଶକ୍ତି ଓ ମନୋବୃତ୍ତି ଥିବ, ତେବେ ସବୁ ପରିବେଶ ଆରାମ ଦାୟକ ।

ଜୀବନ ଜିଇଁବା ପାଇଁ ସବୁବେଳେ ଭବିଷ୍ୟତ କଥା ଚିନ୍ତାକରି ଆଗକୁ ବଢିବା ଉଚିତ । ତାହେଲେ ଯାଇ ଆପଣଙ୍କୁ ଆପଣଙ୍କ ୱିନିଙ୍ଗ୍ ଗୋଲ୍ ସ୍ପଷ୍ଟ ଦେଖାଯିବ । ଏହି ଅବସରରେ ଅଭିଭାବକମାନଙ୍କୁ ଉପଦେଶ ଦେଇ ସେ କହିଥିଲେ ଯେ ପିଲାମାନଙ୍କୁ କ୍ଷମତା, ଯୋଗ୍ୟତା ଓ ରୁଚି ଅନୁଯାୟୀ ପ୍ରେରଣା ଦିଅନ୍ତୁ । ପିଲାଙ୍କର ଚାରିତ୍ରିକ ବିକାଶ, ଶୃଙ୍ଖଳା ଜ୍ଞାନ ଏ ସବୁ ନିଜ ଘରେ, ନିଜ ପାରିବାରିକ ପରିବେଶରେ ହିଁ ବୃଦ୍ଧି ହୁଏ । ଏଣୁ ପିଲାଦିନରୁ ହିଁ ସେମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ କରନ୍ତୁ, ଦେଖିବେ ପ୍ରତ୍ୟେକ ଶିଶୁ ଜଣେ ଉଦୀୟମାନ ଛାତ୍ର ଭାବେ ଉଭା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଓସେପା ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।




## ତିନୋଟି ପୃଥକ ବିଧାନସଭା ନର୍ବାଚନ ଅନିୟମିତତା ମାମଲା

# ଝାରସୁଗୁଡ଼ା, ରାଉରକେଲା ଓ ଚାନ୍ଦବାଲି ବିଧାୟକଙ୍କ ବିରୋଧରେ ମାମଲା ଚାଲିବ

କଟକ,(ସବ୍ୟୁ): ତିନୋଟି ପୃଥକ ବିଧାନସଭା ନିର୍ବାଚନୀ ମାମଲାରେ ବିଧାୟକଙ୍କ ପକ୍ଷରୁ ରୁଜୁ ଅନ୍ତରୀଣ ପିଟିସନ୍‌କୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଝାରସୁଗୁଡ଼ା ବିଧାନସଭା ଆସନରୁ ଜିତିଥିବା ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ, ରାଉରକେଲା ବିଧାନସଭା କ୍ଷେତ୍ରରୁ ବିଜେଡ଼ିରୁ ଜିତିଥିବା ବିଧାୟକ ସାରଦା ନାୟକ ଏବଂ ଚାନ୍ଦବାଲି ବିଧାନସଭା କ୍ଷେତ୍ରରୁ ବିଜେଡ଼ିରୁ ଜିତିଥିବା ବିଧାୟକ ବ୍ୟୋମକେଶ ରାୟଙ୍କ ପକ୍ଷରୁ ସେମାନଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାକୁ ରଦ୍ଦ ପାଇଁ ଅନ୍ତରୀଣ ପିଟିସନ୍ ଦାଖଲ କରିଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ତିନୋଟି ଯାକ ଅନ୍ତରୀଣ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ତିନି ବିଧାୟକଙ୍କ ବିରୋଧରେ ନିର୍ବାଚନୀ ମାମଲା ଚାଲିବା ସ୍ପଷ୍ଟ ହୋଇଯାଇଛି।

ଝାରସୁଗୁଡ଼ା ବିଧାନସଭା ନିର୍ବାଚନୀ ମାମଲାରେ ଟଙ୍କଧର ତ୍ରିପାଠୀଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ତଥା ବିଜେଡ଼ିରୁ ପ୍ରାର୍ଥୀ ହୋଇ ହାରିଥିବା ଦୀପାଳି ଦାସ ଏହି ନିର୍ବାଚନୀ ମାମଲା ରୁଜୁ କରିଥିଲେ । ଟଙ୍କଧର ତ୍ରିପାଠୀ ପ୍ରାର୍ଥୀପତ୍ର ଦାଖଲ ସମୟରେ ନିଜ ସମ୍ପର୍କରେ ଅନେକ ତଥ୍ୟ ଲୁଚାଇଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ତେଣୁ ତାଙ୍କ ବିଧାୟକ ପଦ ରଦ୍ଦ ପାଇଁ ସେ ପ୍ରାର୍ଥନା କରିଥିଲେ। ଏହି ମାମଲାର ଶୁଣାଣି ପୂର୍ବରୁ ଖାରଜ ପାଇଁ ବିଧାୟକ ଶ୍ରୀ ତ୍ରିପାଠୀ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରିଥିଲେ। ଏହି ପିଟିସନ୍ ଅଦାଲତରେ ଖାରଜ ହୋଇଯାଇଥିଲା। ଏହି ଆଦେଶ ବିରୋଧରେ ଶ୍ରୀ ତ୍ରିପାଠୀ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମ୍‌କୋର୍ଟ ଏହି ମାମଲାକୁ ହାଇକୋର୍ଟକୁ ସାନି ବିଚାର ପାଇଁ ପଠାଇ ଦେଇଥିଲେ। ହାଇକୋର୍ଟ ଆଜି ଏହି ମାମଲାର ଶୁଣାଣି କରି ପୁନର୍ବାର ଏହି ପିଟିସନ୍‌କୁ ଖାରଜ କରି ଦେଇଛନ୍ତି।

ସେହିପରି ରାଉରକେଲା ବିଧାୟକ ସାରଦା ନାୟକଙ୍କ ବିରୋଧରେ ହାଇକୋର୍ଟରେ ମୋଟ୍ ଚାରୋଟି ନିର୍ବାଚନୀ ମାମଲା ରୁଜୁ ହୋଇଥିଲା । ଏହି ଚାରୋଟି ଯାକ ନିର୍ବାଚନୀ ମାମଲାକୁ ରଦ୍ଦ ପାଇଁ ଶ୍ରୀ ନାୟକ ଅନ୍ତରୀଣ ପିଟିସନ୍ ରୁଜୁ କରିଥିଲେ । ହାଇକୋର୍ଟ ଆଜି ଏହି ମାମଲାର ଶୁଣାଣି କରି ତିନୋଟି ମାମଲାକୁ ଖାରଜ କରି ଦେଇଛନ୍ତି । ବିଧାୟକ ସାରଦା ନାୟକଙ୍କ ବିରୋଧରେ କେବଳ ବିଜେପିରୁ ପ୍ରାର୍ଥୀ ହୋଇ ହାରିଥିବା ଦିଲ୍ଲୀପ ରାୟଙ୍କ ପିଟିସନ୍‌କୁ କାଏମ୍ ରଖିଛନ୍ତି। ଚାନ୍ଦବାଲିରୁ ବିଜେଡ଼ିରୁ ଜିତିଥିବା ବିଧାୟକ ବ୍ୟୋମକେଶ ରାୟଙ୍କ ବିରୋଧରେ କିଶୋର କୁମାର ନାୟକ ଏହି ନିର୍ବାଚନୀ ମାମଲା ରୁଜୁ କରିଥିଲେ। କିଶୋରଙ୍କ ପିଟିସନ୍‌କୁ ଖାରଜ ପାଇଁ ବ୍ୟୋମକେଶ ରାୟ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରିଥିଲେ । ଏହି ଅନ୍ତରୀଣ ପିଟିସନ୍‌କୁ ହାଇକୋର୍ଟ ଆଜି ଖାରଜ କରି ଦେଇଛନ୍ତି।

## ନୂଆଦିଲ୍ଲୀରେ 'ପରୀକ୍ଷା ପେ ଚର୍ଚ୍ଚା- ୨୦୨୬' ର ସ୍ପେଶାଲ ସ୍କ୍ରିନିଂ

# 'ପରୀକ୍ଷା ପେ ଚର୍ଚ୍ଚା' ଛାତ୍ରଛାତ୍ରୀଙ୍କ ପାଇଁ ସର୍ବଶ୍ରେଷ୍ଠ ମାର୍ଗଦର୍ଶକ ସାଜିଛି : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' ଦେଶର କୋଟି କୋଟି ବିଦ୍ୟାର୍ଥୀଙ୍କୁ ନୂଆ ରାସ୍ତା ଦେଖାଉଛି । ପ୍ରଧାନମନ୍ତ୍ରୀଙ୍କ ଛୋଟ ଛୋଟ ଟିପ୍ସ ଏବଂ ସରଳ ଉଦାହରଣ ଛାତ୍ରଛାତ୍ରୀଙ୍କ ମନରୁ ପରୀକ୍ଷା ଭୟ ଦୂର କରି ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସବୁଠୁ ବଡ ମାର୍ଗଦର୍ଶକ ସାଜିବାରେ ସହାୟକ ହୋଇଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଜି ନୂଆଦିଲ୍ଲୀ ସ୍ଥିତ ଜିଏମସି ବାଲଯୋଗୀ ଅଡ଼ିଟୋରିୟମ ଠାରେ ଆୟୋଜିତ 'ପରୀକ୍ଷା ପେ ଚର୍ଚ୍ଚା-୨୦୨୬' ର ସ୍ପେଶାଲ ସ୍କ୍ରିନିଂ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଶ୍ରୀ ପ୍ରଧାନ । ମନ୍ତ୍ରୀ, ସହଯୋଗୀ ସାଂସଦ ଏବଂ ବହୁ ସଂଖ୍ୟାରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ସହ ବସି ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାଷ୍ଟରକ୍ଲାସକୁ ଉପଭୋଗ କରିବା ସହ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ପରୀକ୍ଷା ପେ ଚର୍ଚ୍ଚାର ନବମ ସଂସ୍କରଣରେ ଉପାଦେୟ ପରାମର୍ଶ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ କହିଛନ୍ତି, 'ପରୀକ୍ଷା ପେ ଚର୍ଚ୍ଚା' କେବଳ ପରୀକ୍ଷା ରେଜଲ୍ଟ ପାଇଁ ନୁହେଁ, ବରଂ ଏହା ଶିଶୁର ବୌଦ୍ଧିକ ଓ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରେ । ଏହା ବିଦ୍ୟାର୍ଥୀଙ୍କ ବ୍ୟକ୍ତିତ୍ୱକୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଭୟମୁକ୍ତ ପରିବେଶରେ ଭଲ ପ୍ରଦର୍ଶନ ପାଇଁ ପ୍ରୋତ୍ସାହିତ କରିଛି । ଏହି କାର୍ଯ୍ୟକ୍ରମ ଆଜି ଦେଶବ୍ୟାପୀ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ଏହି କାର୍ଯ୍ୟକ୍ରମରେ ଟାଇମ ମ୍ୟାନେଜମେଣ୍ଟ ବା ସମୟ ପରିଚାଳନା, ମାନସିକ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ଖାଦ୍ୟ ଉପରେ ପ୍ରଧାନମନ୍ତ୍ରୀ ଦେଇଥିବା ପରାମର୍ଶ କେବଳ ଛାତ୍ରଛାତ୍ରୀ ନୁହେଁ, ବରଂ ଶିକ୍ଷକ ଓ ଅଭିଭାବକମାନଙ୍କ ପାଇଁ ମଧ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ । ଏହି ଅନନ୍ୟ ମାର୍ଗଦର୍ଶନ ଛାତ୍ରଛାତ୍ରୀଙ୍କୁ 'ବିକଶିତ ଭାରତ' ର ସାରଥି ଭାବେ ଗଢ଼ିତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ । ଶେଷରେ, କେନ୍ଦ୍ରମନ୍ତ୍ରୀ ଆଗାମୀ ପରୀକ୍ଷା ପାଇଁ ସମସ୍ତ 'ଏଗଜାମ ୱାରିୟର୍ସ' ବା ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନେ ଦୃଢ଼ ଆତ୍ମବିଶ୍ୱାସର ସହ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ପ୍ରକଟ କରିଛନ୍ତି ।




# ଭାଇ ବୋହୂକୁ ଶାରୀରିକ ନିର୍ଯ୍ୟାତନା : ଓକିଲଙ୍କ ବିରୋଧରେ ଥାନାରେ ଅଭିଯୋଗ

ପୁରୀ, (ସବ୍ୟୁ): ସାନ ଭାଇ ମୃତ୍ୟୁ ପରେ ଜଣେ ଅସହାୟ ବିଧବା ମହିଳା ତଥା ଭାଇ ବୋହୂ ଉପରେ ମନ୍ଦ ଉଦ୍ଦେଶ୍ୟ ରଖି ଦେଢ଼ଶୁର ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇ ଥିବା ନେଇ କୁମ୍ଭାରପଡ଼ା ଥାନା ରେ ଲିଖିତ ଅଭିଯୋଗ ହୋଇଛି । ଏହି ଅଭିଯୋଗ କରିଛନ୍ତି ପୁରୀ ବଡ ଶଙ୍କର ଦେବାଶିଶ ଦାସଙ୍କ ପତ୍ନୀ ଜ୍ୟୋତିର୍ମୟୀ ଦାସ । ସେ ଅଭିଯୋଗ କରିଛନ୍ତି ତାଙ୍କ ଦେଢ଼ ଶୁର ଦେବାଶିଷ ଦାସ ପୁରୀରେ ଓକିଲାତି କରନ୍ତି । ସେ ତାଙ୍କୁ କିଛି ଦିନ ହେବ ମନ୍ଦ ଉଦ୍ଦେଶ୍ୟ ରଖି ନିର୍ଯ୍ୟାତନା ଦେଇ ଆସୁଛନ୍ତି । ଦେବାଶିଷ ତାଙ୍କୁ କହୁଛନ୍ତି ତୁ ମୋତେ ଗ୍ରହଣ କରି ନେ । ଏଭଳି କିଛି ଅଭିଯୋଗ କରିଛନ୍ତି କୁମ୍ଭାରପଡ଼ା ଥାନାରେ ଜ୍ୟୋତିର୍ମୟୀ । ସେ ଜଣେ ବିଧବା ମହିଳା । ତାଙ୍କ ସୂଚନା ମୁତାବକ ଗତ କିଛିଦିନ ତଳେ ତାଙ୍କ ସ୍ୱାମୀ ଶିବାଶିଷ ଦାସଙ୍କ ଦେହାନ୍ତ ହୋଇଯାଇଛି । ସାନ ଭାଇର ମୃତ୍ୟୁ ପରେ ଦେଢ଼ଶୁର ଦେବାଶିଷ ସେମାନଙ୍କ ଭରଣ ପୋଷଣ କରୁଛନ୍ତି । ହେଲେ ଗତ କିଛିଦିନ ହେବ ଦେଢ଼ଶୁର ଦେବାଶିଷ ପ୍ରତ୍ୟେକ ସମୟରେ ମଦ୍ୟପାନ କରି ଭାଇ ବୋହୂ ଜ୍ୟୋତିର୍ମୟୀଙ୍କ ଉପରେ ଅକଥନୀୟ ଅତ୍ୟାଚାର କରି ଆସୁଛନ୍ତି । ଏନେଇ ଜ୍ୟୋତିର୍ମୟୀ ମହିଳା ସେଲ ଭୁବନେଶ୍ୱରରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ମହିଳା ସେଲ ପକ୍ଷରୁ କୁମ୍ଭାରପଡ଼ା ଥାନାକୁ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ ନିମନ୍ତେ ନୋଟିସ ଜାରି କରା ଯାଇଛି । ଜ୍ୟୋତିର୍ମୟୀଙ୍କ ଗୋଟିଏ ଛୋଟ ପୁଅ ଥିବାରୁ ତାର ଭବିଷ୍ୟତକୁ ନଜର କରି ସମସ୍ତ କଷ୍ଟକୁ ଛାତିରେ ଚାପିରଖି ସହି ଯାଉଥିଲେ । ଏବେ ଯନ୍ତ୍ରଣା ଅସହ୍ୟ ହେବାରୁ ସେ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କୁ ସହଯୋଗ କରିବା ନିମନ୍ତେ ବାପୁଜୀ ସହଯୋଗ ଅନୁଷ୍ଠାନ ପୁରୀ ପକ୍ଷରୁ ଏହାର ସଭାପତି ପ୍ରମୋଦ କୁମାର ଜେନା ଏବଂ ତାଙ୍କ ସହଯୋଗୀ ହାତ ବଢେଇଛନ୍ତି । ବାରମ୍ବାର ଏଭଳି ଘଟଣା ହେଉ ଥିବାରୁ ପିଡୀତା କିଛିଦିନ ହେବ ଭୟଭୀତ ଅବସ୍ଥାରେ ବାପ ଘରେ ରହି ଆସୁଛନ୍ତି । ଶୁକ୍ରବାର ଏହାର ତଦନ୍ତ ନିମନ୍ତେ କୁମ୍ଭାରପଡ଼ା ଥାନା ପୋଲିସଙ୍କ ସହ ଜ୍ୟୋତିର୍ମୟୀ ଶଶୁର ଘରକୁ ଆସିଛନ୍ତି ।

## ଅଶ୍ଳୀଳ ନାଚ ମାମଲା : ନିଶା ମହାରଣାଙ୍କୁ ଆଗୁଆ ଜାମିନ୍

କଟକ,(ସବ୍ୟୁ): ଯାତ୍ରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଘଟଣାରେ ନିଶା ମହାରଣାଙ୍କୁ ହାଇକୋର୍ଟ ଆଜି ଆଗୁଆ ଜାମିନ ପ୍ରଦାନ କରିଛନ୍ତି । ୨୦ ହଜାର ଟଙ୍କା ଏବଂ ଜଣେ ଜାମିନଦାର ବଦଳରେ ସେ ଆଗୁଆ ଜାମିନ୍‌ରେ ଯିବେ। ତେବେ ନିମ୍ନ ଅଦାଲତ ଯାହା ଚାହିଁବେ ସର୍ତ୍ତ ମଧ୍ଯ ଧାର୍ଯ୍ୟ କରିପାରିବେ ବୋଲି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଆଦେଶରେ ସ୍ପଷ୍ଟ କରିଛନ୍ତି। ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟିଠାରେ ଆୟୋଜିତ ଏକ ଅପେରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବାରୁ ନିଶାଙ୍କ ନାମରେ ବଲାଙ୍ଗୀର ସଦର ଥାନାରେ ଏଫଆଇଆର ଦିଆଯାଇଥିଲା। ଏହି ଘଟଣାରେ ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ଲାଗି ନିଶା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଯୋଗୁ ମଞ୍ଚ ତଳେ ବସିଥିବା ଦର୍ଶକମାନେ ଚେୟାର ଫିଙ୍ଗିଥିଲେ । ଫଳରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା । ଏହାକୁ ନେଇ ବଲାଙ୍ଗୀର ସଦର ଥାନା ନିଜଆଡ଼ୁ ଏତଲା ରୁଜୁ କରିଥିଲା। ଏହି ମାମଲାରେ ଗିରଫଦାରୀକୁ ଏଡ଼ାଇବା ଲାଗି ନିଶା ମହାରଣା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।





ବ୍ଲାକ୍ ସ୍ୱାନ୍ ଶିଖର ସମ୍ମିଳନୀରେ ଉଦ୍‌ବୋଧନ ଦେଉଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ଓଡ଼ିଶା ଗସ୍ତରେ ଚେନ୍ନାଇ ଗଣମାଧ୍ୟମ ପ୍ରତିନିଧି ଦଳ

ଭୁବନେଶ୍ୱର, (ସବ୍ୟୁ): ଚେନ୍ନାଇରୁ ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସିଛି। ଏହି ଅବସରରେ ଶୁକ୍ରବାର ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ପ୍ରତିନିଧି ଦଳର ସଦସ୍ୟମାନେ ପିଆଇବି ଓ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା ଓ ମତବିନିମୟ କରିଥିଲେ। ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ମିଶ୍ର ସେମାନଙ୍କୁ ଓଡ଼ିଶାରେ ଗଣମାଧ୍ୟମର ସ୍ଥିତି ଏବଂ ପିଆଇବି ଓ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ପକ୍ଷରୁ କରାଯାଉଥିବା ବିଭିନ୍ନ କ୍ଷେତ୍ରୀୟ ପ୍ରଚାରପ୍ରସାର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏହି



ଅବସରରେ ପିଆଇବି ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା,ପ୍ରଦୀପ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ଗସ୍ତ କାଳୀନ ପ୍ରତିନିଧି ଦଳ କଳିଙ୍ଗନଗର, କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟପାଳନ ସଂସ୍ଥାନ(ସିଫା), ପାରାଦୀପ ବନ୍ଦର ଏବଂ ମାରିଟାଇମ୍ ମ୍ୟୁଜିୟମ୍ ପରିଦର୍ଶନ କରି ଓଡ଼ିଶାର ଶିଳ୍ପ ଉନ୍ନତି, ବୈଜ୍ଞାନିକ ଗବେଷଣା, ବନ୍ଦର ଏବଂ ସାମୁଦ୍ରିକ ଐତିହ୍ୟ ସମ୍ପର୍କରେ ଧାରଣା ନେଇଥିଲେ। ଚେନ୍ନାଇ ଗଣମାଧ୍ୟମ ପ୍ରତିନିଧି ଦଳର ଏହି ଗସ୍ତ ଓଡ଼ିଶାର ବିଭିନ୍ନ ଉନ୍ନୟନମୂଳକ କ୍ଷେତ୍ର, ପ୍ରତିଷ୍ଠାନ ଏବଂ କେନ୍ଦ୍ର ସରକାରୀ ପ୍ରକଳ୍ପଗୁଡ଼ିକୁ ନିକଟରୁ ଅବଲୋକନ କରିବାରେ ସହାୟକ ହେବ।

## ବିଦ୍ୟୁତ ଫାଶରେ ଗୟଳ ମୃତ

ଗଣିଆ, (ସବ୍ୟୁ): ନୟାଗଡ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଂଚଳରେ ଦିନକୁ ଦିନ ଶୀକାରିଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି । । ଗତ ୨ମାସ ମଧ୍ୟରେ ଏହି ବନାଂଚଳରେ ବିଦ୍ୟୁତ ଫାଶରେ ୨ଟି ଅଣ୍ଡିରା ଗୟଳଙ୍କର ମୃତ୍ୟୁ ହୋଇଛି । ଗତ ନଭେମ୍ବର ମାସରେ ବଡମୂଳ ବିଟ ଅଚଂଳରେ ଗୋଟିଏ ଗୟଳର ମୃତ୍ୟୁ ହୋଇଥିବା ବେଳେ ଶୁକ୍ରବାର ରାଜିଙ୍ଗି ବିଟ ର ବେଟଂପଡା ମାଳିସାହି ଗ୍ରାମ ନିକଟରେ ବିଦ୍ୟୁତ ଫାଶରେ ଆଉ ଏକ ଗୟଳର ମୃତ୍ୟୁ ହୋଇଛି । ଶୁକ୍ରବାର ସକାଳୁ ଖବରପାଇ ଛାମୁଣ୍ଡିଆ ବନାଂଚଳ ଅଧିକାରୀ ପ୍ରଦୀପ ଭୂତିଆ, ବନପାଳ ଗାୟତ୍ରୀ ପରିଡା , ବନରକ୍ଷୀ ଶରତ କୁମାର ପଣ୍ଡା ଘଟଣାସ୍ଥଳରେ ପହଚିଂ ମୃତ ଗୟଳଟିକୁ ଜବତ କରିବା ସହ ଆଖପାଖରୁ ଛିଣ୍ଡା ବିଦ୍ୟୁତ ତାର ପାଇଥିଲେ ।

### ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର

# ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ନେଲେ ସୁରେଶ କୁମାର ବଶିଷ୍ଠ

ଭୁବନେଶ୍ୱର, (ସବ୍ୟୁ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ସୁରେଶ କୁମାର ବଶିଷ୍ଠ (ଭା.ପ୍ର.ସେ) କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ । କାର୍ଯ୍ୟଭାର ଗ୍ରହଣ କଲା ପରେ ବଶିଷ୍ଠ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ଅଭିଯାନର ସୁଦୃଢ଼ୀକରଣ ଏବଂ ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । ଆର୍ଥିକ ଦୁର୍ବଳ ଓ ଅସହାୟ ଲୋକମାନଙ୍କ ପାଖକୁ ସରକାରଙ୍କ ମହତ୍ୱାକାଂକ୍ଷୀ



ଯୋଜନାଗୁଡ଼ିକର ସୁଫଳ ପହଂଚାଇବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବିଭାଗର ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟାୱରୀ, ସ୍ୱତନ୍ତ୍ର ଶାସନ ସଚିବ ସୁଶ୍ରୀ ରଜନୀ ଜାନୀ, ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ଶ୍ରୀ ଦୀପକ ରାଉତରାୟ ଓ ଶ୍ରୀମତୀ ସୋନିଆ ବେହେରାଙ୍କ ସହିତ ବିଭାଗର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

### ସପ୍ତମ ଆର୍ଥିକ ଅନ୍ତର୍ଭୁକ୍ତିକରଣ କର୍ମଶାଳା

# ରାଜ୍ୟର ପ୍ରଗତିରେ କ୍ଷୁଦ୍ର ଆର୍ଥିକ ସଂସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଅପହଞ୍ଚ ଅଞ୍ଚଳଗୁଡ଼ିକରେ କ୍ଷୁଦ୍ର ଆର୍ଥିକ ସଂସ୍ଥାମାନେ ବିଭିନ୍ନ ଆର୍ଥିକ ସେବା ଯୋଗାଇ ରାଜ୍ୟର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ରଖିପାରିଛନ୍ତି । ଋଣ ସେବା ସହିତ ଆର୍ଥିକ ଓ ଡିଜିଟାଲ ସାକ୍ଷରତା, ସାମାଜିକ ସୁରକ୍ଷା ଇତ୍ୟାଦି ସେବା ପ୍ରଦାନ କରିବାରେ ମଧ୍ୟ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

ଭୁବନେଶ୍ୱରରେ ଆୟୋଜିତ ଏହି କର୍ମଶାଳାକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ମହାନ୍ତି ଉଦ୍‌ଘାଟନ କରି ଏହି ବିଷୟ ଉଲ୍ଲେଖ କରିଥିଲେ । ସେ ଓଡ଼ିଶାର ଆର୍ଥିକ ଅପନ୍ତର୍ଭୁକ୍ତିକରଣରେ କ୍ଷୁଦ୍ର ଆର୍ଥିକ ସଂସ୍ଥାମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ଏହା ସହ ସେ ଉପସ୍ଥିତ ସ୍ୱୟଂ ସହାୟକ ଦଳର ମହିଳାମାନଙ୍କୁ ସମୟମତେ ଋଣ ଫେରସ୍ତ କରିବା ଏବଂ ନିଜ ଋଣ ଫେରସ୍ତ ସାମର୍ଥ୍ୟ ଅନୁଯାୟୀ ଋଣ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ । କର୍ମଶାଳାରେ ଓସାଫିର ସଭାପତି ଦିବ୍ୟଜ୍ୟୋତି ପଟ୍ଟନାୟକ ଅଧ୍ୟକ୍ଷତା କରି କହିଥିଲେ ଯେ, ରାଜ୍ୟରେ ଗ୍ରାମୀଣ ମହିଳାମାନଙ୍କ ଆୟ ବୃଦ୍ଧି ପାଇଁ ବିଭିନ୍ନ କ୍ଷୁଦ୍ର ବ୍ୟବସାୟ, ଘରୋଇ ଉଦ୍ୟୋଗ, ଜଳ ପରିମଳ ଓ ଗୃହ ନିର୍ମାଣ ଭଳି କ୍ଷେତ୍ରରେ କ୍ଷୁଦ୍ର ଆର୍ଥିକ ସଂସ୍ଥାମାନଙ୍କ ମାଧ୍ୟମରେ ମୋଟ ୧୮ ହଜାର କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇଛି । ବର୍ତ୍ତମାନ ଏହି ସଂସ୍ଥାଗୁଡ଼ିକରେ ୧୫



ହଜାରରୁ ଅଧିକ ଯୁବକ-ଯୁବତୀ କର୍ମନିଯୁକ୍ତି ପାଇଛନ୍ତି ।

ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ନରେନ୍ଦ୍ର ନାୟକ କହିଥିଲେ ଯେ, ଓସାଫି ରାଜ୍ୟରେ ଥିବା ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କ, ସିଡିବି, ନାବାର୍ଡ ଇତ୍ୟାଦି ସଂସ୍ଥାମାନଙ୍କ ସହ ମିଳିତ ଭାବେ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଚଲାଇଆସୁଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆକ୍ସିଅନର ସଭାପତି ମାଇକେଲ ସ୍କେଲେନ୍, ମିଶନ ଶକ୍ତିରୁ ପଦ୍ମଲୋଚନ ରାଉତରାୟ, ଭାରତୀୟ ଷ୍ଟେଟ ବ୍ୟାଙ୍କରୁ କେ. ବାଲାଜୀ, ସିଡିବିରୁ ପ୍ରଦ୍ୟୁମ୍ନ କୁମାର ଚୌଧରୀ, ଓସାଫିର ବୋର୍ଡ ସଦସ୍ୟଙ୍କ ସମେତ ବିଭିନ୍ନ ସଂସ୍ଥାର କର୍ମକର୍ତ୍ତାମାନେ ଆର୍ଥିକ ଅନ୍ତର୍ଭୁକ୍ତିକରଣର ବିଭିନ୍ନ ଦିଗ, ମହିଳା ଉଦ୍ୟୋଗୀ, ଡିଜିଟାଲ ସାକ୍ଷରତା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । କର୍ମଶାଳାରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ୫୦୦ରୁ ଅଧିକ ସ୍ୱୟଂ ସହାୟକ ଦଳର ମହିଳାମାନେ ଅଂଶଗ୍ରହଣ କରିଥିଲେ ।

## ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ): ମହାନଦୀ ଜଳ ବିବାଦ ସମାଧାନ ଦିଗରେ ରାଜ୍ୟ ବିଜେପି ସରକାର କୌଣସି ପଦକ୍ଷେପ ନେଇ ନଥିବା ବେଳେ ଗତ ୧୯ ମାସରେ ଛତିଶଗଡ଼ ଅନେକ ଚେକ୍ ଡ୍ୟାମ ଓ ବାଲି ବନ୍ଧ ନିର୍ମାଣ କରିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ଗୋଟିଏ ପଟେ ଓଡ଼ିଶାର ଲୋକେ ତାଙ୍କ ନିତ୍ୟ ବ୍ୟବହାର ନିମନ୍ତେ ମହାନଦୀରୁ ପାଣି ପାଇଁ ତହଲ ବିକଳ ହେଉଥିବା ବେଳେ ଛତିଶଗଡ଼ ଅବୈଧ ଭାବେ ପାଣିକୁ ରୋକି ଶିଳ୍ପ ଅନୁଷ୍ଠାନ ଗୁଡିକୁ ବିକ୍ରି କରି ଚାଲିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଧାୟକ ନିରଞ୍ଜନ ପୂଜାରୀ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ । ଦେବୀ ପ୍ରସାଦ ମିଶ୍ର କହିଥିଲେ, ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ବିଜେପି ସରକାରଙ୍କ କୌଣସି ସ୍ୱଷ୍ଟ ଆଭିମୁଖ୍ୟ ନାହିଁ । ସରକାର ଦ୍ୱନ୍ଦରେ ଅଛନ୍ତି । ପ୍ରଥମେ ଆପୋସ ଆଲୋଚନା ମାଧ୍ୟମରେ ସମାଧାନର ରାସ୍ତା ବାହାର କରାଯିବ ବୋଲି କୁହାଗଲା, କିନ୍ତୁ ସେ ଦିଗରେ କୌଣସି ଅଗ୍ରଗତି ହେଲା ନାହିଁ । ପୁଣି ଟ୍ରିବ୍ୟୁନାଲକୁ ଯିବାକଥା କୁହାଗଲା, କିନ୍ତୁ ଟ୍ରିବ୍ୟୁନାଲର ଅବଧିକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଧାରିତ ସମୟ ଭିତରେ ଚିଠି ଲେଖାଗଲା ନାହିଁ, ଯେଉଁଥି ପାଇଁ ଟ୍ରିବ୍ୟୁନାଲ ସରକାରଙ୍କୁ ଭର୍ତ୍ସନା କଲେ । ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମହାନଦୀ ଜଳ ବିବାଦକୁ ସମାଧାନର ସୂତ୍ର ବାହାର କରିବା ପରିବର୍ତ୍ତେ ପରିସ୍ଥିତିକୁ ଅଧିକ ଗୋଳିଆ କରୁଛନ୍ତି । ଛତିଶଗଡ଼ ସରକାରଙ୍କ ଅସହଯୋଗ ଓ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିବା କାରଣରୁ ଏହି ବିବାଦର ସମାଧାନ ବାହାରି ପାରି ନଥିଲା । ଏହାପରେ ଓଡିଶା ସରକାର ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ ଓ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଟ୍ରିବ୍ୟୁନାଲର ଗଠନ ହୋଇଥିଲା । ଭାରତର ଇତିହାସକୁ ଅବଲୋକନ କଲେ, ଦୁଇ ରାଜ୍ୟ ମଧ୍ୟରେ ହୋଇଥିବା ଜଳ ବିବାଦ କେବେ ବି ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବାର ନଜିର ନାହିଁ । ତେଣୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ରାଜ୍ୟ ସରକାର ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି କହିଛନ୍ତି ।

# କଟକ ସ୍ୱଚ୍ଛାତାକୁ ଆଉ ପାଦେ, ନିର୍ମଳ ପ୍ରକଳ୍ପର ଦାୟିତ୍ୱ ନେଲା ପ୍ରତ୍ୟୁଷ

କଟକ, (ସ୍ୱପ୍ର) : କଟକ ସହରର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣ ଦିଗରେ ଆଉ ପାଦେ ଆଗେଇଛି ପ୍ରତ୍ୟୁଷ । ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ "ପ୍ରତ୍ୟୁଷ ସଂସ୍ଥା' କଟକର ନିର୍ମଳ ପ୍ରକଳ୍ପର ଦାୟିତ୍ୱ ନେଇଛି । ଏହି ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାର ସମସ୍ତ ସିଏଚସି, ପିଏଚସି ଓ ଡିଏଚଏଚ ଦ୍ୱାରା ସ୍ୱଚ୍ଛତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ସାଧାରଣ ଜନତାଙ୍କୁ ସ୍ୱଚ୍ଛ ପରିବେଶ ଯୋଗାଇବା ଲକ୍ଷ୍ୟ ରଖାଯାଇଛି । ଏହି ନୂଆ ଦାୟିତ୍ୱ ମାଧ୍ୟମରେ ପ୍ରତ୍ୟୁଷ ଚମକାଇବ



ବୋଲି ଆଶା କରାଯାଉଛି । ଶୁକ୍ରବାର ପ୍ରତ୍ୟୁଷ ସଂସ୍ଥା ଦ୍ୱାରା ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କଟକ ସିଟି ହସ୍ପିଟାଲର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଆଡିସନାଲ ଏଡିଏମ୍, ହସପିଟାଲ ମ୍ୟାନେଜର, ଡିପିଏମ୍, ସୁପରିଟେଣ୍ଡେଣ୍ଟ ଯୋଗଦାନ କରିଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏହି କାର୍ଯ୍ୟକ୍ରମକୁ ରିବନ କାଟି ଶୁଭାରମ୍ଭ କରିଥିଲେ । ପ୍ରତ୍ୟୁଷର ପ୍ରତିଷ୍ଠାତା ବଳରାମ ସାହୁ ସମସ୍ତ କର୍ମଚାରୀଙ୍କ ସହଯୋଗ ଓ ପରିଶ୍ରମ ସହିତ ସାଧାରଣ ଲୋକଙ୍କ ଭାଗୀଦାରି କଟକକୁ ସ୍ୱଚ୍ଛ ସୁନ୍ଦର କରିବ । କଟକସହରକୁ ଏକ ନିର୍ମଳ ସହର ଭାବେ ଗଢ଼ି ତୋଳିବା ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ପ୍ରତ୍ୟୁଷର ଚେୟାରମ୍ୟାନ ତଥା ଇଞ୍ଜିନିୟର ଅରବିନ୍ଦ କୁମାର ସିଂ, ଭାଇସ ଚେୟାରମ୍ୟାନ ଗଣେଶ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ଆଦିକନ୍ଦ ରାଉତ, ରଶ୍ମିତା ପାଲ୍, ସୁଜାତା ଜେନା, କଟକ ଜୋନ ଇନଚାର୍ଯ୍ୟ ଜ୍ଞାନେନ୍ଦ୍ର ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରତିଷ୍ଠାତା ଶ୍ରୀଯୁକ୍ତ ସାହୁ ହସ୍ପିଟାଲର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରି କାୟାକଳ୍ପ ପ୍ରୋଜେକ୍ଟରେ ଯୋଗଦେବା ନିମନ୍ତେ ସମସ୍ତଙ୍କୁ ପ୍ରୋତ୍ସାହନ କରିଥିଲେ । ନିର୍ମଳ ପ୍ରକଳ୍ପ ଆରମ୍ଭ ହେବା ପରେ ସହରବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

### ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ

# ସଂଗ୍ରାମ କେଶରୀ ମହାପାତ୍ରଙ୍କ ଯୋଗଦାନ

ଭୁବନେଶ୍ୱର, (ସବ୍ୟୁ): ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟରେ ସଂଗ୍ରାମ କେଶରୀ ମହାପାତ୍ର ପରିଷଦର ଅଧ୍ୟକ୍ଷ(ଭାରପ୍ରାପ୍ତ) ଭାବରେ ଗୁରୁବାର ଯୋଗଦାନ କରିଛନ୍ତି । ଏହି ଅବସରରେ ପରିଷଦର ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରୀ ମହାପାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ । ଶ୍ରୀ ମହାପାତ୍ର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବରେ ଯୋଗଦାନ କଲାପରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ(ଭାରପ୍ରାପ୍ତ) ଭାବରେ ଯୋଗଦାନ କରିଛନ୍ତି । ଏହା ସହ ସେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବରେ ମଧ୍ୟ ଦାୟିତ୍ୱରେ ରହିଛନ୍ତି । ଯୋଗଦାନ ପରେ ଶ୍ରୀ ମହାପାତ୍ର ପଶ୍ଚିମ ଓଡ଼ିଶା ବିକାଶ ପରିଷଦର



ବିଭିନ୍ନ କାର୍ଯ୍ୟକ୍ରମ ଓ ଆନୁଷଙ୍ଗିକ ଦିଗ ବିଷୟରେ ଆଲୋଚନା କରିଥିଲେ । ପରିଷଦର ଅଧିକାରୀଗଣ ଶ୍ରୀ ମହାପାତ୍ରଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଭିନ୍ନ କାର୍ଯ୍ୟ ବିଷୟରେ ସୂଚିତ କରିଥିଲେ । ସମସ୍ତେ ମିଳିତ ଭାବରେ ନିଷ୍ଠାର ସହ କାର୍ଯ୍ୟ କରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସାମୁହିକ ଲକ୍ଷ୍ୟ ହାସଲ ଦିଗରେ ବ୍ରତୀ ହେବାପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଏହା ସହ ଆଗାମୀ ଦିନରେ ପରିଷଦ ଆହୁରି ଲୋକଭିମୁଖୀ ଭାବରେ କାର୍ଯ୍ୟ କରିବା ସହ ସରକାରଙ୍କ ବିକଶିତ ଓଡ଼ିଶା ନିର୍ମାଣ ଦିଗରେ ପ୍ରମୁଖ ଯୋଗଦାନ କରିବ ବୋଲି ମତପ୍ରକାଶ କରିଥିଲେ ।

## ଏନଡିସି ଅଧିକାରୀଙ୍କ ସମୀକ୍ଷା ବୈଠକ

ପୁରୀ (ସବ୍ୟୁ):ଏନଡିସି ବା ନ୍ୟାସନାଲ ଡିଫେନ୍ସ କଲେଜ ର ୧୭ ଜଣିଆ ଟିମ ବିଶିଷ୍ଟ ଅଧିକାରୀ ମାନଙ୍କ ଏକ ସମୀକ୍ଷା ବୈଠକ ଶୁକ୍ରବାର ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପୁରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ଗୁଡିକର ସମୀକ୍ଷା କରାଯାଇଥିଲା ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରି ସମସ୍ତଙ୍କୁ ସ୍ୱାଗତ ସହ ବିଭିନ୍ନ ଯୋଜନାରେ ଜିଲ୍ଲାର ସ୍ଥିତି ଓ କାର୍ଯ୍ୟ କାରିତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଣୟନ ହେଉଥିବା କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡିକର ସଫଳ ରୂପାୟନ, ମାର୍ଗଦର୍ଶିକା ଆଧାର ରେ ହିତାଧିକାରୀ ଚୟନ, କାର୍ଯ୍ୟାନ୍ୱୟନ, କ୍ଷେତ୍ର ପରିଦର୍ଶନ, ତଦାରଖ, ସମୀକ୍ଷା କରିଥିଲେ।

# ବିଜେପିରେ ସାମିଲ ହେଲେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି ନେତା ଓ କର୍ମୀ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୁରୀ ଜିଲ୍ଲା ୨୮ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ତଥା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା କୈଳାଶ ଚନ୍ଦ୍ର ପରିଡା ନିଜ ଶତାଧିକ ସମର୍ଥକଙ୍କ ଗହଣରେ ବିଜେପିରେ ଯୋଗଦାନ କରିଛନ୍ତି। ସେହିପରି କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନୂଆପଡା ସରପଂଚ ଶ୍ରୀମତୀ କବିତା ଜେନା, ତିତିପ ଗ୍ରାମ ପଂଚାୟତ ସମିତି ସଭ୍ୟ ଶ୍ରୀମତୀ ଶଂଯୁକ୍ତା ସେଠୀ, ଗୁମୁଣ୍ଡିଆ ସରପଂଚ ଶ୍ରୀମତୀ ସୁମିତ୍ରା ପୁହାଣ, ପୂର୍ବତନ ପଂଚାୟତ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ଜେନା, ଦୂର୍ଯ୍ୟୋଧନ କାଣ୍ଡି, ପୂର୍ବତନ ସରପଂଚ ସତ୍ୟନାରାୟଣ ମହାରଣା, ଯୁବନେତା ବସନ୍ତ ନାୟକ, ଜିତେନ୍ଦ୍ର ବେହେରା, ବସନ୍ତ ପରିଡା,




ଦେବାଶିଷ ପଲେଇ, ସଂଜୟ ପ୍ରଧାନ, ପ୍ରଦୀପ କୁମାର ପଲେଇ, ଚଂଜନ ବାରିକ ପ୍ରମୁଖ ନିଜ ସମର୍ଥକଙ୍କ ଗହଣରେ ବିଜେପିରେ ଯୋଗଦାନ କରିଛନ୍ତି। ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ଦ୍ୱାରା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ସମେତ ପୁରୀ ଜିଲ୍ଲାରେ ମଧ୍ୟ ଦଳୀୟ ସଂଗଠନ ବୃଦ୍ଧି ପାଇଛି। ସମସ୍ତେ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମେ ସଂକଳ୍ପ ନେବା ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି, ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ବିଧାୟକ ସରୋଜ ପାଢୀ, ରାଜ୍ୟ ସଂପାଦକ ସରୋଜ କର, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାଉନସୁଗର କାରବାରରେ ସଂପୃକ୍ତ ୩ ଗିରଫ



ବ୍ରହ୍ମପୁର, (ସବ୍ୟୁ): ବ୍ରାଉନସୁଗର କାରବାରରେ ସଂପୃକ୍ତି ଅଭିଯୋଗରେ ବଡବଜାର ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରଘୁପତିନଗର ୩ୟ ଲାଇନର ଓମ ଦାସ(୨୧), କୁକୁଡାଖଣ୍ଡି ମୁଖ୍ୟ ରାସ୍ତାର ଶିବଶଙ୍କର ପଲେଇ(୨୩) ଓ ତଲେଙ୍ଗା ସାହିର ଆକାଶ ହାତୀ(୨୫) । ଅଭିଯୁକ୍ତଙ୍କ ନିକଟରୁ ପୁଲିସ ବ୍ରାଉନସୁଗର ସମେତ ନଗଦ ୬୬୦୦ ଟଙ୍କା, ୪ଟି ମୋବାଇଲ, ସ୍କୁଟି ଗାଡି, ଗୋଟିଏ ଛୁରି ଆଦି ଜବତ କରିଛି । ଏ ନେଇ ବଡବଜାର ଥାନାରେ ୮୩/୨୬ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଛି । ସୂଚନାଥାଉକି, ଶୁକ୍ରବାର ସନ୍ଧ୍ୟାରେ ବଡବଜାର ଥାନାର ଏସଆଇ ସସ୍ମିତା ବେହେରା ଓ ତାଙ୍କ ଟିମ ତଳମେଣ୍ଟୁ ଛକ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଆଇନାବନ୍ଧ ନିକଟରେ ୩ ଜଣ ଯୁବକ ଏକତ୍ରିତ ହୋଇ କୌଣସି ଯୋଜନା କରୁଥିବା ଜଣାପଡିଥିଲା । ପୁଲିସ ସେଠାରେ ପହଞ୍ଚିବା ପରେ ସେଠାରୁ ଏକାଧିକ ଯୁବକ ଚମ୍ପଟ ମାରିଥିଲେ । ହେଲେ ପୁଲିସ ଉପରୋକ୍ତ ୩ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା । ପଚରାଉଚରା ବେଳେ ଅଭିଯୁକ୍ତମାନେ ସେଠାରେ ବ୍ରାଉନସୁଗର ଖାଉଥିବା ସ୍ୱୀକାର କରିଥିଲେ । ମୁଖ୍ୟ ଅଭିଯୁକ୍ତ ପ୍ରେମ ବ୍ରାଉନସୁଗର କାରବାରରେ ସଂପୃକ୍ତ ଥିବା ବେଳେ ଶିବଶଙ୍କର ଓ ଆକାଶ ତାକୁ ସହଯୋଗ କରୁଥିବା ପୁଲିସକୁ ଜଣାଇଥିଲେ । ଆଜି ସମସ୍ତ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ।

## ବିଏସନାଲ୍ ୪ଜି ଟାୱାର ଲୋକାର୍ପିତ, ଇଣ୍ଟରନେଟ୍ ସହ ଯୋଡ଼ହେଲା ଶିମିଳିପାଳ

# ଜଙ୍ଗଲ ରକ୍ଷାର ପ୍ରକୃତ ଯୋଦ୍ଧା ଆଦିବାସୀ : ରାଷ୍ଟ୍ରପତି




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଗସ୍ତର ତୃତୀୟ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ମଧ୍ୟକୁ ଯାଇଛନ୍ତି । ସେଠାରେ ଗୁଡୁଗୁଡ଼ିଆ ଠାରେ ଜିଲ୍ଲାପ୍ରଶାସନ ତରଫରୁ ଅନୁଷ୍ଠିତ ଏକ ସଭାରେ ଯୋଗ ଦେଇଛନ୍ତି। ଏହି ଅବସରରେ ସ୍ଥାନୀୟ ହୋ, ସାନ୍ତାଳୀ, ମୁଣ୍ଡା, ଭୂମିଜ, ବାଥୁଡ଼ି, ଖଡ଼ିଆ ପ୍ରଭୃତି ଆଦିବାସୀମାନେ ହୁଳହୁଳି, କରତାଳି ଦେଇ ଉଚ୍ଛବସିତ ସମ୍ବର୍ଦ୍ଧନା ସହକାରେ ସ୍ୱାଗତ କରିଥିଲେ। ସଭା ପ୍ରାରମ୍ଭରେ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ରାଷ୍ଟ୍ରପତିଙ୍କ ଶିମିଳିପାଳ ଭିତର ଗୁଡୁଗୁଡ଼ିଆକୁ ଆଗମନ ପାଇଁ ତାଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ। ରାଷ୍ଟ୍ରପତିଙ୍କ କରକମଳରେ ଭରଚୁଆଲ ମୋଡ଼ ଦ୍ୱାରା ରିମୋଟ ଦବାଇ ଶିମିଳିପାଳ ଅଂଚଳରେ ବିଏସଏନଏଲର ୪ଜି ନେଟୱାର୍କ ସେବାର ଲୋକାର୍ପଣ କରିଥିଲେ। ଏହି ଅବସରରେ ଶିମିଳିପାଳବାସୀ ମଧ ନିରନ୍ତର ଇଣ୍ଟରନେଟ ତଥା ନେଟୱାର୍କ ସେବା ସହ ଯୋଡ଼ି ହେଲେ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଏହାରି ମାଧ୍ୟମରେ ହାତମୁଠାରେ ସମସ୍ତ ଖବର ଓ ଇଣ୍ଟରନେଟ ସେବା ଅଞ୍ଚଳବାସୀ ପାଇପାରିବା ସହ ଏହି ଅଞ୍ଚଳର ପାଠ ପଢୁଥିବା ଛାତ୍ରଛାତ୍ରୀ ବର୍ତ୍ତମାନ ଇଣ୍ଟରନେଟ ଦ୍ୱାରା ଅଧିକ ପଢିବାର ସୁଯୋଗ ପାଇବେ ଏବଂ ଶିକ୍ଷିତ ଯୁବବର୍ଗଙ୍କ ପାଇଁ ମଧ ଏହା ବେଶ ସହାୟକ ହେବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଶା ବ୍ୟକ୍ତ କରିଛନ୍ତି। ସେହିପରି ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜଙ୍ଗଲ ସୁରକ୍ଷା ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଆଦିବାସୀଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରି ଏହାର ସଂରକ୍ଷଣରେ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ କରିଛନ୍ତି। ଏହା ସହ ଅଧିକ ବୃକ୍ଷରୋପଣ କରି ଜଙ୍ଗଲ ପରିସର ବୃଦ୍ଧି କରିବାକୁ ମଧ ଉପସ୍ଥିତ ଜନସାଧାରଣଙ୍କୁ ଉତ୍ସାହିତ କରିଛନ୍ତି। କାର୍ଯ୍ୟକ୍ରମ ଶେଷରେ ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଉପସ୍ଥିତ ଆଦିବାସୀ ମହିଳା ଓ ଯୁବ ବର୍ଗଙ୍କ ସହ ଭାବବିନିମୟ କରିଛନ୍ତି। ବିଶେଷକରି ଛାତ୍ରଛାତ୍ରୀଙ୍କ ସହ ଭାବ ଆଦାନପ୍ରଦାନ ସମୟରେ ଉଚ୍ଚଶିକ୍ଷା କରିବା ସହିତ ବର୍ତମାନର ପ୍ରତିଯୋଗୀତା ମୂଳକ ସମୟରେ ଶିକ୍ଷା ଲାଭପରେ ନିଜର ପ୍ରଚେଷ୍ଟା ଜାରି ରଖି ରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଛନ୍ତି। ସଭା ଶେଷରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କମ୍ବଳ ବଣ୍ଟନ କରି ହିତାଧିକାରୀଙ୍କୁ ନିରାମୟ ଜୀବନ କାମନା କରିଛନ୍ତି।

## ବାସନାପଲ୍ଲୀରେ ପରିବାରକୁ ସାମାଜିକ ବାସନ୍ଦ ଘଟଣା

# ଥାନାଧିକାରୀଙ୍କ ହସ୍ତକ୍ଷେପ ପରେ ତୁଟିଲା ବିବାଦ

ଛତ୍ରପୁର, (ସବ୍ୟୁ): ଦୀର୍ଘ ଦିନ ଧରି ଛତ୍ରପୁର ଥାନା ଅନ୍ତର୍ଗତ ବାସନାପଲ୍ଲୀ ଗ୍ରାମରେ ଗୋଟେ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିଲା। ଏନେଇ ଖବର ପ୍ରସାରଣ ପରେ ଏହାର ପୂର୍ଣ୍ଣଛେଦ ପଡିଛି। ଗତ ବର୍ଷ ନଭେମ୍ବର ମାସରେ ବାସନାପଲ୍ଲୀ ଗ୍ରାମର ପି. ନାରାୟଣ ରେଡ୍ଡୀଙ୍କୁ ଚିଟି ପଇସାକୁ କେନ୍ଦ୍ର କରି ସାମାଜିକ ବାସନ୍ଦ କରାଯାଇଥିଲା । ଏନେଇ ଛତ୍ରପୁର ଥାନା ପରିସରରେ ଶୁକ୍ରବାର ଛତ୍ରପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲ ବାସନାପଲ୍ଲୀ ଗ୍ରାମବାସୀ ଓ ପି. ନାରାୟଣଙ୍କୁ ଡାକି ସମାଧାନ କରିଥିଲେ । ଥାନାଧିକାରୀଙ୍କ ସମ୍ମୁଖରେ ପି. ନାରାୟଣଙ୍କ ସହ ମିଶି ରହିବେ ଏବଂ ଗ୍ରାମବାସୀଙ୍କ ପକ୍ଷରୁ କରାଯାଇଥିବା ସାମାଜିକ ବାସନ୍ଦ ଉଠାଇବା ପାଇଁ ରାଜି ହୋଇଥିଲେ । ଗତ ୨୦୨୩ ମସିହା ଅକ୍ଟୋବର ମାସରେ ଗ୍ରାମର କିଛି ମହିଳା ନାରାୟଣଙ୍କ ଘରେ ଏକତ୍ରିତ ହୋଇ ବାନ୍ଧିଥିବା ଚିଟି ପଇସା ଉଠାଇବା ପାଇଁ ବସିଥିବା ବେଳେ ଗ୍ରାମର ବନ୍ଦନା ଚୌଧୁରୀ ନାମକ ଜଣେ ମହିଳା ସେହି ଟଙ୍କାରୁ ୧୪ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ପରେ ସେ ଟଙ୍କା ନଦେବାରୁ ନାରାୟଣଙ୍କ ଘରୁ ହିଁ ବନ୍ଦନା ଚୌଧୁରୀ ଟଙ୍କା ନେଇଥିବାରୁ ନାରାୟଣଙ୍କ ପରିବାରକୁ ଗ୍ରାମବାସୀ ମାନେ ଟଙ୍କା ମାଗିବା ସହିତ ଘର ସମ୍ମୁଖରେ ଝଗଡା କରିଥିଲେ । ଏନେଇ ପି. ନାରାୟଣ ଟଙ୍କା ଦେବା ପାଇଁ ମନା କରିବା ସହିତ ଝଗଡା କରିଥିଲେ । ପରେ ଉଭୟ ଗ୍ରାମବାସୀ ଓ ପି. ନାରାୟଣଙ୍କ ପରିବାର ପକ୍ଷରୁ ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗ ପ୍ରତ୍ୟାହାର ପାଇଁ ଗ୍ରାମବାସୀଙ୍କ ପରିବାର ପକ୍ଷରୁ ପି. ନାରାୟଣଙ୍କ ପରିବାରକୁ ବାଧ କରିଥିବା ବେଳେ ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗ ପ୍ରତ୍ୟାହାର ପାଇଁ ଗ୍ରାମବାସୀ ମାନଙ୍କୁ ପି. ନାରାୟଣଙ୍କ ପରିବାର କହିଥିଲେ। ଏଥିରେ ରାଜି ନହୋଇ ଗ୍ରାମବାସୀ ମାନେ ପି. ନାରାୟଣଙ୍କ ପରିବାରକୁ ଗତ ୨୦୨୫ ମସିହା ନଭେମ୍ବର ମସିହା ସାମାଜିକ ବାସନ୍ଦ କରିଥିଲେ। ଏନେଇ ମାଇକ ଯୋଗେ ଗ୍ରାମରେ ପ୍ରଚାର କରାଯାଇଥିଲା। ଗ୍ରାମ ପରିସରରେ ଭୋଜିଭାତ ଆୟୋଜିତ ହେଲେ ମଧ ପି. ନାରାୟଣଙ୍କ ପରିବାରକୁ ସାମିଲ କରାଯାଉନାହିଁକି, ନାରାୟଣଙ୍କ ଘରେ ଭୋଜିଭାତ ଆୟୋଜିତ ହେଲେ ମଧ କେହି ଆସୁନଥିଲେ। ଆଜିର ବୈଠକ ପରେ ଆପୋଷ ବୁଝାମଣା କରାଯାଇ ସାମାଜିକ ବାସନ୍ଦ ହଟା ଯାଇଥିବା ଥାନାଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି । ବୈଠକରେ ଚିକଲଖଣ୍ଡି ପଞ୍ଚାୟତର ସରପଞ୍ଚ ଭଗବାନ ବେହେରାଙ୍କ ସମେତ ଗ୍ରାମର ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ ।

# ଫାଇଲେରିଆ ନିରାକରଣ ପାଇଁ ବ୍ଲକ୍‌ସ୍ତରୀୟ ସମନ୍ୱୟ କମିଟି

ବୁଗୁଡ଼ା, (ସବ୍ୟୁ): ଫାଇଲେରିଆ ନିରାକରଣ ପାଇଁ ସରକାରୀ ସ୍ତରରେ ବହୁ ପଦକ୍ଷେପ ନିଆ ଯାଉଥିଲେ ହେଁ ସଚେତନତା ଅଭାବରୁ ଫାଇଲେରିଆ ରୋଗୀଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଥିବାରୁ ଏହି ରୋଗର ନିୟନ୍ତ୍ରଣ କରିବା ଏବେ ସ୍ୱାସ୍ଥ୍ୟ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।ବୁଗୁଡ଼ା ବ୍ଲକରେ ଫାଇଲେରିଆ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ବୁଗୁଡ଼ା ଅଞ୍ଚଳକୁ ଏବେ ରେଡ ଜୋନ ଭାବେ ଘୋଷଣା କରାଯାଇଛି । ସଦ୍ୟ ରିପୋର୍ଟ ଅନୁସାରେ ବୁଗୁଡ଼ା ଗ୍ରାମାଞ୍ଚଳରେ ଫାଇଲେରିଆ ରୋଗୀଙ୍କ ସଂଖ୍ୟା ୫୪୭ ଓ ବୁଗୁଡ଼ା ସହରରେ ୯୧ ଥିବା ବେଳେ ନୂତନ ଭାବେ ୮ଜଣ ଚିହ୍ନଟ ହୋଇଥିବାରୁ ଏହି ସଂଖ୍ୟା ୯୯ରେ ପହଞ୍ଚି ଥିବା ଜଣା ପଡିଛି । ସଚେତନତା ସତ୍ତ୍ୱେ ପାର୍ଶ୍ୱ ପ୍ରତିକ୍ରିୟା ଭୟରେ ଅଧିକାଂଶ ଲୋକ ଔଷଧ ନଖାଇ ଫୋପାଡ଼ି ଦେଉଥିବାରୁ ଫାଇଲେରିଆ ନିୟନ୍ତ୍ରଣ କରିବା ମୁସ୍କିଲ ହୋଇ ପଡୁଛି । ତେବେ ପାର୍ଶ୍ୱ ପ୍ରତିକ୍ରିୟା ଗୋଟିଏ ବରଦାନ ସାଧାରଣ ଲୋକଙ୍କ ଅପେକ୍ଷା ଯାହା ଦେହରେ ପୂର୍ବରୁ ଫାଇଲେରିଆ କୀଟାଣୁ ପ୍ରବେଶ କରିଥାଏ ସେହି ଛୁଆ କିମ୍ୱା ବ୍ୟକ୍ତି ଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ ଯାହାକି ଶୁଭ ସୂଚନା ଅଟେ ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କହିଛନ୍ତି । ଆଜି ମେଡିକାଲ ଅଫିସର ଅରୁଣ କୁମାର ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଫାଇଲେରିଆ ନିରାକରଣ ନିମନ୍ତେ ଏକ ବ୍ଲକ ସ୍ତରୀୟ ସମନ୍ୱୟ ବୈଠକରେ ଏନଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା, ବିଜେପି ନଗର ସଭାପତି କେଦାର ନାଥ ମହାରଣା, ଏଟିଓ ସୁନନ୍ଦ ଶେଖର ସାହାଣୀ, ଏବିଇଓ କୃଷ୍ଣ ଚନ୍ଦ୍ର ବେହେରା, ସିଡିପିଓ ବବିତା ପଣ୍ଡା, ଏନଟିଡି ଜିଲ୍ଲା ଅଧିକାରୀ ଚିନ୍ମୟ କୁମାର ସାହୁ ପ୍ରମୁଖ ଯୋଗଦେଇ ବୁଗୁଡ଼ା ବ୍ଲକ ରେଡ ଜୋନରେ ଥିବାରୁ ସରକାରୀ ସ୍ତରରେ ଏହାର ନିରାକରଣ ପାଇଁ ଜୋର ଦିଆଯାଇଥିବା ଜଣାପଡିଛି ।

# ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ କରାଯାଇଛି । ଅଧକ୍ଷଙ୍କ ତତ୍ତ୍ୱାବଧାନରେ ଉତ୍ସବଟି ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ମଥୁରା ନାୟକ ଅଧକ୍ଷତା କରିଥିଲେ । ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ତଥା ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ଏବଂ ଡଃ ସରୋଜ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ପ୍ରଫେସର ବେହେରା ଆରିଷ୍ଟଟଲ ଓ ଆଲେକ୍‌ଜାଣ୍ଡାରଙ୍କ ଗୁରୁ ଶିଷ୍ୟର ସମ୍ପର୍କ, ପିତାଶିକ୍ଷକର ପ୍ରଭେଦ ସମ୍ପର୍କରେ ଆଲୋଚନା କରିଥିଲେ । ଅନୁଭବ ଓ ଉପଲବ୍ଧି ମାଧ୍ୟମରେ ନିଜର ଦକ୍ଷତାକୁ ବର୍ଦ୍ଧିତ କରାଯାଇ ପାରିବ, ଦୁଃଖ ବୋଲି କିଛି ନାହିଁ, ଦୁଃଖ ହେଉଛି କାଠହଣା ଚଢେଇର ଠକ୍ ଠକ୍ ଶବ୍ଦ ବୋଲି କହିଥିଲେ । ଡଃ ନାୟକ ଲକ୍ଷ୍ମୀକାନ୍ତଙ୍କ କବିତା ଏବଂ ଏପିଜେ ଅବଦୁଲ୍ କାଲାମଙ୍କ ସମ୍ପର୍କରେ ପ୍ରଭାବଶାଳୀ ବକ୍ତବ୍ୟ ରଖି କୋସିସ୍ କରେନା ୱାଲା କଭି ହାର୍ ନେହି ଶକତେ ବୋଲି କହିଥିଲେ । ଉଦ୍ଭିଦ ବିଜ୍ଞାନର ସ୍ନାତକୋତ୍ତର ଶିକ୍ଷୟିତ୍ରୀ ଶକ୍ତିସ୍ୱରୂପା ବାରିକ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ସାଂସ୍କୃତିକ ସଂଘର ଉପସଭାପତି ବେବି ସାହୁ ଏବଂ ନାଟ୍ୟ ସଂଘର ଉପସଭାପତି ଦୀପାଞ୍ଜଳୀ ଗଡନାୟକଙ୍କ ସହିତ ଅନ୍ୟ ସମସ୍ତ ସଂଘର ସଦସ୍ୟ ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷକ ସ୍ୱେଚ୍ଛାସେବୀ ସଫଳ ଭାବେ ସହଯୋଗ କରିଥିଲେ । କୃତି ଛାତ୍ରଛାତ୍ରୀ ମାନେ ଅତିଥି ମାନଙ୍କ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ । ଶେଷରେ ଓଡିଆ ଅର୍ପଣ କରିଥିଲେ ।

# ଚାଉଳିଆଗଞ୍ଜ ଗାନ୍ଧି ଛକରେ ଖୋଲିଲା ଚକୋବ୍ଲିସ୍ ମିଲେଟ ବେକେରୀ



କଟକ, (ସ୍ୱପ୍ର): ଆଜିକାଲି ବଜାରରେ ମିଳୁଥିବା ଅଧିକାଂଶ ଖାଦ୍ୟ ଦ୍ରବ୍ୟରେ ଅପମିଶ୍ରଣ ବିଭିନ୍ନ ରୋଗ ସୃଷ୍ଟି କରୁଛି । ଜଣେ ସାଧାରଣ ଗୃହିଣୀ ଭାବରେ ପରିବାର ଲୋକଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରସ୍ତୁତିରେ ମନୋନିବେଶ କଲାବେଳେ ମନକୁ ଆସିଲା ଏପରି ଖାଦ୍ୟ ଯଦି ଦୁନିଆର ସମସ୍ତ ଲୋକଙ୍କୁ ପ୍ରଦାନ କରି ହୁଅନ୍ତା ତେବେ ଏକ ସୁସ୍ଥ, ନିରୋଗ ସମାଜ ଗଠନ କରିହୁଅନ୍ତା । ସେହି ଲକ୍ଷ୍ୟ ନେଇ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଲୋକଙ୍କ ନିକଟରେ ପହଁଞ୍ଚାଇବା ଉଦ୍ଦେଶ୍ୟ ଶୁକ୍ରବାର ସ୍ଥାନୀୟ ଚାଉଳିଆଗଞ୍ଜ ସ୍ଥିତ ଗାନ୍ଧୀ ଛକ ଠାରେ ଖୋଲିଲା ଚକୋବ୍ଲିସ ମିଲେଟ ବେକରୀ । ଯେଉଁଠାରେ ବିନା ଚିନି ଓ ବିନା ମଇଦାରେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ । ଏଠାରେ ବିନା ଚିନିରେ ମିଲେଟ ଓ ଅଟାରେ ପ୍ରସ୍ତୁତ ବିଭିନ୍ନ କେକ୍, ବିସ୍କୁଟ ସହିତ ନାନା ରକମର ଖାଦ୍ୟ ସାମଗ୍ରୀ ମିଳିବ । ଶୁକ୍ରବାର ଓରମାସର ଜଏଣ୍ଟ ସିଇଓ ବିପିନ ବିହାରୀ ରାଉତ ଅତିଥି ଭାବରେ ଯୋଗ ଏହି ଚକୋବ୍ଲିସ୍ ମିଲେଟ ସପ୍‌ର ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନି କାର୍ଯ୍ୟକ୍ରମରେ ସପ୍‌ର ନିର୍ଦ୍ଦେଶିକା ପ୍ରଜ୍ଞା ନାୟକଙ୍କ ସମେତ ଏରୋବିକର ପ୍ରତିଷ୍ଠାତା ସୋନା ମ୍ୟାମ, ସିଦ୍ଧାର୍ଥ ଶଙ୍କର ନାୟକ, ଲେଲିନପ୍ରଭା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଏଠାରେ ସୂଚନାଯୋଗ୍ୟ, ଶ୍ରୀମତୀ ପ୍ରଜ୍ଞା ନାୟକ ଏଥିପାଇଁ ପ୍ରଥମେ ବେଶ୍ କିଛି ଦିନ ତାଲିମ ନେବା ପରେ ଏବେ ସଫଳ ହୋଇଛନ୍ତି । ତାଙ୍କ ପ୍ରୟାସ ଆଜି ତାଙ୍କୁ ଏକ ସଫଳ ଗୃହିଣୀ ସହିତ ସଫଳ ଉଦ୍ୟୋଗୀ ଭାବରେ ପରିଣତ କରିଛି ।

# ସୌଭାଗ୍ୟ ମଞ୍ଜରୀ ପରିଡାଙ୍କ ପରଲୋକ



ବାରିପଦା, (ସବ୍ୟୁ) : ବାରିପଦା ସହରର ବାଘଡାରୋଡ (ୱାର୍ଡ ନଂ- ୧୯) ନିବାସୀ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଭାବେ ପରିଚିତ ପୂର୍ବତନ ଜିଲ୍ଲାପାଳ ନିତ୍ୟାନନ୍ଦ ପରିଡାଙ୍କ ସହଧର୍ମିଣୀ ତଥା ଶ୍ରୀ ସତ୍ୟସାଇ ସେବା ଟ୍ରଷ୍ଟର ରାଜ୍ୟ ସଂଯୋଜିକା ସୌଭାଗ୍ୟ ମଞ୍ଜରୀ ପରିଡା (୮୩)ଙ୍କ ର ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ରୋଗ କାରଣରୁ ତାଙ୍କର ପରଲୋକ ହୋଇଥିବାବେଳେ ମୃତ୍ୟୁ ଶଯ୍ୟା ନିକଟରେ ୨ପୁତ୍ର ଶୁଭେନ୍ଦୁ, ଲଲାଟେଣ୍ଡୁ ୨ପୁତ୍ରବୋଧୁ ଶୀତଲ, ପ୍ରଜ୍ଞାପରମିତା, ଝିଅ ଜୟଶ୍ରୀ, ଜ୍ୱାଇଁ ମଳୟ, ନାତି ଯଶବର୍ଦ୍ଧନ୍, ଆର୍ୟମାନ୍, ଆଦି ଓ ନାତୁଣୀ ଚିନ୍ମୟୀ ଚିଦାନନ୍ଦା ଉପସ୍ଥିତ ଥିଲେ। ସ୍ୱର୍ଗତଃ ସୌଭାଗ୍ୟ ମଞ୍ଜରୀ ପରିଡା ଜଣେ ଅତ୍ୟନ୍ତ ସ୍ନେହଶୀଳା, ମିଷ୍ଟଭାଷୀ, ସଂସ୍କାରୀ, ମେଳାପି, ଆଧାତ୍ମିକ ଚେତନାବାଦୀ ଏବଂ ପରୋକପକାରୀ ମହିଳା ଭାବେ ସର୍ବଜନ ଆଦୃତ ହୋଇଥିଲେ। ତାଙ୍କ ପରଲୋକରେ ସହରରେ ଶୋକରଛାୟା ଖେଳି ଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବନ୍ଧୁ ପରିଜନ ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ଶେଷଦର୍ଶନ କରିଥିଲେ। ଶୋକାକୁଳ ପରିସ୍ଥିତିରେ ପୁରୀର ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ଶୁଭେନ୍ଦୁ ମୁଖାଗ୍ନି ଦେଇଥିଲେ।

# ବନ୍ଦ ଘରୁ ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଳିଆ ଗ୍ରାମସ୍ଥ ତେଲୁଗୁ ସାହିର ଏକ ବନ୍ଦ ଘରୁ ଜନୈକା ମହିଳାଙ୍କ ଝୁଲନ୍ତା ଶବକୁ ପୋଲିସ ଉଦ୍ଧାର କରିଥିବା ଜଣାଯାଇଛି। ମୃତା ମହିଳା ଜଣକ ହେଲେ ଲାଛମି ଦୋରା (୩୦)। ଏନେଇ କେସ୍ ନଂ ୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ଗୁରୁବାର ଅପରାହ୍ନରେ ଲାଛମିଙ୍କ ଝିଅ ସ୍କୁଲରୁ ଘରକୁ ଫେରି କବାଟ ବାଡାଇଥିଲା । କବାଟ ନଖୋଲିବାରୁ ସେ ଘର ପଛପଟୁ ଭିତରକୁ ପ୍ରବେଶ କରିଥିଲା। ସେଠାରେ ଫେନରୁ ଲାଛମିଙ୍କ ଝୁଲନ୍ତା ଶବ ଦେଖିବାକୁ ମିଳିଥିଲା। ଏନେଇ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ସେଠାରୁ ଶବକୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ । ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ଜିଲ୍ଲା କଂଗ୍ରେସ ପକ୍ଷରୁ ପୂର୍ବତନ ସାଂସଦ ସୁଶୀଳା ତିରିଆଙ୍କ ଶ୍ରଦ୍ଧାଞ୍ଜଳି ସଭା




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ଟାଣୁଆ ଆଦିବାସୀ ନେତ୍ରୀ, ପୂର୍ବତନ ଲୋକ ସଭା ଓ ରାଜ୍ୟସଭା ସାଂସଦ, ସଦସ୍ୟା ସୁଶ୍ରୀ ସୁଶୀଳା ତିରିଆଙ୍କ ବିୟୋଗରେ ମୟୂରଭଞ୍ଜ ଜିଲ୍ଲା ତଥା ରାଜ୍ୟରେ ଶୋକର ଛାୟା ଖେଳିଯାଇଛି । ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ସରକାରୀ କର୍ମଚାରୀ ଭବନରେ ଶୋକସଭା ସହିତ ଏକ ସ୍ମୃତିଚାରଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସୁଶୀଳା ତିରିଆ ଜଣେ ଏଭଳି ରାଜନେତ୍ରୀ ଯିଏ କି, ସବୁବେଳେ ଅଦବାସୀଙ୍କ ବିକାଶ ସହିତ ମୟୂରଭଞ୍ଜ ଜିଲ୍ଲାର ସାମୁହିକ ବିକାଶ କଥା ଚିନ୍ତା କରୁଥିଲେ । ଶିକ୍ଷୟତ୍ରୀ ରୁ ରାଜନୀତି ଜଗତରେ ପାଦ ଦେଇ ଜଣେ ସଫଳ ରାଜନେତ୍ରୀ ବନିପାରି ମୟୂରଭଞ୍ଜ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଥିଲେ । ତାଙ୍କର ରାଜନୈତିକ ଯାତ୍ରା ପଲ୍ଲୀରୁ ଦିଲ୍ଲୀ ଯାଏଁ ଲମ୍ବି ଯାଇଥିଲା । ଓଡିଶା ଓ ରାଜ୍ୟ ସ୍ୱାର୍ଥ ପାଇଁ ଲୋକସଭା ଓ ରାଜ୍ୟସଭା ଗୃହରେ ତାଙ୍କର ଅଭିଭାଷଣ ଆଜି ବି ସମସ୍ତଙ୍କ କାନରେ ଗୁଞ୍ଜରିତ ହେଉଛି । ଜିଲ୍ଲା କଂଗ୍ରେସ, ରାଜ୍ୟକଂଗ୍ରେସ ଓ ଦିଲ୍ଲୀ କଂଗ୍ରେସରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ, ଯାହାକି ସେଭଳି ନେତୃତ୍ୱ ମୟୂରଭଞ୍ଜ ଜିଲ୍ଲାରେ ସୃଷ୍ଟି ହେବା ବିରଳ ଶ୍ରଦ୍ଧାଞ୍ଜଳି ସଭରେ ପ୍ରଥମେ ତାଙ୍କର ଫୋଟଚିତ୍ରରେ ଦ୍ୱୀପ ପ୍ରଜ୍ୱଳନ ସହିତ ପୁଷ୍ପମାଲ୍ୟ ଦେଇ ସମସ୍ତ ବରିଷ୍ଠ ନେତା ଓ କର୍ମୀ ପୁଷ୍ପ ଗୁଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭରେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସହିତ ପୂର୍ବତନ ଜିଲ୍ଲା ସଭାପତି ପ୍ରଦୀପ ରଥ, ଦୀନକୃଷ୍ଣ, ନିରୋଜ ଦାସ, ପୂର୍ବତନ ଜିଲ୍ଲା କୋଡିନେଟର ଅରବିନ୍ଦ ଦାସ, ଜୟତିପ୍ରକାଶ ରଥ, ଆଦିବାସୀ ସେଲ ରାଜ୍ୟ ଉପସଭାପତି ଚୈତନ୍ୟ ହାଁସଦାଃ, ରାଜ୍ୟ ବ୍ୟବସାୟ କଂଗ୍ରେସ ଅଧକ୍ଷ ଯୋଗେଶ ଅଗ୍ରୱାଲ, ଆଡ଼ଭୋକେଟ ବିଭୂଦାସ, କୃଷକ ସେଲ ସଭାପତି ଦୀପକ ଦାସ, ମହିଳା କଂଗ୍ରେସ ନେତ୍ରୀ ରାଞ୍ଜୀତା ଯୋଶୀ, ସୁସ୍ମିତା ଘୋସେଲ ପିସିସି ସଭ୍ୟ ନାରୟଣ ପଟ୍ଟନାୟକ, ବିଜନ ଦାସ ମୀନକେତନ ବେହେରା, ଏସିସେଲ ସଭାନେତ୍ରୀ ସସ୍ମିତା ବେହେରା, ଶାନ୍ତନୁ ପାଲ ଓ ସୁଶ୍ରୀ ସୁଶୀଳା ତିରିଆଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିବା ସହ ସ୍ମୃତି ଚାରଣ କରିଥିଲେ । ସୁଶୀଳା ତିରିଆଙ୍କ ରାଜନୈତିକ ପରାମର୍ଶ ଦାତା ଅଜୟ କୁମାର ମହାପାତ୍ର ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଏକ ହୃଦୟ ସ୍ପର୍ଶ ଶୋକ ବାର୍ତ୍ତା ପ୍ରେରଣ କରିଥିଲେ । ଯାହାକୁ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପାଠ କରି ସମସ୍ତଙ୍କୁ ଶୁଣାଇବା ସମୟରେ ସମସ୍ତେ ନିରବ ହେବା ସହିତ ସଭା ଗୃହରେ ସମସ୍ତଙ୍କ ଆଖି ଛଳ ଛଳ ହେବା ସହିତ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, ଆଦିବାସୀ କଂଗ୍ରେସ, ଏସି କଂଗ୍ରେସ, ପଞ୍ଚାୟତ ପରିଷଦ କଂଗ୍ରେସ, ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ କଂଗ୍ରେସ, ସହିତ କଂଗ୍ରେସ ଦଳର ସମସ୍ତ ନେତା କର୍ମୀ ଉପସ୍ଥିତ ରହି ସୁଶ୍ରୀ ସୁଶୀଳା ତିରିଆଙ୍କ ସ୍ମୃତି ଚାରଣ କରିଥିଲେ ।

# ଫୁଲବାଣୀରେ ଅସ୍ତ୍ରଶସ୍ତ୍ର ସହ ୪ ମାଓବାଦୀଙ୍କ ଆତ୍ମସମର୍ପଣ



ଫୁଲବାଣୀ, (ସବ୍ୟୁ): ଆଜି କନ୍ଧମାଳ ପୋଲିସ ପ୍ରଶାସନ ନିକଟରେ ୩ ଜଣ ମହିଳା ମାଓବାଦୀଙ୍କ ଓ ଜଣେ ପୁରୁଷ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଓଡିଶା ପୋଲିସ ପ୍ରଶାସନ ଦ୍ୱାରା ନିୟମିତ ଆବେଦନ କରାଯାଇ ମାଓବାଦୀ କ୍ୟାଡର ମାନଙ୍କୁ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରିବାକୁ ଏବଂ ରାଜ୍ୟ ଏବଂ ଏହାର ଲୋକଙ୍କ ବିକାଶ ଏବଂ କଲ୍ୟାଣରେ ଅଂଶଗ୍ରହଣ କରିବାକୁ ବାରମ୍ବାର ଅନୁରୋଧ କରାଯାଉଛି। ଏଥି ସହିତ ସୁରକ୍ଷା ବାହିନୀ ଦ୍ୱାରା ବର୍ଦ୍ଧିତ ଏବଂ ନିରନ୍ତର ଚାପ, ଆଦର୍ଶ ପ୍ରତି ଭ୍ରମ, ନେତୃତ୍ୱ ଶୂନ୍ୟତା, ସ୍ଥାନୀୟ ସମର୍ଥନର ଅଭାବକୁ ଆଖି ଆଗରେ ରଖି ଆଜି ଦକ୍ଷିଣାଞ୍ଚଳ ପୋଲିସ ଆଇଜି ନୀତି ଶେଖର ଓ କନ୍ଧମାଳ ଏସପିଙ୍କ ନିକଟରେ ଏହି ୪ କେକେବିଏନ ଡିଭିଜନର ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି । ସମସ୍ତ ୪ ମାଓବାଦୀ ଛତିଶଗଡ଼ ଅଞ୍ଚଳର ହୋଇଥିବା ଜଣାପଡିଛି। ଚାରିଜଣଙ୍କ ମଧ୍ୟରେ ଜଣେ ପୁରୁଷ ଓ ତିନି ଜଣ ମହିଳା ମାଓବାଦୀ ଅଛନ୍ତି । ସେମାନେ ହେଲେ ଗଙ୍ଗା କୁଞ୍ଜାମୀ ଓରଫ ଜିତେନ୍, ମୁଚାକି ମାସେ ଓରଫ ସୁମିତ୍ରା, ଚୋମାଲି କୁଞ୍ଜାମ ଓରଫ ଶାନ୍ତିଲା ଓ ଅନ୍ୟ ଜଣେ ହେଲେ ବନ୍ଦୀ ମାଡବୀ ଓରଫ ମାଳତୀ ଏହି ୪ ଜଣ ମାଓବାଦୀ କନ୍ଧମାଳ ପୋଲିସ ପାଖରେ ଆତ୍ମସମର୍ପଣ କରିବା ସହ ବନ୍ଧୁକ, ଜୀବନ୍ତ ଗୁଳି ଏବଂ ବହୁ ମାଓ ସାମଗ୍ରୀ ସହିତ ଆତ୍ମ ସମର୍ପଣ କରିଥିବା ଦେଖିବାକୁ ମିଳିଛି । ଏଥିରେ ରହିଛି ଏସଲାର ବନ୍ଧୁକ ଗୋଟିଏ, ୩୦୩ ବନ୍ଧୁକ ଦୁଇଟି, ୧୨ ବରବୋର ବନ୍ଧୁକ ଗୋଟିଏ,ଏସଲାର ଜୀବନ୍ତ ଗୁଳି ୧୬ ଟା, ୩୦୩ ଜୀବନ୍ତ ଗୁଳି ୨୨ ଟି, ୧୨ବୋର ଜୀବନ୍ତ ଗୁଳି ୪ ଟା, ୱାକି ଟକି ଦୁଇଟା, ମେଡ଼ିସିନ , ବିଦ୍ୟୁତ, ସୋଲାର ପେଲଟ୍, ବ୍ୟାଟେରୀ ସମେତ ଅନ୍ୟାନ୍ୟ ମାଓ ସାମଗ୍ରୀ ରହିଛି । ଆଜିର ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନୀତି ଶେଖର, କନ୍ଧମାଳ ଏସପି ହରିଶ ବିଶି, ବିଏସଫ ଆଧିକାରୀ ଅଜୟ କୁମାର, ବିଏସଏଫ କମାଡେଣ୍ଟ ମାନସ ରଞ୍ଜନ ପଣ୍ଡା ଓ ସିଆରପିଏଫ କମାଡେଣ୍ଟ ସଂଜୀବ ଟିଏମଙ୍କ ସମ୍ମୁଖରେ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ଆତ୍ମସମର୍ପଣ କରିଥିଲେ। ଏହି ସମସ୍ତ ମାଓବାଦୀ ମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ଏକ ଘର ଯୋଗାଇବା ୨୫,୦୦୦/- ଟଙ୍କାର ଏକକାଳୀନ ସହାୟତା, ବିବାହ ପ୍ରୋତ୍ସାହନ ଓ ଅନ୍ୟାନ୍ୟ ସମସ୍ତ ଥଇଥାନ ପ୍ୟାକେଜ ପ୍ରଦାନ କରାଯିବ ବୋଲି ପୁଲିସ ପ୍ରସାଶନ ପକ୍ଷରୁ ପ୍ରକାଶ। ଓଡ଼ିଶା ରାଜ୍ୟ ପୋଲିସ ବିଭାଗ ନିଶ୍ଚିତ କରେ ଯେ ସମସ୍ତ ପ୍ରାପ୍ୟ ସୁବିଧା ତୁରନ୍ତ ଯୋଗାଇ ଦିଆଯିବ, ଯାହା ଦ୍ୱାରା ଆତ୍ମସମର୍ପଣକାରୀ କ୍ୟାଡରମାନଙ୍କୁ ସମ୍ମାନ ଏବଂ ସୁରକ୍ଷା ସହିତ ସେମାନଙ୍କର ଜୀବନ ପୁନଃନିର୍ମାଣ କରାଯାଇପାରିବ ବୋଲି ସମ୍ମିଳନୀରେ କୁହାଯାଇଛି । ସେହିପରି ବୌଦ୍ଧ ଜିଲ୍ଲା ମାଓମୁକ୍ତ ହୋଇଛି ଓ ଅତିଶୀଘ୍ର କନ୍ଧମାଳ ମଧ ମାଓ ମୁକ୍ତ ଜିଲ୍ଲା ହେବ ବୋଲି ଉପସ୍ଥିତ ପୁଲିସ ପ୍ରସାଶକ ମାନେ ସୂଚନା ଦେଇଥିଲେ। ଏ ନେଇ କନ୍ଧମାଳ ପୁଲିସ ପକ୍ଷରୁ କୁମ୍ବିଂ ଅପରେସନକୁ ଜୋରଦାର କରାଯାଇଥିବା ସହିତ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଥିବା କୁହାଯାଇଛି।

# ବାଇକ୍‌କୁ ଧକ୍କାଦେଲା କାର୍ : ୨ ଗୁରୁତର



ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ୫୩ ନମ୍ବର ଜାତୀୟ ରାଜପଥ ଜଟିଆ ଗ୍ରାମ ବ୍ରାହ୍ମଣୀ ପୁରୁଣା ପୋଲ ଉପରେ ବାଇକକୁ ଏକ କାର ଧକ୍କା ଦେବାରୁ ୨ ଜଣ ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ ୨ ଜଣ ଯୁବକ ଏକ ବାଇକ ଯୋଗେ ତାଳଚେର ଆଡୁ ପରଜଙ୍ଗ ଅଭିମୁଖେ ଯାଉଥିବା ବେଳେ ବ୍ରାହ୍ମଣୀ ନଦୀ ନୂଆ ପୋଲ ଭାରିଯାନ ସମ୍ପୂର୍ଣ୍ଣ ଭାବେ ଜାମ୍ ଥିବାରୁ କାରଟି ପୁରୁଣା ପୋଲ ଉପରେ ତାଳଚେର ଆଡ଼କୁ ଯାଉଥିବା ସମୟରେ ପୋଲ ଉପରେ ଉଭୟ ଗାଡି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମୋଟରସାଇକେଲ ଯୋଗେ ଆସୁଥିବା ୨ ଯୁବକ ଗୁରୁତର ଅବସ୍ଥାରେ ପଡିରହିଥିଲେ। ଖବରପାଇ ଘଟଣାସ୍ଥଳରେ ସରାଙ୍ଗ ଫାଣ୍ଡି ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ରୋଗୀବାହାକ ଯୋଗେ ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କାର୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଉଭୟ ଗାଡିକୁ ଫାଣ୍ଡି ପୁଲିସ ଜବତ କରି ତଦନ୍ତ ଜାରି ରଖିଛି।

## କାଳିକାପ୍ରସାଦ ସରକାରୀ ଉପ୍ରା ବିଦ୍ୟାଳୟରେ ଅବ୍ୟବସ୍ଥା

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ କଳାଙ୍ଗ ପଞ୍ଚାୟତ ଅନ୍ତର୍ଗତ କାଳିକା ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟତ୍ରୀଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କୁ ଠିକ ଭାବରେ ଖାଦ୍ୟ ପ୍ରଦାନ କରାଯାଉନଥିବାବେଳେ ଛାତ୍ରଛାତ୍ରୀଙ୍କୁ ଗୋଡ ଘଷିବାକୁ କୁହାଯାଉଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। କଳାଙ୍ଗ ପଞ୍ଚାୟତ କାଳିକାପ୍ରସାଦ ଜନତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସଠିକ ଭାବରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉନଥିବାର ଅଭିଯୋଗ ହୋଇଛି। ସେହିପରି ପାଠପଢା ମଧ ହେଉନଥିବାର ଜଣାପଡିଛି। ଖାଦ୍ୟ ସାମଗ୍ରୀ, ପାଠପଢାରେ ବ୍ୟାଘାତ ଯୋଗୁ ବାରମ୍ବାର ବିଦ୍ୟାଳୟରେ ବୈଠକ ବସି ସମାଧାନ କରାଯାଉଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ସବିତା ମହାପାତ୍ର କାହାରିକୁ ଖାତିରୁ କରୁନଥିବାର ଅଭିଯୋଗ ହୋଇଛି। ଗତ ଦୁଇ ଦିନ ତଳେ ବିଦ୍ୟାଳୟ ସମସ୍ୟା ନେଇ ବୈଠକ ବସିଥିବା ବେଳେ ଏହାକୁ ନେଇ ପ୍ରଧାନଶିକ୍ଷୟତ୍ରୀ ସହକର୍ମୀ ଏବଂ ଗ୍ରାମବାସୀଙ୍କ ନାମରେ ଅସଦାଚରଣ କରାଯାଇଥିବାର ଥାନାରେ ଅଭିଯୋଗ କରିଛନ୍ତି। ଏଭଳି ଘଟଣାକୁ ନେଇ ଆଜି ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ବିଦ୍ୟାଳୟର ଚେୟାରମ୍ୟାନ, ଭାଇସଚେୟାର ମ୍ୟାନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ଚେୟାରମ୍ୟାନ ଅଦ୍ୱୈତ ଚରଣ ବେହେରାଙ୍କ ଅଭିଯୋଗ ଅନୁସାରେ ଛାତ୍ରଛାତ୍ରୀ ମାନଙ୍କ ସଠିକ ଭାବରେ ଖାଦ୍ୟ ପ୍ରଦାନ କରାଯାଉନାହିଁ। ବାରମ୍ବାର ଅଭିଭାବକ ମାନେ ଅଭିଯୋଗ କରିବା ପରେ ମଧ ପ୍ରଧାନଶିକ୍ଷୟତ୍ରୀ ଖାତିର କରୁନଥିବାର କହିବା ସହିତ କଞ୍ଚା କାଠ ରୋଷେଇ ପାଇଁ ଦିଆଯାଉଛି।ଏହାକୁ ନେଇ ବିଦ୍ୟାଳୟରେ ବୈଠକ ବସିଥିବା ବେଳେ ପ୍ରଧାନଶିକ୍ଷୟତ୍ରୀ ଗ୍ରାମବାସୀ ଏବଂ ଶିକ୍ଷକଙ୍କ ନାମରେ ଅସଦାଚରଣ ଅଭିଯୋଗ କରିଛନ୍ତି। ସେହିପରି ଅଭିଭାବକ ଦେବରାଜ ଦାଶ ଙ୍କ କହିବା ଅନୁସାରେ ଖାଦ୍ୟ ଦିଆଯାଉନଥିବା ବେଳେ ବାରମ୍ବାର ବୈଠକ ବସିଲେ ମଧ କୌଣସି ସୁଫଳ ମିଳୁନାହିଁ। ଛାତ୍ରୀଙ୍କ ଅଭିଯୋଗ ଅନୁସାରେ ପାଠ ପଢାଯାଉନାହିଁ, ଖାଦ୍ୟପ୍ରଦାନ କରାଯାଉନାହିଁ, ପିଲା ସଂଖ୍ୟା ଅନୁସାରେ କମ ଖାଦ୍ୟ ଦିଆଯିବାରୁ ଖାଦ୍ୟପାଉନାହିଁ କିଛି କହିଲେ ପ୍ରଧାନଶିକ୍ଷୟତ୍ରୀ ଗାଳି ଗୁଲଜ କରିବା ସହିତ ପରୀକ୍ଷାରେ ମାର୍କ କାଟିଦେବାକୁ ଧମକ ଦେଉଛନ୍ତି। ଏପରିକି ପ୍ରଧାନଶିକ୍ଷୟିତ୍ରୀ ଗୋଡ ଘଷି ଦେବାକୁ କହୁଥିବା ବେଳେ ମୁଣ୍ଡ ଚିପିଦେବାକୁ ମଧ କହୁଛନ୍ତି। ବିଦ୍ୟାଳୟର ଭାଇସ ଚେୟାରମ୍ୟାନ ସତ୍ୟସ୍ମିତା ମହାନ୍ତିଙ୍କ ଅଭିଯୋଗ ଅନୁସାରେ ପିଲାଙ୍କୁ ଖାଦ୍ୟ ପ୍ରଦାନ କରାଯାଉନଥିବାବେଳେ ଏହାକୁ ନେଇ ଯେଉଁ ବୈଠକ ବସିଥିଲା ସେଥିରେ ସମାଧାନ ପରିବର୍ତ୍ତେ ଶିକ୍ଷୟତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ଫଳରେ ବିଦ୍ୟାଳୟକୁ ପୋଲିସ ଆସିଥିଲେ। ଏଭଳି ସମସ୍ୟାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ମାନେ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିବା ସହିତ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ବହିଷ୍କାର କରିବାକୁ ଦାବୀ କରିଛନ୍ତି।

## ଆଠମଲ୍ଲିକ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଭଞ୍ଜନନଗରକୁ ହରାଇଲା ଝାରସୁଗୁଡା

ଆଠମଲ୍ଲିକ, (ସବ୍ୟୁ): ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ମିନି ଷ୍ଟାଡୟମ ଖେଳ ପଡ଼ିଆରେ ଆଠମଲ୍ଲିକ କ୍ରୀଡା ସଂସଦ ତରଫରୁ ଚାଲିଥିବା ଆଠମଲ୍ଲିକ କପ ଫୁଟବଲ ଟୁର୍ନାମେଣ୍ଟର ବି ଗ୍ରୁପର ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ଭଞ୍ଜନନଗର ଓ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ଅନ୍ତିମ ପର୍ଯ୍ୟାୟରେ ଝାରସୁଗୁଡା ଦଳର ଏକ ଖେଳାଳି ଏକ ଗୋଲ ଦେଇ ଦଳକୁ ୧୦ରେ ଅଗ୍ରଣୀ ରଖିଥିଲେ । ବହୁ ଚେଷ୍ଟା ସତ୍ତ୍ୱେ ଭଞ୍ଜନ ନଗର ଗୋଲ ପରିଶୋଧ କରି ପାରି ନଥିଲା । ଯା ଫଳରେ ଝାରସୁଗୁଡା ବିଜୟୀ ହୋଇ ଦ୍ୱିତୀୟ ସେମି ଫାଇନାଲ ରେ ପ୍ରବେଶ କରିଛି । ରେଫରୀ ଭାବେ ଜିତେନ୍ଦ୍ର କୁମାର ଥାନପତି, ଲାଇନ୍ସ ମ୍ୟାନ ଭାବେ ଦେବବ୍ରତ ବେହେରା, ଗରୀବ ବେହେରା ଓ ଚତୁର୍ଥ ରେଫରୀ ଭାବେ ଅର୍ଜୁନ ନାଏକ ଖେଳକୁ ପରିଚାଳନା କରିଥିଲେ । ଏହି ମ୍ୟାଚ ଅବସରରେ ମୁଖ୍ୟ ଅତିଥି ଭାବରେ ଅନୁଗୁଳ ଜିଲ୍ଲା ସାଧାରଣ ସମ୍ପାଦକ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜିଲ୍ଲା ପ୍ରତିନିଧି ସୁଦିପ ଗଡ଼ନାୟକ, ସମ୍ମାନିତ ଅତିଥି ଭାବରେ ଆଠମଲ୍ଲିକ ଥାନା ଆଇଆଇସି ସନ୍ତୋଷ କୁମାର ସେଠୀ, ସମ୍ବଲପୁର ସାଂସଦଙ୍କ ଆଠମଲ୍ଲିକ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ସମ୍ବଲପୁର ସାଂସଦଙ୍କ କିଶୋର ନଗର ବ୍ଲକ ପ୍ରତିନିଧି ସରୋଜ ସାହୁ, ଯୁବ ନେତା ପିନା ପାଣିଗ୍ରାହୀ, ବିଜେପି ନେତା ପରେଶ ଦେଓ, ଚିତ୍ତରଞ୍ଜନ ମେହେର, କାଉନସିଲର ନୂତନ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଉଭୟ ଦଳର ଖେଳାଳି ମାନଙ୍କ ସହ କର ମର୍ଦ୍ଦନ କରିବା ସହିତ ଉତ୍ସାହିତ କରିଥିଲେ । ମ୍ୟାନ ଅପ ଦି ମ୍ୟାଚ ଭାବେ ଝାରସୁଗୁଡା ଦଳର ଚିନ୍ମୟ ସାହୁଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ମ୍ୟାଚକୁ କ୍ରୀଡ଼ା ସଂସଦର ସମ୍ପାଦକ ରଞ୍ଜନ ମହାକୁଡ଼, ଟୁର୍ନାମେଣ୍ଟର ସମ୍ପାଦକ ପୂର୍ବତନ ଏନଏସି ଅଧ୍ୟକ୍ଷ ସନ୍ତୋଷ କୁମାର ହୋତା, ବରିଷ୍ଠ ସଦସ୍ୟ ପ୍ରାଣ ନାଥ ପଟ୍ଟନାୟକ, ଦିଲ୍ଲୀପ କୁମାର ରାଉତ, ପ୍ରିୟ ରଞ୍ଜନ ସେଠୀଙ୍କ ସମେତ କ୍ରୀଡ଼ା ସଂସଦର ସମସ୍ତ ସଦସ୍ୟ ଉପସ୍ଥିତ ରହି ମ୍ୟାଚ ପରିଚାଳନା ରେ ସହଯୋଗ କରିଥିଲେ । ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ କୁଚିଣ୍ଡା ଏବଂ ଝାରସୁଗୁଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ରୀଡା ସଂସଦର ସମ୍ପାଦକ ରଞ୍ଜନ ମହାକୁଡ଼ ସୂଚନା ଦେଇଛନ୍ତି ।

# ଠିକାଶ୍ରମିକ କଂଗ୍ରେସ୍ ପକ୍ଷରୁ ଗଣଧାରଣା

ତାଳଚେର, (ସବ୍ୟୁ): ତାଳଚେର ରେଳୱେ ଷ୍ଟେସନ ସମ୍ମୁଖରେ ମହାନଦୀ କୋଇଲା ଠିକାଶ୍ରମିକ କଂଗ୍ରେସର ସଭାପତି ରାଜକିଶୋର ସାହୁଙ୍କ ନେତୃତ୍ୱରେ ଗଣବିକ୍ଷୋଭ କରାଯାଇଛି । ସଂଘର କହିବା ଅନୁଯାୟୀ, ଦୀର୍ଘ ୭ବର୍ଷ ଧରି ରେଲୱେ ୱାଗନରେ ପାଲଭିଡ଼ାକୁ ନେଇ ଦାବି ଜଣାଇଥିଲେ । ରେଲୱେ ଓ ଏମସିଏଲ ପକ୍ଷରୁ କୌଣସି ପଦକ୍ଷେପ ଏପର୍ଯ୍ୟନ୍ତ ନିଆଯାଇ ନାହିଁ । ପ୍ରଶାସନିକ ସ୍ତରରେ ବାରମ୍ବାର ବିଭିନ୍ନ ସମୟରେ ରେଲୱାଗନରେ ପାଲଭିଡ଼ା ଦାବିକୁ ନେଇ ଆଲୋଚନା କରାଯାଇଥିଲା । କିନ୍ତୁ ଏବାବଦରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଗତ ନଭେମ୍ବର ମାସରେ ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋଡ଼ ରେଲୱେ ୱାଗନରେ ପାଲଭିଡ଼ିବିକୁ ସ୍ପଷ୍ଟଭାବେ ନିର୍ଦ୍ଦେଶନାମା ଜାରିକରିଥିଲା, ତାହା ମଧ ଖାତିର କଲେ ନାହିଁ । ତେଣୁ ଏହାକୁ ନେଇ ଆଜି ମହାନଦୀ କୋଇଲା ଠିକାଶ୍ରମିକଙ୍କ ସହିତ ଶତାଧିକ ଜନସାଧାରଣ ଗଣବିକ୍ଷୋଭ କରିଥିଲେ। ଯଦି ଆଗାମୀ ମାର୍ଚ୍ଚମାସ ଆରମ୍ଭରୁ ରେଲୱେ ୱାଗନରେ ପାଲଭିଡ଼ା କାର୍ଯ୍ୟ ନହେଲେ ତାଳଚେରରୁ କୋଇଲା ପରିବହନ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ମହାନଦୀ କୋଇଲା ଠିକାଶ୍ରମିକ କଂଗ୍ରେସ ପକ୍ଷରୁ ନିଷ୍ପତି ନିଆଯାଇଛି । ଏହି ଗଣଧାରଣାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲନ୍ଦିଗାମ୍ବର ଗଡ଼ନାୟକ, ଘଂଟପପଡ଼ା ଗ୍ରାମ ପଂଚାୟତ ପୂର୍ବତନ ସମିତି ସଭ୍ୟ ସବିତାଧିର, ନାରୀନେତ୍ରୀ ପୁଷ୍ପଲତା ସାହୁ, ସମାଜସେବୀ ସୁଲେଖ ସେଠୀ, ବଳରାମ ବେହେରା, ଜିନେଶ ସାହୁ, ବିକାଶ ନାୟକ, ପ୍ରଶାନ୍ତ ବିଶ୍ୱାଳ, ସହଦେବ ସାହୁ, ଦୁର୍ଗା ପ୍ରସାଦ ଦୋରା, ବିଭୂତି ସାହୁ, ଗେଯତମ ବେହେରା ପ୍ରମୁଖ ଏହି ଗଣଧାରଣାରେ ଯୋଗ ଦେଇଥିଲେ । ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦକ ପ୍ରଭାତ ରଥ, ସୁନିଲ ପାଣି ଯୋଗଦେଇ ରେଲଲେୱ ୱାଗନର ମାନବିକ ଅଧିକାରୀ କ୍ଷୁର୍ଣ୍ଣ କରୁଛି ବୋଲି ପ୍ରକାଶ କରିଥିଲେ ।

# ବିଧାୟକଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ



ପରଜଙ୍ଗ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ଅନ୍ତର୍ଗତ କଙ୍କିଳୀ ପଞ୍ଚାୟତର ଚଉତୁଣ୍ଡି ଚେକ ଡ୍ୟାମର ଭିତ୍ତି ପ୍ରସ୍ଥର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଦେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନାରେ ୪୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ନୂତନ ଚେକ୍ ଡ୍ୟାମଟି , ଗ୍ରାମପଞ୍ଚାୟତର ୧୫ ହେକ୍ଟର ଜମିରେ ବର୍ତମାନ ଜଳସେଚନ ହୋଇପାରିବ। ପରବର୍ତ୍ତୀ ସମୟରେ ଏହାକୁ ଏକ ବୃହତ ଡ୍ୟାମ କରାଯିବ, ଯାହାକି କଙ୍କିଳୀ ପଞ୍ଚାୟତ ସମେତ ସାଆନ୍ଦା,ଚାନ୍ଦପୁର କଣ୍ଟାପାଳ ପଂଚାୟତର ହଜାରରୁ ଉର୍ଦ୍ଧ ଚାଷୀ ଉପକୃତ ହେବେ ବୋଲି ବିଧାୟକ ତାଙ୍କ ଅଭିଭାଷଣରେ କହିଛନ୍ତି। ତେବେ ଏହି ଚେକ୍ ଡ୍ୟାମ ହେବା ଦ୍ୱାରା କୃଷକ ମାନଙ୍କ ପାଇଁ ଚାଷ ଜମିକୁ ପାଣି ସହଜରେ ପ୍ରବାହିତ ହେବା ସହିତ ଚାଷୀ ମାନଙ୍କ ପାଇଁ ଜଳ ସଙ୍କଟଦୂର ହୋଇପାରିବ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି। ଏଥିସହ ଅନ୍ୟ ମାନଙ୍କ ମଧରେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱନି ରାଉତ, ବିଡ଼ିଓ ସୌଭାଗ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବସୋଇ ପଞ୍ଚାୟତ ଯୌତୁକ ପଶି ଗ୍ରାମରେ କୋଠଘର ଲୋକାର୍ପଣ, ବଡଝରା ପଞ୍ଚାୟତରେ ଗୋଷ୍ଠୀ ଶୌଚାଳୟ ଲୋକାର୍ପଣ, ସାଂସ୍କୃତିକ କାର୍ଯ୍ୟ ଗୃହ ଲୋକାର୍ପଣ, ସତ୍ୟ ନାରାୟଣ ଯୁବଗୋଷ୍ଠୀ ଗୃହ ଲୋକାର୍ପଣ, ସିଦ୍ଧେଶ୍ୱର ଶିବ ମନ୍ଦିର ଭିତ୍ତି ପ୍ରସ୍ତର ସ୍ଥାପନ, ବହୁ ମୁଖି ଶୀତଳ ଭଣ୍ଡାର ଲୋକାର୍ପଣ, ବଡଝରା ନୂଆଁ ସାହି ରେ କାର୍ତ୍ତିକେଶ୍ୱର ଶିବ ମନ୍ଦିର ଭିତ୍ତି ପ୍ରସ୍ତର , କାଞ୍ଚିକେଶ୍ୱର ଶିବ ମନ୍ଦିର ପାଚେରୀ ଫାଟକ, ଅପରାହ୍ନରେ ବାରିହାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ବିଧାୟକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସରପଞ୍ଚ, ସମିତି ସଭ୍ୟା ସଭ୍ୟ ଓ ଦଳୀୟ କର୍ମକର୍ତ୍ତା ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ମା' ମାହେଶ୍ୱରୀ ଅଟୋ ସଂଘ ପକ୍ଷରୁ ସପ୍ତମ ବାର୍ଷିକ ଉତ୍ସବ

ବଇଣ୍ଡା, (ସବ୍ୟୁ): କିଶୋରନଗର ବ୍ଲକ ବାମୁର ଠାରେ ମା' ମାହେଶ୍ୱରୀ ଅଟୋ ସଙ୍ଘ ବାମୁର ପକ୍ଷରୁ ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି । ପ୍ରଥମେ ଅତିଥିମାନେ ବାମୁରସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଧୂପଦୀପ ପୁଷ୍ପ ଅର୍ପଣ କରି ସ୍ଲୋଗାନ ଦେଇ ସଭାସ୍ଥଳକୁ ଆସିଥିଲେ । ମା' ମହେଶ୍ୱରୀଙ୍କ ଫୋଟୋ ଚିତ୍ରରେ ଧୂପ, ଦୀପ, ପୁଷ୍ପ ମାଲ୍ୟ ଅର୍ପଣ କରି ସଭା ଆରମ୍ଭ କରିଥିଲେ । ଅତିଥିମାନଙ୍କ ପରିଚୟ ପ୍ରଦାନ କରି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବାମୁର ଅଟୋ ସଂଘ ଆଜି ତାର ସପ୍ତମ ବାର୍ଷିକ ଉତ୍ସବ ପାଳନ କରିଥିଲା । ଏହି ଅଟୋ ଆସୋସିଶେଷନ କେମିତି ଗଢ଼ିଥିଲା। ଲୋକଙ୍କ ବିଶ୍ୱାସ ଭରଷାର ପାତ୍ର ହୋଇଥିଲା ଓ ଆଗକୁ ଆହୁରି ଲୋକଙ୍କ ଭରଷା ଯୋଗ୍ୟ ହୋଇପାରିବ ଆଲୋଚନା କରିଥିଲେ । ଏହି ସଭାରେ ସଭାପତିତ୍ୱ କରିଥିଲେ। ସଭାପତି ଜୟକୃଷ୍ଣ ପ୍ରଧାନ ଓ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୋମିନି ସରୋଜ ପ୍ରଧାନ ମୂଖ୍ୟବକ୍ତା। କିଶୋରନଗର ଡିଗ୍ରୀ କଲେଜ ଅଧକ୍ଷ ଅକ୍ଷୟ ଦାସ ଓ ସମ୍ମାନିତ ଅତିଥିଭାବେ କିଶୋରନଗର ଥାନା ଅଧିକାରୀ ବିଭୁତି ପ୍ରଧାନ, ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି, ସଚ୍ଚିଦାନନ୍ଦ ପ୍ରଧାନ, ନଳିନୀ ରଞ୍ଜନ ପ୍ରଧାନ, ପରାମର୍ଶଦାତା ରୁଦ୍ର ନାରାୟଣ ପ୍ରଧାନ ଏବଂ ଅନ୍ୟାନ୍ୟ ଅତିଥି ଯୋଗ ଦେଇଥିଲେ । ଆଜିର ସଭାକୁ ମଞ୍ଚ ପରିଚାଳନା କରିଥିଲେ ଅଗସ୍ତି ଚରଣ ସାହୁ ।


# ବାଲ୍ୟ ବିବାହ ମୁକ୍ତି ରଥ ଦ୍ୱାରା ସଚେତନା କାର୍ଯ୍ୟକ୍ରମ

ଠାକୁରଗଡ, (ସବ୍ୟୁ): ଭାରତ ସରକାରଙ୍କ ୨୦୩୦ ମସିହା ସୁଦ୍ଧା ବାଲ୍ୟ ବିବାହ ମୁକ୍ତ ଭାରତ ଗଠନକୁ ସାକାର କରିବା ପାଇଁ ବିଶ୍ୱ ଯୁବ କେନ୍ଦ୍ର ଅନୁଗୁଳ ଓ ଜଷ୍ଟ ରାଇଟ ଫର ଚିଲଡ୍ରେନଙ୍କ ମିଳିତ ଉଦ୍ୟମରେ ବାଲ୍ୟ ବିବାହ ନିଷେଧ ଅଭିଯାନ ବିଭିନ୍ନ ଗ୍ରାମରେ ସଚେତନା କାର୍ଯ୍ୟକ୍ରମ କରାଯାଉଛି । ଏହି କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଏକ ସଚେତନତା ରଥ ବିଭିନ୍ନ ସରକାରୀ କାର୍ଯ୍ୟାଳୟରୁ ବାହାରି ଗ୍ରାମ ଗୁଡିକକୁ ଯାଇ ଲୋକଙ୍କୁ ସଚେତନ କରାଉଛନ୍ତି । ଶୁକ୍ରବାର ଦିନ ଆଠମଲ୍ଲିକ, କିଶୋରନଗର ବ୍ଲକର ସମସ୍ତ ପଞ୍ଚାୟତ ବୁଲିବା ସହ ଜାମୁନାଳୀ, ବଡହୁଲା, ଉରୁକୁଳା, ଜାମୁଡୋଳି, ଲୁହାସିଙ୍ଗା, ନଅଗାଁ, ସାନହୁଲ୍ଲା, କୁରୁମଟାପ, ନୁନୁକାପଶି ହଣ୍ଡପା, ଲୁହାମୁଣ୍ଡା. କଣ୍ଢେଇକୋଳିଆ, ହିମିତିରା କୃତିବାସପୁର, ଠାକୁରଗଡ଼, ପେଡିପଥର ଉଚ ବିଦ୍ୟାଳୟ ଏବଂ ଅଏଡା ଆଦି ପଂଚାୟତର ଗାଁ ପରିଭ୍ରମଣ କରିବା ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଛାତ୍ର ଛାତ୍ରୀଙ୍କୁ ବାଲ୍ୟ ବିବାହର କୁପରିଣାମ, ଦଣ୍ଡବିଧାନ, ବିଷୟରେ ଅବଗତ କରାଇ ଶପଥ ପାଠ ମଧ କରାଯାଇଥିଲା। ଗ୍ରାମ ସ୍ତରରେ ଲୋକମାନଙ୍କୁ ବାଲ୍ୟ ବିବାହ ନକରେଇବା ପାଇଁ ଏକତ୍ରିତ କରାଇ ସଚେତନତା ବାର୍ତା ଦିଆ ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଶ୍ୱ ଯୁବ କେନ୍ଦ୍ରର କର୍ମକର୍ତା ଜ୍ୟୋସ୍ମିତା ପ୍ରଧାନ, ଅଭୟ ଚରଣ ସ୍ୱାଇଁ, ଗୁଲଶନ ମାଝି, ଶ୍ୱେତମ୍ବର ମଲ୍ଲିକ ସହଯୋଗ କରିଥିଲେ।

# ଭ୍ୟାନ, ବାଇକ, କାର ଜବତ : ତିନି ଗିରଫ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲା ଠାକୁରଗଡ ଓ ହଣ୍ଡପା ପୋଲିସ ଗୁରୁବାର ଦିନ ବିଭିନ୍ନ ଅଞ୍ଚଳରେ ଗାଡି ମଟର ଯାଞ୍ଚ କରିଛି । ହଣ୍ଡପା ପୋଲିସ ହଣ୍ଡପା ଅଞ୍ଚଳରେ ଯାଞ୍ଚ କରି ମଦ୍ୟପାନ କରି ପିକଅପ ଭ୍ୟାନ ଚଳଉଥିବା ଅଭିଯୋଗରେ ପେଡିପଥର ଗ୍ରାମର ଗୌତମ ନାୟକଙ୍କୁ ଗିରଫ କରିବା ସହ ତାଙ୍କ ପିକଅପ ଭ୍ୟାନ କୁ ଜବତ କରାଯାଇଛି । ସେହିପରି ମଦ୍ୟପାନ କରି ବାଇକ ଚଳଉଥିବା ଅଭିଯୋଗରେ କିଶୋରନଗର ଥାନା ରାମଚନ୍ଦ୍ରପୁର ଅଞ୍ଚଳର ହୀରା ବେହେରାଙ୍କୁ ଗିରଫ କରାଯାଇଛି । ସେହିପରି ତାଙ୍କ ବାଇକକୁ ଜବତ କରାଯାଇଛି। ସେହିପରି ଠାକୁରଗଡ ପୋଲିସ ଠାକୁରଗଡ ଅଞ୍ଚଳରେ ଗାଡି ମଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି କାର ଚଳଉଥିବା ଅଭିଯୋଗରେ ରେଢାଖୋଲ ଅଞ୍ଚଳର ପଞ୍ଚାନନ ଭୋଇଙ୍କୁ ଗିରଫ କରିବା ସହ ତାଙ୍କ କାରକୁ ଜବତ କରିଛି । ସେହିପରି ସାନ ରୋହିଲା ଗ୍ରାମର ଭାସ୍କର ତାଣ୍ଡିଆଙ୍କୁ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ଗିରଫ କରାଯାଇଛି । ଏଥିସହ ତାଙ୍କ ବାଇକକୁ ଜବତ କରିଛି । ଏନେଇ ଉଭୟ ଥାନାରେ ମାମଲା ରୁଜୁ କରାଯାଇଛି ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭୂମିପୂଜନ



କଣିହାଁ, (ସବ୍ୟୁ): କଣିହାଁ ବ୍ଲକ କର୍ଣ୍ଣପାଳ ପଞ୍ଚାୟତ ଠାରେ ବାଲିଯୋଡ଼ି କ୍ଷୁଦ୍ର ପ୍ରକଳ୍ପର ମୁଖ୍ୟ ଏବଂ ଶାଖା କେନାଲରେ ୮୯ ଲକ୍ଷ୍ୟ ଟଙ୍କା ବ୍ୟୟରେ ୧.୫ କିଲୋମିଟର କଂକ୍ରିଟ ଡ୍ରେନ ଓ ବାଲିଯୋଡ଼ି କ୍ଷୁଦ୍ର ଜଳ ପ୍ରକଳ୍ପ ଅନ୍ତର୍ଗତ ମୁଖ୍ୟ କେନାଲ ବନ୍ଧରେ ୮୬ ଲକ୍ଷ ଟଙ୍କା ବ୍ୟୟରେ ୨ କିଲୋମିଟର ନୂତନ ପିଚୁ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ପାଲଲହଡ଼ାର ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୂଜାର୍ଚ୍ଚନା କରି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଧାୟକ ତାଙ୍କ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଚାଷ ତଥା ଚାଷୀଙ୍କ ପାଇଁ ଯେଉଁ ପ୍ରକାରର ସୁବିଧା ସୁଯୋଗ ଯୋଗେଇ ଦେଉଛନ୍ତି ଯଥା ଚାଷୀଙ୍କ ଚାଷଜମି ପାଖକୁ ଜଳସେଚନ, ଚାଷ କାର୍ଯ୍ୟ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି କିପରି ଯୋଗେଇ ଦେଉଛନ୍ତି ସେ ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ସାଂସଦଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ପରାବିଲ ସରପଞ୍ଚଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ସାହୁ, କର୍ଣ୍ଣପାଳ ସରପଞ୍ଚ ହୃଷୀକେଶ ସାମଲ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ମଦ ଜବତ, ଜଣେ ଗିରଫ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ଠାକୁରଗଡ ପୋଲିସ ଟାପଢୋଲ ଅଞ୍ଚଳ ରେ ଚଢଉ କରି ସ୍ୱାଧୀନ ବେହେରାଙ୍କ ଘରୁ ୯ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି । ଏଥିସହ ତାଙ୍କୁ ଗିରଫ କରାଯାଇଛି । ସେ ବେଇଆନ ଭାବରେ ନିଜ ଘରେ ଚୋରାରେ ମଦ ବିକ୍ରି କରିବା ପାଇଁ ନେଉଥିବା ବେଳେ ଠାକୁରଗଡ ପୋଲିସ ଚଢଉ କରି ଗିରଫ କରିଥିଲା । ଏନେଇ ନମ୍ବର ୨୪/୨୬ରେ ଏକ ମାମଲା ରୁଜୁ କରାଯାଇଛି ।

## ଜିନ୍ଦଲ ଷ୍ଟିଲ୍ ପ୍ରିମିୟର ଲିଗ୍– ୩ ଉଦ୍‌ଯାପିତ

# ଟିମ୍ ଜଗରନଟ୍ସ ଚାମ୍ପିଅନ




ଅନୁଗୁଳ, (ସବ୍ୟୁ): ଜିନ୍ଦଲ ଷ୍ଟିଲ ପ୍ରିମିୟର ଲିଗ–୩ୟରେ ଟିମ୍ ଏକ୍ସଟ୍ରିମ୍ ଷ୍ଟିଲ୍କୁ ପରାସ୍ତ କରି ଟିମ୍ ଜଗରନଟ୍ସ ଦଳ ଚାମ୍ପିୟନ୍ ହୋଇଛି । ଏହି ଆନ୍ତଃବିଭାଗୀୟ କ୍ରିକେଟ୍ ଟୁର୍ନାମେଣ୍ଟରେ ଗତକାଲି ସନ୍ଧ୍ୟାରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଏକ ରୋମାଞ୍ଚକର ଲଢେଇ ଦେଖିବାକୁ ମିଳିଥିଲା । ଜିନ୍ଦଲ ଷ୍ଟିଲ୍ ଅନୁଗୁଳର ବିଭିନ୍ନ ବିଭାଗର ମୋଟ ୪୨ଟି ଦଳକୁ ନେଇ ହୋଇଥିବା ଏହି ଟୁର୍ଣ୍ଣମେଣ୍ଟରେ ପ୍ରତିଟି ଦଳ ଟିମ୍ ୱାର୍କ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ପ୍ରଦର୍ଶନ କରିଥିଲେ।୨୩ ଜାନୁୟାରୀରୁ ୪ ଫେବୃୟାରୀ ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଟିମ୍ ଏକ୍ସଟ୍ରିମ୍ ଷ୍ଟିଲ୍ ଏବଂ ଟିମ୍ ଜଗରନଟ୍ସ ମୁହାଁମୁହିଁ ହୋଇଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ଜଗରନଟ୍ସ ଦଳ ପ୍ରତିପକ୍ଷ ଏକ୍ସଟ୍ରିମ୍ ଷ୍ଟିଲ୍ ଦଳ ଆଗରେ ୧୨୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ଏକ୍ସଟ୍ରିମ୍ ଷ୍ଟିଲ୍ ୮ ୱିକେଟ୍ ହରାଇ ମାତ୍ର ୧୦୮ ରନ କରିବାରେ ସମର୍ଥ ହୋଇଥିଲା। ଫଳରେ ଜଗରନଟ୍ସ ୧୫ ରନରେ ବିଜୟୀ ହେବା ସହ ଟ୍ରଫି ହାସଲ କରିଛି । ଏହି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଅନୁଗୁଳ ୟୁନିଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିର୍ଦ୍ଦେଶକ ପଙ୍କଜ ମାଲହାନ ଏବଂ ଆଇରନ୍ ଜୋନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ସେମାନଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇବା ସହ ଟ୍ରଫି ପ୍ରଦାନ କରିଥିଲେ । ଉଭୟ ଅତିଥି ଏହି ଅବସରରେ ଫିଟନେସ୍, ଶୃଙ୍ଖଳା ଏବଂ ସାମୂହିକ ଦଳଗତ କାର୍ଯ୍ୟକୁ ବୃଦ୍ଧି କରିବାରେ କ୍ରୀଡାର ଭୂମିକା ଉପରେ ଆଲୋକପାତ କରିଥିଲେ। ଜଗରନଟ୍ସ ଦଳର ଚିନ୍ମୟ ସାହୁ (ମ୍ୟାନ୍ ଅଫ୍ ଦି ମ୍ୟାଚ୍), ଆଦିତ୍ୟ ନାରାୟଣ (ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍) ଏବଂ ସରୋଜ ଗଡ଼ନାୟକ (ଶ୍ରେଷ୍ଠ ଅଲରାଉଣ୍ଡର)ଙ୍କୁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏକ୍ସଟ୍ରିମ୍ ଷ୍ଟିଲ୍ ଦଳର ଅମିତ ସାହଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଏବଂ ସୌମ୍ୟକାନ୍ତ ନାୟକଙ୍କୁ ଶ୍ରେଷ୍ଠ ବୋଲର ଭାବରେ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୩ ଜାନୁୟାରୀରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ହୃଦୟେଶ୍ୱର ଝା ଏବଂ ସମ୍ମାନିତ ଅତିଥି ଭାବରେ ପରାମର୍ଶଦାତା (ଆଇରନ୍ ଜୋନ) ବିଜୁ ନାୟାର ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ସେହିପରି ମହିଳା କର୍ମୀ ଏବଂ ଗୃହିଣୀମାନଙ୍କ ମଧ୍ୟରେ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ ଆୟୋଜନ କରାଯାଇଥିଲା। ଏହି ଅବସରରେ ଜିନ୍ଦଲ ମହିଳା ସମିତିର ଅଧକ୍ଷା ସୀମା ମାଲହାନ ଏବଂ ଅନିତା ମିତ୍ତଲ ଯୋଗ ଦେଇ ମହିଳା ଖେଳାଳିମାନଙ୍କୁ ଉତ୍ସାହିତ ଏବଂ ସମର୍ଥନ କରିଥିଲେ। ପରିଚାଳନା କମିଟିର ବରିଷ୍ଠ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଏହି ସଂପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟର ସଠିକ ଓ ସଫଳ ପରିଚାଳନା କରାଯାଇଥିଲା।

# ଲାଉପାଳ ଜଳଭଣ୍ଡାରରେ ପକ୍ଷୀ ଗଣନା



ଅନୁଗୋଳ, (ସବ୍ୟୁ): ଲାଉପାଳ ଜଳଭଣ୍ଡାରରେ ୩୫ପ୍ରଜାତିର ପକ୍ଷୀ ସମେତ ୧୪ ପ୍ରଜାତି ବିଦେଶାଗତ ପକ୍ଷୀ ପକ୍ଷୀ ଚିହ୍ନଟ ଏବଂ ସଂରକ୍ଷଣ କ୍ଷେତ୍ରରେ ବିଏମସି ଯତ୍ନଶୀଳ ହେବାକୁ ପରାମର୍ଶ ଓଡିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଅନୁଗୋଳ ଜିଲ୍ଲାର ମାଧପୁର ନିକଟସ୍ଥ ଲାଉପାଳ ଜଳଭଣ୍ଡାରରେ ଏସିଆନ୍ ଜଳଚର ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ସ୍ଥାନୀୟ ମାଧପୁର, କୁଦଗାଁ ଏବଂ ଲୁଣହାଣ୍ଡି ଜୈବବିବିଧତା ପରିଚାଳନା ସମିତିର କର୍ମକର୍ତ୍ତା ଏବଂ ବନ ବିଭାଗର କର୍ମଚାରୀ ମାନେ ସାମିଲ୍ ହୋଇଥିଲେ । ଆଠମଲ୍ଲିକ ବନଖଣ୍ଡ ଏବଂ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଗଣନା କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଜଳଭଣ୍ଡାରର ଦୁଇ ପାର୍ଶ୍ୱରେ ଥିବା ଘାସ ଓ ଦଳ ଅଂଚଳକୁ ବୁଲି ବୁଲି ଗଣନାକାରୀ ମାନେ ବିଭିନ୍ନ କୌଶଳପୂର୍ଣ୍ଣ ଗଣନା କରିଥିଲେ । ଜଳଭଣ୍ଡାରରେ ୩୫ ପ୍ରଜାତିର ପକ୍ଷୀ ଦୃଶ୍ୟମାନ ହୋଇଥିବା ବେଳେ ୧୪ ପ୍ରକାରର ବିଦେଶାଗତ ପକ୍ଷୀ ଥିଲେ। ସମୁଦାୟ ୧୯୭୨ ପକ୍ଷୀ ଥିବାର ଗଣନାରେ ଆକଳନ କରାଯାଇଥିଲା । ମାଧପୁର ବନାଂଚଳର ବନପାଳ ସନ୍ତୋଷ ନାୟକ, ଓଡିଶା ଜୈବବିବିଧତା ବୋର୍ଡର ଗବେଷକ ସିନୁ ଆରାଧନା, ଲକ୍ଷ୍ମୀପ୍ରିୟା ଦାସ୍ , ଶ୍ରୀମା ସାଇ ମା, ଓମ ପ୍ରକାଶ ମହାନ୍ତି ଏବଂ ପକ୍ଷୀପ୍ରେମୀ ବିରେନ୍ କୁମାର ପ୍ରଧାନ, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ସଂଯୋଜକ ପ୍ରିୟବ୍ରତ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ପରିଚାଳନାରେ ପକ୍ଷୀ ମାନଙ୍କର ଗଣନା କରାଯାଇଥିଲା । ବିଦେଶାଗତ ପକ୍ଷୀ ମାନଙ୍କ ମଧ୍ୟରେ ରେଡ୍ କ୍ରେଷ୍ଟେଡ୍ ପୋଚାଡ, କମନ୍ ସାଣ୍ଡ ପାଇପର୍, ଲିଟଲ୍ ରିଂଗିଡ୍ ପ୍ଲୋଭର୍, ବ୍ଲାକ୍ ବିଲଡ୍ ଟର୍ନ, ନର୍ଦ୍ଦନ ପିଂଟେଲ୍ ଗଣନା ସମୟରେ ଦୃଶ୍ୟମାନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଟନ୍ ପିଗମି ଗୁସ୍ , କଟନଟିଲ୍ ପକ୍ଷୀ ଦେଖିବାକୁ ମିଳିଥିଲା । ଗଣନାପରେ ବିଏମସିର ଅଂଶଗ୍ରହଣକାରୀ ମାନଙ୍କୁ ପକ୍ଷୀ ମାନଙ୍କର ବ୍ୟବହାରିକ ଚଳଣି, ଖାଦ୍ୟପାନୀୟ, ପ୍ରକୃତି ପାଇଁ ରହିଥିବା ସନ୍ତୁଳନ ପ୍ରକ୍ରିୟା ସହିତ ଆମ ସଂସ୍କୃତି ଐତିହ୍ୟ ସହିତ ରହିଥିବା ସଂପର୍କ ଉପରେ ଆଲୋଚନା କରିଥିଲେ । ପକ୍ଷୀ ମାନଙ୍କ ପାଇଁ ରହିଥିବା ବିପଦ ଏବଂ ବିପଦରୁ ଉଦ୍ଧାର କାର୍ଯ୍ୟକ୍ରମ ଓ ସଂରକ୍ଷଣ ର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଗ୍ରାମବାସୀମାନେ ପକ୍ଷୀ ମାନଙ୍କ ବିଷୟରେ ଅଧିକା ଜାଣିବା ଏବଂ ସେମାନଙ୍କର ସଂରକ୍ଷଣରେ ସହଯୋଗ କରାଯିବା ଉପରେ ଆଲୋଚନା କରାଯାଇଥିଲା । ମାଧପୁର, କୁଦଗାଁ ଓ ଲୁଣହାଣ୍ଡି ଜୈବ ବିବିଧତା ପରିଚାଳନା ସମିତିର ଅଧକ୍ଷ, ଅଧକ୍ଷାଙ୍କ ସମେତ ୨୧ ଜଣ କର୍ମକର୍ତ୍ତା ଗଣନାରେ ସାମିଲ୍ ହୋଇଥିଲେ । ଆଠମଲ୍ଲିକ ବନଖଣ୍ଡର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ବନାଞ୍ଚଳର ବନପାଳ ଓ ବନରକ୍ଷୀ ୧୦ରୁ ଅଧିକ ଗଣନାରେ ଅଂଶଗ୍ରହଣ କରିଥିଲେ । ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଲିକୁନ ପ୍ରଧାନ ଏବଂ ବିନୟ ସାହୁ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିଥିଲେ ।

# ଧର୍ମ ପରିବର୍ତ୍ତନ ବେଳେ ୨ ଅଟକ

ସୋର, (ସବ୍ୟୁ) :ନିରୀହ ଆଦିବାସୀ ଅଞ୍ଚଳରେ ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ କରାଯାଉଥିବା ଅଭିଯୋଗରେ ସୋର ପୁଲିସ ଦୁଇଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ପ୍ରାପ୍ତ ଖବର ଅନୁସାରେ ସୋର ଥାନା ଗୋପୀନାଥପୁର ପଞ୍ଚାୟତ କିଆନାଳିଆ ଗ୍ରାମର ସନାତନ ସିଂଙ୍କ ଘରେ ଜନ୍ମଦିନ ପାଳନ କରାଯାଉଥିବା ବେଳେ ଦୁଇଜଣ ଯୁବକ ଧର୍ମ ଗ୍ରନ୍ଥ ବାଇବେଲ ସାଙ୍ଗରେ ଆଣି ସନାତନଙ୍କ ପରିବାର ଲୋକଙ୍କୁ ଧର୍ମ ପରିବର୍ତ୍ତନ କରାଉଥିଲେ। ଏହି ସମୟରେ ଅନ୍ୟ ଗ୍ରାମବାସୀମାନେ ଜାଣିବାକୁ ପାଇ ସେମାନଙ୍କୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବାଇବେଲ ଆଣିଥିବା ଯୁବକ ଦୁଇଜଣ ତାଙ୍କ ଘରକୁ ପ୍ରାର୍ଥନା କରିବାକୁ ଆସିଥିବା କହିଥିବା ବେଳେ ଗ୍ରାମବାସୀମାନେ ଧର୍ମପରିବର୍ତ୍ତନ କରିବାକୁ ଆସିଥିବା ଅଭିଯୋଗ କରିଥିଲେ। ପୁଲିସ ଯୁବକ ଦୁଇଜଣଙ୍କ ନିକଟରୁ ୨ଟି ବାଇବେଲ ଜବତ କରିବା ସହିତ ସେମାନଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ୧୯ରୁ ମାଟ୍ରିକ ପରୀକ୍ଷା : ୧୧ କେନ୍ଦ୍ରରେ ପରୀକ୍ଷା ଦେବେ ୧୮୫୩ ପରୀକ୍ଷାର୍ଥୀ

ବେତନଟୀ,(ସବ୍ୟୁ): ଚଳିତମାସ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବା ବେଳେ ଏଥିରେ ବେତନଟୀ ବ୍ଲକର ୧୧ଟି କେନ୍ଦ୍ରରେ ପରୀକ୍ଷାଦେବେ ୧୮୫୩ ପରୀକ୍ଷାର୍ଥୀ । ଚଳିତମାସ ୧୯ ତାରିଖରୁ ଆସନ୍ତା ମାର୍ଚ୍ଚ ୨ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତି ଏକପ୍ରକାର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚୁଥିବା ବେଳେ ବେତନଟୀ ବ୍ଲକ ପାଇଁ ପିଏମଶ୍ରୀ ଏମପିସି ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି । କେବଳ ଗଣିତ ବିଷୟକୁ ଛାଡିଦେଲେ ଅନ୍ୟ ସମସ୍ତ ବିଷୟ ସକାଳ ୯ଟା ଠାରୁ ଆରମ୍ଭହୋଇ ପୂର୍ବାହ୍ନ ସାଢେ଼୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ତେବେ ଗଣିତ ବିଷୟ ପାଇଁ ଅତିରିକ୍ତ ୧୫ ମିନିଟ ସମୟ ଦିଆଯାଇଥ ବାରୁ ଏହା ଅନ୍ୟବିଷୟ ଭଳି ସ୍ୱାଭାବିକ ଭାବେ ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୪୫ ମିନିଟରେ ସମାପ୍ତ ହେବ। ବେତନଟୀ ବ୍ଲକର ସମସ୍ତ ୧୧ଗୋଟି ପରୀକ୍ଷାକେନ୍ଦ୍ର ସମେତ ବଡସାହି ବ୍ଲକର କୋଚିଳାଖୁଣ୍ଟା ହାଇସ୍କୁଲ ଏବଂ ମୋରଡା ବ୍ଲକର ଦାନ୍ତିଆମୁହାଁ ହାଇସ୍କୁଲକୁ ମଧ ନୋଡାଲସେଣ୍ଟର ପିଏମଶ୍ରୀ ଏମପିସି ହାଇସ୍କୁଲରୁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବ । ଧାର୍ଯ୍ୟ ସମୟରେ ନୋଡାଲ ସେଣ୍ଟର ପିଏମଶ୍ରୀ ଏମପିସି ହାଇସ୍କୁଲରୁ ପ୍ରଶ୍ନପତ୍ର କଡା ସୁରକ୍ଷା ବଳୟ ମଧ୍ୟରେ ପରୀକ୍ଷାକେନ୍ଦ୍ରରେ ପହଞ୍ଚିବ। ଏବଂ ପରୀକ୍ଷା ସରିବାମାତ୍ରେ ମଧ କଡା ସୁରକ୍ଷା ମଧ୍ୟରେ ଉତ୍ତରଖାତା ନୋଡାଲସେଣ୍ଟରରେ ପହଞ୍ଚିବ । ବେତନଟୀ ବ୍ଲକର ୧୧ଟି ପରୀକ୍ଷାକେନ୍ଦ୍ର ମଧ୍ୟରେ ବେତନଟୀ ପିଏମଶ୍ରୀ ଏମପିସି ହାଇସ୍କୁଲରେ ୧୮୫ଜଣ, ବେତନଟୀ ସରକାରୀ ବାଳିକା ହାଇସ୍କୁଲରେ ୧୮୭ଜଣ, ଶାଳବଣି ଏସଏସଡି ବାଳିକା ହାଇସ୍କୁଲରେ ୧୯୮ଜଣ, ସନ୍ତରାସ୍ଥିତ ଜନତା ହାଇସ୍କୁଲରେ ୧୫୬ଜଣ, ବ୍ରହ୍ମପୁରା ହାଇସ୍କୁଲରେ ୧୬୧ଜଣ, ଛଚି ନାପଦାସ୍ଥିତ ସିଦ୍ଧେଶ୍ୱର ହାଇସ୍କୁଲରେ ୧୫୧ଜଣ, ଖୁଣ୍ଟାପୁରସ୍ଥିତ ସତ୍ୟ ସାଇ ବିଦ୍ୟାପୀଠରେ ୧୨୨ଜଣ, ପାଟଳୀପୁରା କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନରେ ୧୫୮ଜଣ, ଅଁଳା ହାଇସ୍କୁଲରେ ୧୨୩ଜଣ, ବୈଶିଙ୍ଗା ମୁନୀଲାଲ ହାଇସ୍କୁଲରେ ୧୨୮ଜଣ, ଗଡଦେଉଳିଆ ହାଇସ୍କୁଲରେ ୨୩୦ଜଣ ଏହି ପରି ସର୍ବମୋଟ ୧୮୫୩ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାପାଇଁ ବ୍ୟବସ୍ଥା କରାଯାଉଛି । ମାଟ୍ରିକ ପରୀକ୍ଷାରେ ସଫଳତାର ସହିତ କୃତିତ୍ୱ ଅର୍ଜନକରି ଉଜ୍ଜଳ ଭବିଷ୍ୟତ ଗଠନ ପାଇଁ ଓଷ୍ଟା ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବେତନଟୀ ବ୍ଲକ ସଭାପତି ଶିଶିର କୁମାର ନାୟକ, ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ ପ୍ରମୁଖ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ପୁତ୍ରର ଜନ୍ମଦିନରେ ପିତା କଲେ ରକ୍ତଦାନ



ବାଲେଶ୍ୱର, (ସବ୍ୟୁ): ପୁତ୍ରର ଜନ୍ମଦିନରେ ପିତା ପ୍ରଦୀପ କୁମାର ବେଜ ଏବଂ ତାଙ୍କ ପରିବାରବର୍ଗ ଓ ସାଙ୍ଗସାଥିମାନେ ରକ୍ତଦାନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଘଟଣାରୁ ପ୍ରକାଶ ବାଲେଶ୍ୱର ସହରର ଆଇଟିଆଇ ଅଞ୍ଚଳରେ ରହୁଥିବା ପ୍ରଦୀପ କୁମାର ବେଜଙ୍କ ଫାର୍ମାସିଷ୍ଟ ପଢୁଥିବା ପୁତ୍ର ଆଦ୍ୟା ଆଶୁତୋଷଙ୍କର ଗୁରୁବାର ଥିଲା ୨୦ତମ ଜନ୍ମଦିନ ଥିବା ବେଳେ ଅଯଥା ପାର୍ଟି କିମ୍ବା କେକ୍ ନକାଟି ଏକ ଛୋଟିଆ ରକ୍ତଦାନ ଶିବିର ଜିଲ୍ଲା ବ୍ଲଡବ୍ୟାଙ୍କ ପରିସରରେ ସେମାନେ ଆୟୋଜନ କରିଥିଲେ । ଏହି ଶିବିରକୁ ବିଜେଡ଼ିର ବରିଷ୍ଠ ନେତା ରଂଜନ ବାଗ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ । ପ୍ରାକ୍ତନ ଉପନଗରପାଳ ମନୋଜ କୁମାର ରାଉତ, ରାଜ୍ୟ ବିଜୁ ଯୁବଜନତା ଦଳର ସାଧାରଣ ସମ୍ପାଦକ ଧ୍ରୁବେନ ନାୟକ, ଟାଉନ ମହିଳା ଜନତାଦଳର ସଭାପତି ଶ୍ରୀମତୀ ମୀନା ମହାନ୍ତି, କାଉନସିଲର ସେକ୍ ଆୟୁବ, ଶ୍ରମିକ ନେତା ଅଭିଜିତ ଦାସ, ବିଜେଡ଼ିର ଜିଲ୍ଲା ଛାତ୍ରନେତା ବିଦ୍ଧୁଦତ୍ତ ପରିଡ଼ା ପ୍ରମୁଖ ଏହି ଶିବିରରେ ଅନ୍ୟତମ ଅତିଥିଭାବରେ ଯୋଗଦେଇ ପିତାପୁତ୍ରଙ୍କର ଏଭଳି ନିଆରା ଢଙ୍ଗରେ ଜନ୍ମଦିନ ପାଳିବା ଅନ୍ୟମାନଙ୍କୁ ପ୍ରେରଣା ନିଶ୍ଚୟ ଦେବବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିକାଶ ବେହେରା, ସୌଭାଗ୍ୟ ଖୁଣ୍ଟିଆ, ହୃଷିକେଶ ବେହେରା, ହର୍ଷ ଖଣ୍ଡେଲୱାଲ, ମଳୟ ରଂଜନ ବିଶ୍ୱାଳ, ଅଂଶୁମାନ ପ୍ରଧାନ, ପ୍ରୀତପ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବାଘୁଆ ମହୁମାଛି ଆକ୍ରମଣ : ଦୁଇ ଗୁରୁତର

ନୀଳଗିରି,(ସବ୍ୟୁ):ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ବାଘୁଆ ମହୁମାଛି ଆକ୍ରମଣରେ ୨ଜଣ ଗୁରୁତର ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଜଣା ପଡ଼ିଛି । ସୂଚନା ମୁତାବକ ନୀଳଗିରି ବ୍ଲକ ଜଡ଼ିଡ଼ା ପଞ୍ଚାୟତ ଜାମୁଡ଼ିହି ସାହି ର ପିତାମ୍ବର ସେଠୀ (୭୦) ଶୁକ୍ରବାର ପୂର୍ବାହ୍ନରେ ସଜନାଗଡ଼ ବଜାରରୁ କୌଣସି କାମ ସାରି ଘରେ ପହଞ୍ଚିବା ବେଳେ ଘର ପାଖ ଅର୍ଜୁନ ଗଛ ରୁ ବାଘୁଆ ମହୁମାଛି ପିତାମ୍ବରଙ୍କ ମୁହଁ, ହାତ, ଗୋଡ଼କୁ ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣ ସେ ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ଜଣା ପଡ଼ିଛି। ଠିକ ସେହିଭଳି ଉକ୍ତ ପଞ୍ଚାୟତ ବାର୍ଣ୍ଣଶନାଳ ଗ୍ରାମର ରାଜେନ୍ଦ୍ର ମହାକୁଡ଼ଙ୍କ ଝିଅ ଦୀପିକା ମହାକୁଡ଼ (୧୬) ପୂର୍ବାହ୍ନ ୧୧ ଟାରେ କୌଣସି କାର୍ଯ୍ୟ ସାରି ନିକଟ କ୍ଲିନିକକୁ ଫେରୁଥିବା ବେଳେ ବାଘୁଆ ମହୁମାଛି ଆକ୍ରମଣରେ ଶିକାର ହୋଇଥିଲେ।ଏଥିରେ ତାଙ୍କର ହାତ, ମୁହଁ ଫୁଲି ଯାଇଥିବା ବେଳେ ଗୁରୁତର ହୋଇପଡ଼ିଥିଲେ । ତେବେ ତାଙ୍କୁ ତୁରନ୍ତ ନୀଳଗିରି ଡାକ୍ତର ଖାନାକୁ ଅଣାଯାଇ ଚିକିତ୍ସିତ କରାଯାଉଛି। ତେବେ ଏହି ବାଘୁଆ ମହୁମାଛି ଆକ୍ରମଣରେ ଶିକାର ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି।

# କୁଳଡିହାରେ ପୁଣି ୬ଶିକାରୀ ଗିରଫ



ନୀଳଗିରି,(ସବ୍ୟୁ) :କୁଳଡିହା ବନବିଭାଗ ଦ୍ୱାରା ବାରମ୍ବାର ଚଢ଼ାଉ ଜାରିରହିଥିବା ବେଳେ ଅଧିକାଂଶ ସମୟରେ ଶିକାରୀ ଧରାପଡ଼ିବା ଏବଂ ଗିରଫହେବା ସାମ୍ନାକୁ ଆସିଛି। ଗତ ଜାନୁଆରୀ ୨୨ତାରିଖ ୧୭କେ ୨୦୨୫/୨୬ଅନୁଯାୟୀ ପୁଣି ୬ଶିକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୧୩ଟି ବଜ୍ରକାପ୍ତା କାତି, ୮ଟି ମୋବାଇଲ ସହ ୩ଟି ମଟରସାଇକେଲ ଜବତ ହୋଇଛି। ତେବେ ଏହି ରାକେଟରେ ୨ସପ୍ତାହ ମଧ୍ୟରେ ଆଜିକୁ ଲଗାଇ ମୋଟ ୧୧ଜଣ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ଆଜି ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ସହକାରୀ ଶିକ୍ଷକ ଥିବା ବନବିଭାଗ ସୂଚନା ଦେଇଛି।

# ତାତିଲେ ଚାଷୀ : ଲ୍ୟାମ୍ପ କାର୍ଯ୍ୟାଳୟରେ ପକାଇଲେ ତାଲା

ନୀଳଗିରି,(ସବ୍ୟୁ) :ନୀଳଗିରି ଉପଖଣ୍ଡ ମାଟିଆଳି ଲ୍ୟାମ୍ପରେ ଧାନକିଣାକୁ ନେଇ ତାତିଲେ ଚାଷୀ।ଲ୍ୟାମ୍ପରେ ତାଲାପକାଇ ଅଧିକାରୀଙ୍କୁ କାର୍ଯ୍ୟାଳୟ ଭିତରକୁ ଛାଡିଲେନି। ଅଭିଯୋଗ ଅନୁଯାୟୀ ଛୋଟଛୋଟ ଲ୍ୟାମ୍ପରେ ଧାନକିଣିବାପାଇଁ ମିଲର ସଠିକ୍ ଭାବରେ ଆସି ଧାନକିଣି ବଡବଡ ଟ୍ରକ୍ ମାଧ୍ୟମରେ ଧାନ ନେଇଯାଉଥିବା ବେଳେ ମାଟିଆଳି ପରି ବଡ ଲ୍ୟାମ୍ପକୁ ଗାଡ଼ି ଆସୁନଥିବା ଅସୁବିଧାଦେଖାଇ କର୍ତ୍ତୃପକ୍ଷ ଚାଷୀଙ୍କ ଠାରୁ ଧାନ କିଣୁନଥିବା ବେଳେ ସେମାନଙ୍କର ଟୋକନ୍ ଅବଧି ସରିଆସୁଥିବା ଅଭିଯୋଗ କରିଛନ୍ତି ଉକ୍ତ ଲ୍ୟାମ୍ପର ଚାଷୀ ।ଏନେଇ ଗୁରୁବାର ପୂର୍ବାହ୍ନ ୧୧ଟାରେ ଚାଷୀମାନେ ଏକତ୍ରିତ ହୋଇ ବରହମପୁର ଲ୍ୟାମ୍ପ କାର୍ଯ୍ୟାଳୟରେ ତାଲାପକାଇ ଦେଇଥିବା ଦେଖିବାକୁ ମିଳିଛି। ଫଳରେ ଲ୍ୟାମ୍ପର ଏମ. ଡି ସୁବଳକିଶୋର ବେହେରା, ଶାଖା ସମ୍ପାଦକ ସମେତ ଅନ୍ୟକର୍ମଚାରୀ ମାନେ ଅଫିସଭିତରକୁ ପ୍ରବେଶ କରିନପାରି ଚାଷୀଙ୍କ ରୋଷର ଶିକାର ହୋଇଥିଲେ। ଖବରପାଇ ବାଲେଶ୍ୱର ଏସିଏସଓ, ଏ.ଆର,ଏମ. ଆଇ ପ୍ରମୁଖ ଉପରିସ୍ଥ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବାସହିତ ଉପଯୁକ୍ତ ସମୟରେ ଗାଡ଼ିପଠାଇ ସମସ୍ତଚାଷୀଙ୍କ ଠାରୁ ଧାନ କିଣିବାକୁ ପ୍ରତିଶ୍ରୁତି ଦେବାପରେ ତାଲା ଖୋଲାଯାଇଥିଲା।

# ସୋର ମହୋତ୍ସବ ଉଦ୍‌ଘାଟିତ

ସୋର, (ସବ୍ୟୁ):ସୋର ପୌର ପାଳିକା ଅନ୍ତର୍ଗତ ମହୋତ୍ସବ ପଡିଆରେ ୧୮ ତମ ସୋର ମହୋତ୍ସବ ମହୋତ୍ସବ କମିଟି ସଭାପତି ଗୌରୀ ଶଙ୍କର ଘଡେଇଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଏହାକୁ ଉଦଘାଟନ କରି ମହୋତ୍ସବ ଭାଇଚାରା ସୃଷ୍ଟି କରେ ଏବଂ ସମସ୍ତେ ଏହି ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ଉପଭୋଗ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷା ଅନୁସୂୟା ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ପାରିଷଦ ରମେଶ ସିଂହ, ସାହେବ ଖାନ କାଦ୍ରୀ, ରହିମାତୁନ ବିବି, ପ୍ରାକ୍ତନ ପାରିଷଦ ସେକ ସୁଲତାନ ଯୋଗଦେଇ ବକ୍ତବ୍ୟ ରଖିଥିଲେ।ଏହି ମହୋତ୍ସବ ଫେବୃଆରୀ ୫ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।ଏଥିରେ ରାମଦୋଳି,ମତ କା କୁଆଁ, ନୌକା ଦୋଳି ମିନାବଜାର ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ଷ୍ଟଲ ଠୁଙ୍କାପୁରୀ, ବିଭିନ୍ନ ପ୍ରକାରର ପାରମ୍ପରିକ ଖାଦ୍ୟ ଉପଲବ୍ଧ ହେବ। ପ୍ରତିଦିନ ସନ୍ଧ୍ୟାରେ ରେ ଚଳଚିତ୍ର ଅଭିନେତା ଅଭିନେତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାହି କାର୍ଯ୍ୟକ୍ରମକୁ ବନ୍ଦେ ମାତରମ କଲଚୁରାଲ ଆସୋସିଏସନର ସମସ୍ତ ସଦସ୍ୟ ସଦସ୍ୟା ମାନେ ପରିଚାଳନା କରିଥିଲେ।

# ଶାନ୍ତିନିକେତନ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଦିବସ ବ୍ୟାପି କାର୍ଯ୍ୟକ୍ରମ

ବେଲେଶ୍ୱର, (ସବ୍ୟୁ):ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ଓ ଓଡ଼ିଆ ଭାଷାବିକାଶ ଆନ୍ଦୋଳନ, ବାଲେଶ୍ୱରର ମିଳିତ ଆନୁକୂଲ୍ୟରେ ଶାନ୍ତିନିକେତନର ଭାଷାଭବନଠାରେ ଏକଦିବସ ବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ତଥା ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ସବିତା ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ସାଧାରଣ ସଂପାଦକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଉଦ୍‌ବୋଧନ ଦେଇଥିଲେ। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ବିଶିଷ୍ଟ କବି ଡ. ହରିଶ୍ଚନ୍ଦ୍ର ବେହେରା ତଥା ଶାନ୍ତିନିକେତନ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡ. ଇନ୍ଦ୍ରମଣି ସାହୁ ରବୀନ୍ଦ୍ରନାଥଙ୍କର ସାହିତ୍ୟକୃତି, ସ୍ୱାଧୀନତା ସଂଗ୍ରାମ ପାଇଁ ତାଙ୍କର ଅବଦାନ, ଓଡ଼ିଶା ସହ ରବୀନ୍ଦ୍ରନାଥଙ୍କର ସଂପର୍କ ତଥା ବିଶ୍ୱକବି ଓ ବ୍ୟାସକବିଙ୍କ ମଧ୍ୟରେ ଏକ ତୁଳନାତ୍ମକ ଆଲୋଚନାକୁ ନିବନ୍ଧ ଆକାରରେ ପାଠ କରିଥିଲେ ।କବି ଦୀପକ ବୋଷ ଓ ସଂଗଠନ ସଂପାଦକ ତପନ ରାୟ ସଂଯୋଜନାରେ ୧୨୫ଜଣ କବି ସେମାନଙ୍କର କବିତା ପାଠ କରିଥିଲେ। ଅପରାହ୍ଣ ଚାରିଟା ସମୟେର ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କଦ୍ୱାରା ରଚିତ, ନିରଂଜନ ରାଉତଙ୍କଦ୍ୱାରା ନିର୍ଦ୍ଦେଶିତ ଓ କଲ୍ୟାଣୀ ନନ୍ଦଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ 'ଧୂର୍ଜଟୀ ଓ ଭାନୁସିଂହର ଗାଥା' ନାମେର ଏକ ନାଟକ ମଂଚସ୍ଥ କରାଯାଇଥିଲା। ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ସ୍ମାରକ ଭୂମିକା ନିର୍ବାହ କରିଥିଲେ। ଓଡ଼ିଆ ଭାଷାବିକାଶ ଆନ୍ଦୋଳନ ତରଫରୁ ଫକୀରମୋହନଙ୍କର ଏକ ପ୍ରତିମୂର୍ତ୍ତି ବିଭାଗୀୟ ମୁଖ୍ୟଙ୍କୁ ସମର୍ପଣ କରାଯାଇଥିଲା।

## ହାଇସ୍କୁଲ ନିକଟରେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

ତିହିଡି,(ସବ୍ୟୁ): ତିହିଡି ବ୍ଲକ ଅନ୍ତର୍ଗତ ଦୌଲତପୁର୍ ପଞ୍ଚାୟତର ପିରହଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲ ଠାରୁ ଅଳ୍ପ କିଛି ଦୂରରେ ପ୍ରସ୍ତାବିତ ମଦ ଦୋକାନ ଖୋଲା ଯିବାକୁ ସ୍ଥାନୀୟ ଲୋକେ ତୀବ୍ର ବିରୋଧ କରିଛନ୍ତି । ଆଜି ଅପରାହ୍ଣରେ ଶତାଧିକ ମହିଳା ଓ ପୁରୁଷ ଦୋକାନ ନିକଟରେ ଏକତ୍ରିତ ହେବା ସହିତ ଦୋକାନକୁ ଭଙ୍ଗାରୁଜା କରିଛନ୍ତି । ଦୋକାନ ଭିତରେ ଥିବା କିଛି ବିଦେଶୀ ମଦ ବୋତଲକୁ ସେମାନେ ଭାଙ୍ଗି ଦେଇଥିବା ଜଣାଯାଇଛି । ଏହି ଘଟଣାକୁ ନେଇ ଦୋକାନ ଘର ମାଲିକ ପିରହଟ ଥାନାରେ ଏକ ଅଭିଯୋଗପତ୍ର ଦାୟର କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ, ପିରହଟ ଠାରେ ଏକ ବିଦେଶୀ ମଦ ଦୋକାନ ଖୋଲିବାକୁ ସରକାର ଅନୁମତି ପ୍ରଦାନ କରିଥିଲେ ମଧ୍ୟ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରୁଥିବାରୁ ବର୍ଷ ବର୍ଷ ହେଲା ମଦ ଦୋକାନ ଖୋଲା ଯାଇପରୁନି । ହାଇସ୍କୁଲ ନିକଟରେ ମଦ ଦୋକାନ ଖୋଲା ଗଲେ ସ୍ଥାନୀୟ ପରିବେଶ ଉପରେ ଏହାର କୁପ୍ରଭାବ ପଡ଼ିବ ବୋଲି ଲୋକେ ଅଭିଯୋଗ କରିଛନ୍ତି । ହୋଟେଲ ନାଁରେ ଏଠାରେ ମଦ ଦୋକାନ ଖୋଲିବାକୁ ମସୁଧା କର ଯାଉଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ।

# ଦୁର୍ଘଟଣା ଗ୍ରସ୍ତ ଗାଡି ଜବତ ୨୭ଗୋରୁ ଉଦ୍ଧାର

ସୋର,(ସବ୍ୟୁ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ନିକଟ ପାର୍କ ହୋଟେଲ ନିକଟରୁ ଏକ ଗୋରୁ ବୋଝେଇ ଟ୍ରକ ଜବତ କରାଯିବା ସହିତ ଏଥିରେ ଥିବା ୨୭ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଗୋଟିଏ ଗୋରୁ ମୃତ୍ୟୁ ବରଣ କରିଥିବା ଜଣାପଡିଛି।ସ ଶୁକ୍ରବାର ସକାଳେ ଓଡି ୦୫ ବିଭି ୭୬୦୯ ନମ୍ବର ବିଶିଷ୍ଟ ଏକ ଟ୍ରକ ଭଦ୍ରକରୁ କଲିକତା ଅଭିମୁଖେ ଯାଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ ରେଳ ଓଭରବ୍ରିଜ ନିକଟରେ ଆଗରେ ଯାଉଥିବା ଏକ ଟ୍ରକକୁ ପଛରୁ ଧକା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଗାଡିକୁ ଛାଡି ଚାଳକ ଓ ଖଲାସୀ ଫେରାର ହୋଇଯାଇଥିବା ବେଳେ ଗାଡିଟି ସେଠାରେ ଅଟକି ରହିଥିଲା। ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଯାଞ୍ଚ କରିବା ପରେ ଏଥିରେ ଗୋରୁ ଥିବା ଜାଣିବାକୁ ପାଇ ସୋର ପୁଲିସକୁ ଖବର ଦେଇଥିଲେ।ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହିତ ଏଥିରେ ଥିବା ୨୭ଟି ଗୋରୁଙ୍କୁ ଉଦ୍ଧାର କରିଥିବା ବେଳେ ଗୋଟିଏ ଗୋରୁର ମୃତ୍ୟୁ ହୋଇଯାଇଥିଲା। ଫଳରେ ପୁଲିସ ୨୬ ଟି ଗୋରୁଙ୍କୁ ରେମୁଣା ବାମପଦାରେ ଥିବା ଗୋଶାଳାରେ ଛାଡିଥିବା ଜଣାପଡିଛି। ତେବେ ଏନେଇ ପୁଲିସ ଏକ ମାମଲା ରୁଜୁ କରି ଗାଡିଟିକୁ ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ରେଳଧାରଣାରୁ ଯୁବକର ମୃତଦେହ ଉଦ୍ଧାର, ହତ୍ୟା ମାମଲା ରୁଜୁ

ଭଣ୍ଡାରିପୋଖରୀ,(ସବ୍ୟୁ):ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବିରିଡି ରେଳଲାଇନ ପାଶ୍ୱରୁ ଜଣେ ଯୁବକର ମୃତଦେହକୁ ସ୍ଥାନୀୟ ପୁଲିସ ଗୁରୁବାର ରାତିରେ ଉଦ୍ଧାର କରି ସମ୍ପର୍କୀୟଙ୍କ ଅଭିଯୋଗ କ୍ରମେ ହତ୍ୟା ମାମଲା ରଜୁ କରିଛି। ବନ୍ତ ଥାନା ଅନ୍ତର୍ଗତ ଟିଲୋ କଣ୍ଠାପଡା ଗ୍ରାମର ସରୋଜ ଦାସଙ୍କ ଅଭିଯୋଗ ଅନୁଯାୟୀ ସରୋଜଙ୍କ ଗ୍ରାମର ବାସିନ୍ଦା ଥିବା ଶାଳକ ରଞ୍ଜନ ଦାସ(୨୦) ବିରିଡି ଗ୍ରାମର ଜନୈକା ଯୁବତୀଙ୍କୁ ପ୍ରେମ କରୁଥିଲା। ଉଭୟଙ୍କ ମଧ୍ୟରେ ଅନ୍ତରଙ୍ଗ ସମ୍ପର୍କ ଥିଲା। ପ୍ରେମିକା ଜଣକ ବେଙ୍ଗାଲୁରରେ ରହୁଥିବା ରଞ୍ଜନକୁ ବିରିଡିକୁ ଡକାଇଥିଲା। ପ୍ରେମିକାର ଡାକରା ପାଇ ରଞ୍ଜନ ଗତ ୩ ତାରିଖରେ ମଞ୍ଜୁରୀରୋଡରେ ପହଞ୍ଚି ପ୍ରେମିକାକୁ ସାକ୍ଷାତ କରିଥିଲା। ସେହିଦିନ ସନ୍ଧ୍ୟାରୁ ରଞ୍ଜନର ଫୋନ ବନ୍ଦ ରହିଥିଲା। ରଞ୍ଜନର ମୃତଦେହ ବିରିଡି ରେଳ ଲାଇନ ପାର୍ଶ୍ୱରେ ପଡିଥିଲା ବୋଲି ଗୁରୁବାର ଅପରାହ୍ଣ ୪ଟା ରେ ଭିଣୋଇ ସରୋଜଙ୍କୁ ସୂଚନା ମିଳିଥିଲା। ଏଥିପୂର୍ବରୁ ସଂପୃକ୍ତ ପ୍ରେମିକା ଓ ସମ୍ପର୍କୀୟମାନେ ରଞ୍ଜନକୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ଥାନାରେ ୬୦/୨୬ନଂ ମାମଲା ରଜୁ ହୋଇ ବ୍ୟବଚ୍ଛେଦ ପାଇଁ ମୃତଦେହ ଭଦ୍ରକ ପଠାଯାଇଛି। ମାମଲାରେ କାହାରିକୁ ଗିରଫ କରାଯାଇ ନାହିଁ ବୋଲି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ ସୂଚନା ଦେଇଛନ୍ତି।

# ଶୁଦ୍ଧିକ୍ରିୟା ପାଇଁ ସହଯୋଗର ହାତ ବଢାଇଲା ଆଞ୍ଚଳିକ ବ୍ରାହ୍ମଣ ସମିତି

ଖଇରା, (ସବ୍ୟୁ) ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବଣପାରିଆ ଗ୍ରାମର ସନାତନ ପଣ୍ଡା କିଡନୀ ରୋଗରେ ଆକ୍ରାନ୍ତ ହୋଇ ଆଖିବୁଜିବା ପରେ ପରିବାର ଶୁଦ୍ଧିକ୍ରିୟା ପାଇଁ ଚିନ୍ତାରେ ଥିଲେ । ଏହି ସମୟରେ ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି ବିପଦର ବନ୍ଧୁ ସାଜି ମୃତ ସନାତନଙ୍କ ପତ୍ନୀ ଗୀତାଞ୍ଜଳୀଙ୍କୁ ୫ହଜାର ଟଙ୍କାର ଆର୍ଥୀକ ସହାୟତା ପ୍ରଦାନ କରିଥିଲେ । ସେହିଭଳି ବଟେଶ୍ୱର ଗ୍ରାମର ସ୍ୱର୍ଗତ ଚିନ୍ତାମଣି ଦାସଙ୍କ ପତ୍ନୀ ବିୟୋଗରେ ପରିବାର ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହି ସହାୟତା ପ୍ରଦାନ ସମୟରେ ସମିତିର ବରିଷ୍ଠ ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ,ଉପସଭାପତି ବୁଦ୍ଧିରାମ ପାଣିଗ୍ରାହୀ,ଖଇରା ପଞ୍ଚାୟତ ସମ୍ପାଦକ ପଦ୍ମନାଭ ପଣ୍ଡା,ସଙ୍ଗଠନ ସମ୍ପାଦକ ଦୀନବନ୍ଧୁ ଦାଶ,ଅଭିମନ୍ୟୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ରାଷ୍ଟ୍ରପତିଙ୍କ ଠାରୁ ସ୍ୱର୍ଣ୍ଣପଦକ ପାଇଲେ ମନୀଷା

ବାଲେଶ୍ୱର, (ସବ୍ୟୁ) :ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଲାଇବ୍ରେରି ଏଣ୍ଡ ଇନ୍‌ଫରମେସନ ସାଇନ୍ସରେ ୨୦୨୫ ମସିହାରେ ଉତୀର୍ଣ୍ଣ ହୋଇଥିବା ମନୀଷା ସାହୁଙ୍କୁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସ୍ୱର୍ଣ୍ଣପଦକ ପ୍ରଦାନ କରିଛନ୍ତି । ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ବାର୍ଷିକ ଉତ୍ସବ ଅବସରରେ ୧୨୦ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିବା ବେଳେ ମନୀଷା ସାହୁ ସେମାନଙ୍କ ମଧ୍ୟରୁ ଅନ୍ୟତମ । କୁମାରୀ ସାହୁ ଏବାବଦରେ ନିଜର ମତାମତ ଦେବାକୁ ଯାଇ କହିଛନ୍ତି ଯେ ଏଥିପାଇଁ ସେ ତାଙ୍କ ପିତା ମନ୍ମଥ କୁମାର ସାହୁ ଓ ମାତା ତରୁପ୍ରଭା ସାହୁଙ୍କ ସମେତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିଜର ଶ୍ରେୟ ପ୍ରଦାନ କରିଛନ୍ତି ।

# ଗାଡ଼ି ଧକ୍କାରେ ମୃତ : ରାସ୍ତା ଅବରୋଧ

ଆନନ୍ଦପୁର, (ସବ୍ୟୁ): କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନମ୍ବର ଜାତୀୟ ରାଜପଥ କନ୍ତୋ ଛକଠାରେ ଏକ ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନାହଗୁଣା ଗ୍ରାମର ରତ୍ନାକର ମହାନ୍ତ । ରତ୍ନାକର ଗୁରୁବାର କୋଳିମାଟି ହାଟରୁ ସଉଦା ଧରି ଘରକୁ ଫେରୁଥିଲେ। ହେଲେ କନ୍ତୋ ଛକଠାରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ରତ୍ନାକରଙ୍କ ମୃତ୍ୟୁ ଘଟିଥିଲା।ଖବର ପାଇ ଗ୍ରାମବାସୀ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତା ଅବରୋଧ କରିଥିଲେ। ଘସିପୁରା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ଗ୍ରାମବାସୀ ରାସ୍ତାରୁ ହଟିଥିଲେ। ଅନ୍ୟପକ୍ଷେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଫ୍ଲୋରାଇଡ ମୁକ୍ତ ଶୁଦ୍ଧ ପାଣି ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ

ବାଲେଶ୍ୱର, (ସବ୍ୟୁ): ରେମୁଣାର ବାହାର୍ଦ୍ଦା ନୋଡାଲ ସ୍କୁଲ ପରିସରରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଲାଗି ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ କରକମଳରେ ଫ୍ଲୋରାଇଡ ମୁକ୍ତ ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଉଦ୍ଘାଟିତ କରିଛନ୍ତି । ଶକୁନ୍ତଳା ରୁମାଟୋଲୋଜି ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ, ସହଦେବଖୁଣ୍ଟା ଓ ଇଣ୍ଡୋ- ସୁଇଡିଶ୍ ରୁମାଟୋଲୋଜି ଫାଉଣ୍ଡେସନ ଓ ସୁଇଡେନର ଏଚ.ଭି.ଆର. ର ମିଳିତ ସହଯୋଗରେ ସ୍ଥାପିତ ଉକ୍ତ ପ୍ରକଳ୍ପର ଶୁଭ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିସିଆସିସି ର ସଭାପତି ସଞ୍ଜୟ କୁମାର ଦାସ ଯୋଗଦେଇ ପ୍ରୟାସକୁ ପ୍ରଶଂସା କରିବା ସହ ସହଯୋଗର ହାତ ବଢ଼େଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଇର୍ସାଦ ଉଲ୍ଲା ଖାନ୍, ଏଚ. ଭି. ଆୟ. ର ପ୍ରକଳ୍ପ ଅଧିକାରୀ ଯୋଗ ଦେଇ ଥିବା ବେଳେ ବବୁଲୀ ବାନାର୍ଜୀ, ଟେକନିସିଆନ ଯୋଗ ଦେଇ ପ୍ରକଳ୍ପକୁ ଆଗେଇ ନେବା ପାଇଁ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ । ଶକୁନ୍ତଳା ରୁମାଟୋଲୋଜି ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ମୁଖ୍ୟ ଡା ରବିନାରାୟଣ ଦାଶ ସରଳ ଓ ସୁନ୍ଦର ଭାବେ ଆଭିମୁଖ୍ୟ ରଖିଥିବା ବେଳେ ସ୍ଥାନୀୟ ସରପଞ୍ଚ ବିଦ୍ୟାସ୍ମିତା ମହାଳିକ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଇଂ ସୌରଭ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଧୁକରୁ ଗୁଳି ଶିକାରୀ ଗୁରୁତର

ଠାକୁରମୁଣ୍ଡା (ସବ୍ୟୁ): ବନ୍ଧୁକରୁ ଗୁଳି ଫୁଟିବାରୁ ଜଙ୍ଗଲରୁବନ୍ୟ ଜନ୍ତୁ ଶିକାର କରିବା ପାଇଁ ଯାଇଥିବା ଜଣେ ଶିକାରୀ ଦାନୁଆ ବାଲିପୋଷି ଗ୍ରାମର ସନ୍ତୋଷ ମହାନ୍ତ ଗୁରୁତର ହୋଇଛନ୍ତି । କଟକ ବଡ଼ ଡାକ୍ତରଖାନାରେ ମୁମୂର୍ଷୁ ଅବସ୍ଥାରେ ଆଇସିୟୁରେ ଚିକିତ୍ସିତ ହେଉଛି । ଘଟଣାଟି ଖୁବ ଚାଞ୍ଚଲ୍ୟ ସୃଷ୍ଟି କରିଛି ।ଭରାଣ୍ଡିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦାନୁଆ ବାଲିପୋଷି ଗ୍ରାମର ମିଠୁଆ ମହାନ୍ତଙ୍କ ପୁଅ ସନ୍ତୋଷ ମହାନ୍ତ (୪୦) ଘରେ ବନ୍ଧୁକ ରଖି ମଝିରେ ମଝିରେ ଜଙ୍ଗଲ ଯାଇ ଶିକାର କରେ । ଗତ ୫ ତାରିଖ ରାତିରେ ସେ ବନ୍ଧୁକ ନେଇ ଦିରିବ ଗ୍ରାମର ଜଙ୍ଗଲ ଯାଇଥିବା ସ୍ଥାନୀୟ ଲୋକ କହିଛନ୍ତି । ତେବେ ରାତିରେ ଗାଁକୁ ଫେରିବା ସମୟରେ କୌଣସି ଜନ୍ତୁ ଦେଖି ବନ୍ଧୁକରେ ଶିକାର କରିବାକୁ ଉଦ୍ୟମ କରିଛି ସନ୍ତୋଷ । ତେବେ ଗୁଳି ଆଗକୁ ନଯାଇ ପଛକୁ ଆସିବାରୁ ସନ୍ତୋଷର ଡାହାଣ ଆଖି ଛିନ ଛତ୍ର ହୋଇଯାଇଥିଲା । ତେବେ ସକାଳୁ ଦିରିବ ଓ ଦାନୁଆ ରାସ୍ତାର ପୋଲ ନିକଟରେ ସନ୍ତୋଷ ରକ୍ତ ଜୁଡୁ ବୁଡୁ ହୋଇ ପଡ଼ିଥିବା ଦେଖି ଲୋକେ ୧୦୮ କୁ ଡକାଇ ଠାକୁରମୁଣ୍ଡା ମେଡିକାଲକୁ ପଠାଇଥିଲେ। ତେବେ ସନ୍ତୋଷର ସ୍ଥିତି ଅତି ଗମ୍ଭୀର ଥିବାରୁ ପ୍ରଥମେ ଆନନ୍ଦପୁର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ସନ୍ତୋଷର ବାପା ମିଠୁ ମହାନ୍ତର ଏତଲାକ୍ରମେ କେଶ ନଂ ୧୩ ଦଫା ୧୦୯(୧)ବିଏନଏସ ୨୫ ଓ ୨୭ ଆର୍ମସ ଆକ୍ଟ ବଳରେ ମୋକଦ୍ଦମା ରୁଜୁ କରି ଥାନାଧିକାରିଣୀ ସାବିତ୍ରୀ ଦଳେଇ ଅଧିକ ତଦନ୍ତ ଜାରି ରଖିଛନ୍ତି । ତଥ୍ୟ ଆଧାରରେ ଏହା ନିଜ ବନ୍ଧୁକରୁ ଗୁଳି ଫୁଟି ଆହତ ହୋଇଥିବା ପ୍ରାଥମିକ ସୂଚନାରୁ ଜଣାପଡୁଛି ବୋଲି ଥାନାଧିକାରିଣୀ କହିଛନ୍ତି । ତେବେ ଫୋରେନସିକ ଟେଷ୍ଟ ପରେ ଅଧିକ ତଥ୍ୟ ଜଣାପଡିବ ବୋଲି କହିଛନ୍ତି ।

# ଦୀପକ ମିଶ୍ର ଭଏସ ଅଫ ମିଡ଼ିଆର ରାଜ୍ୟ କାର୍ଯ୍ୟକାରୀ ସଭାପତି



କେନ୍ଦୁଝର, (ସବ୍ୟୁ) :ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ପ୍ରତିନିଧିଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଗଠିତ ହୋଇଥିବା ଅନୁଷ୍ଠାନ ଭଏସ ଅଫ ମିଡ଼ିଆର ରାଜ୍ୟ କାର୍ଯ୍ୟକାରୀ ସଭାପତି ବା ଏକଜୁକ୍ୟୁଟିଭ ପ୍ରେସିଡେଣ୍ଟ ଭାବରେ କେନ୍ଦୁଝରର ବରିଷ୍ଠ ସାମ୍ବାଦିକ ଦୀପକ ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ସଂସ୍ଥାର ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ର ଏହି ନିଯୁକ୍ତି ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଶ୍ରୀ ମିଶ୍ର ୧୯୯୫ମସିହାରୁ ଅଦ୍ୟାବଧି ବିଭିନ୍ନ ପ୍ରତିଷ୍ଠିତ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରୁଥିବା ସହ ଜିଲ୍ଲା ପ୍ରେସ କ୍ଲବ ଓ ଜିଲ୍ଲା ସାମ୍ବାଦିକ ସଙ୍ଘର ସାଧାରଣ ସମ୍ପାଦକ ଭାବେ ଦୀର୍ଘ ବର୍ଷ ଧରି ଦାୟିତ୍ୱ ନିର୍ବାହ କରିଥିଲେ। ଅନେକ ପ୍ରତିଷ୍ଠିତ ସାମାଜିକ, ସାଂସ୍କୃତିକ, ଧାର୍ମିକ ଓ କ୍ରୀଡାଧର୍ମୀ ଅନୁଷ୍ଠାନ ସହ ସେ ଜଡିତ ଥିବା ବେଳେ ଏହି ନୂତନ ନିଯୁକ୍ତିରେ ସେ ରାଜ୍ୟସ୍ତରରେ କାର୍ଯ୍ୟ କରିବେ। ଶ୍ରୀ ମିଶ୍ରଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ମଣିପାଲ ହସ୍ପିଟାଲର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର,(ସବ୍ୟୁ) :ଭୁବନେଶ୍ୱରସ୍ଥିତ ମଣି ପାଲ ହସ୍ପିଟାଲ ପକ୍ଷରୁ ବାଲେଶ୍ୱରର ସାମ୍ବାଦିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଓ ଆଲୋଚନାଚକ୍ର ଆତିଥ୍ୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ଅତିରିକ୍ତ ମେଡିକାଲ ଅଫିସର ଡା.ଅମୂଲ୍ୟ ଚନ୍ଦ୍ର ଦାସ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣିପାଲ ହସ୍ପିଟାଲର ଏତାଦୃଶ କାର୍ଯ୍ୟ ପ୍ରଶଂସନୀୟ ବୋଲି କହିଥିଲେ। ବାଲେଶ୍ୱର ମ୍ୟୁନିସ୍‌ପାଲଟିର ଅଧ୍ୟକ୍ଷା ସବିତା ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ମଣିପାଲ ହସ୍ପିଟାଲର ଏହି ସ୍ୱାସ୍ଥ୍ୟ ଶିବିର ସାମ୍ବାଦିକମାନଙ୍କ ପାଇଁ ବିଶେଷ ଉପାଦେୟ ହେବ ବୋଲି ମତ ପ୍ରକାଶ କରିଥିଲେ। ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣିପାଲ ହସପିଟାଲ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ । ମଣିପାଲ ହସ୍ପିଟାଲର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. କିଶୋର କୁମାର ପଣ୍ଡା ବକ୍ତବ୍ୟ ପ୍ରଦାନ କରି ଆଣ୍ଠୁଗଣ୍ଠି ଯନ୍ତ୍ରଣା ଚିକିତ୍ସା, ରୋବୋଟିକ୍ ଦି ସର୍ଜରୀ, ହିପ୍ ସର୍ଜରୀ ଓ ହିପ୍ ପ୍ରିଜରଭେସନ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ସ୍ନାୟୁରୋଗ ବିଶେଷଜ୍ଞ ଡା. ଅମ୍ଳାନ ତପନ ମହାପାତ୍ର ବ୍ରେନ୍ ଷ୍ଟୋକ ସମ୍ବନ୍ଧରେ ଆଲୋଚନା କରିବା ସହିତ ଶୀଘ୍ର ଚିକିତ୍ସା କଲେ ସ୍ନାୟୁ କ୍ଷତି ରୋକାଯିବା ସହିତ ରୋଗୀର ଜୀବନ ରକ୍ଷା କରାଯାଇପାରିବ ବୋଲି ଗୁରୁତ୍ୱାରୋପ କରିଥିଲେ । ହସପିଟାଲର ବରିଷ୍ଠ ମେଡିକାଲ ଅଫିସର ଡା.ସଦାଶିବ ମିଶ୍ର ସ୍ୱାସ୍ଥ୍ୟ ସହାୟତା କରିଥିଲେ । ମଣିପାଲ ହସ୍ପିଟାଲର ଲୋକ ସମ୍ପର୍କ ଅଧିକାରୀ ଏସ୍. ସୁସ୍ମିତା କୁମାର ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନା କରିଥିଲେ। ଏହି ଅବସରରେ ସାମ୍ବାଦିକମାନଙ୍କୁ ହସପିଟାଲ ପକ୍ଷରୁ ପ୍ରିଭିଲେଜ କାର୍ଡ ପ୍ରଦାନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତାଲିମ ଶିବିର



ବାଲେଶ୍ୱର, (ସବ୍ୟୁ): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଉଦ୍ୟମରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତାଲିମ ଶିବିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜ୍ୟୋସ୍ନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ (ସାଧାରଣ) ଶୁଭାରମ୍ଭ କରିବା ସହିତ ତାଲିମ ଶିବିରର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ଡା. ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀମତୀ ପୂର୍ଣ୍ଣିମା ଦାସ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗୋହିରାଙ୍କ ସମେତ ଅନ୍ୟ ଅଧିକାରୀମାନେ ମଧ ମଞ୍ଚାସୀନ ହୋଇ କିଶୋରୀ ବାଳିକା ମାନଙ୍କର ଉଜ୍ଜ୍ୱଳ ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ବିଭିନ୍ନ ପ୍ରକାରର ଦକ୍ଷତା ବିକାଶର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ଭଲ ସୂଚନା ଗୁଡ଼ିକ ନିଜେ ଜାଣିବା ସହିତ ଅନ୍ୟ ମାନଙ୍କୁ ଜଣାଇବା ଆବଶ୍ୟକ। ଚାକିରି ପଛରେ ନ ଧାଇଁ ଲୋକ ମାନଙ୍କୁ ଚାକିରି ଦେବା ପାଇଁ ଅତିଥିମାନେ କିଶୋରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମରେ ୧୦ ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ପାଇଁ ଆୟୋଜନ କରାଯାଇଥିଲା । ଏହି ତାଲିମ ଶିବିରରେ ୪୦ ରୁ ଉର୍ଦ୍ଧ୍ୱ କିଶୋରୀ ମାନେ ଭାଗ ନେଇଥିଲେ । ଏଠାରେ ମୌଳିକ କମ୍ପ୍ୟୁଟର ଶିକ୍ଷା, ଇଣ୍ଟରନେଟ୍ ବ୍ୟବହାର, ଇମେଲ୍ ସେଟଅପ୍, ସୁରକ୍ଷିତ ଡିଜିଟାଲ୍ ଅଭ୍ୟାସ, ପ୍ରଭାବଶାଳୀ ଯୋଗାଯୋଗ ଦକ୍ଷତା, ଉପସ୍ଥାପନା ଦକ୍ଷତା, ଆନ୍ତଃବ୍ୟକ୍ତିଗତ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ ବୃତ୍ତିଗତ ଶିଷ୍ଟାଚାର, ବୃତ୍ତିଗତ ଦକ୍ଷତା, ଉନ୍ନତ କୌଶଳ ସହିତ ବ୍ୟବହାରିକ ତାଲିମ, ଏକ ଛୋଟ ପ୍ରକଳ୍ପର ପ୍ରସ୍ତୁତି ଇତ୍ୟାଦି ଦକ୍ଷତା ଉପରେ କିଶୋରୀମାନଙ୍କୁ ତାଲିମ ଦିଆଯାଇଥିଲା। ଏହି ଅବସରରେ ତାଲିମ ପ୍ରଦାନ କରିବା ପାଇଁ ଆସିଥିବା ଅଧିକାରୀ ମାନେ ହେଲେ, ସରକାରୀ ଆଇ ଟି ଆଇ କଲେଜର ଆଇ ଟି ମୁଖ୍ୟ, କଲେଜର ଇଂରାଜୀ ଅଧ୍ୟାପକ, ନିଯୁକ୍ତି କାର୍ଯ୍ୟାଳୟର ପ୍ରଶିକ୍ଷକ ଏବଂ ଲିଡ୍ ବ୍ୟାଙ୍କ୍ ର ମୁଖ୍ୟ ଉପସ୍ଥିତ ରହି କିଶୋରୀ ବାଳିକାମାନଙ୍କର ଉତ୍ତମ ଭବିଷ୍ୟତ ପାଇଁ ଦକ୍ଷତା ବିକାଶ କରିବା ଏବଂ ଆଗାମୀ ଦିନରେ କିପରି ଆର୍ଥିକ ସ୍ଥିରତା ବଜାୟ ରହିବ, ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କିଶୋରୀ ବାଳିକାମାନଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧିକ ସାରସ୍ୱତ କରିବା ପାଇଁ ଜିଲ୍ଲାର ସମସ୍ତ ଶିଶୁ ପ୍ରକଳ୍ପ ଅଧିକାରୀ, କିଶୋରୀ ବାଳିକା, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଓ ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ପ୍ରୋଟେକସନ୍ ଅଧିକାରୀ ଶ୍ରୀମତୀ ଯୁଥିକାରାଣୀ ରାୟ ଉପସ୍ଥିତ ଅତିଥିବୃନ୍ଦ, ସମ୍ବଳ ବ୍ୟକ୍ତିତ୍ୱ, ସହଯୋଗୀ କର୍ମକର୍ତ୍ତା, ଶିଶୁ ପ୍ରକଳ୍ପ ଅଧିକାରୀ ସମେତ ଉପସ୍ଥିତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୨/୩୦)

**ସାଂଖ୍ୟଯୋଗଃ**

ଶ୍ରୀଭଗବାନୁବାଚ

**ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ ।**
**ତସ୍ମାତ୍ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମର୍ହସି ।। ୩୦ ।।**

(ତତ୍ ଏବଂ ଅବଧ୍ୟତ୍ୱଂ ଆତ୍ମନଃ ସଂକ୍ଷେପେଣ ଉପଦିଶଦ୍ ଅଶୋଚ୍ୟତ୍ୱଂ ଉପସଂହରତି)– ହେ ଭାରତ ! ସର୍ବସ୍ୟ ଦେବେ ଅୟଂ ଦେହୀ (ଦେହୋପାଧିମାନ୍ ଆତ୍ମା) ନିତ୍ୟଂ (ସର୍ବଦା) ଅବଧ୍ୟଃ (ହନ୍ତୁମଶକ୍ୟଃ), ତସ୍ମାତ୍ ତ୍ୱଂ ସର୍ବାଣି ଭୂତାନି (ଶରୀରାଣି) ଶୋଚିତୁଂ ନ ଅର୍ହସି ।। ୩୦ ।।

# ସାରା ବିଶ୍ୱକୁ ଆକର୍ଷିତ କରୁଛି ଭାରତ

ଭାରତ ପ୍ରତି ଏବେ ବିଶ୍ୱର ଆକର୍ଷଣ ବଢୁଛି ଏବଂ 'ବିଶ୍ୱମିତ୍ର' ବା 'ବିଶ୍ୱବନ୍ଧୁ' ଭାବେ ଭାରତ ବିଶ୍ୱର ଅନେକ ରାଷ୍ଟ୍ରର ବିଶ୍ୱାସଭାଜନ ହୋଇ ପାରିଛି ବୋଲି ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାହା କହିଛନ୍ତି, ତାହା ଠିକ୍ । ବିରୋଧୀ ଦଳର ବିଭିନ୍ନ ଅଭିଯୋଗକୁ ଖଣ୍ଡନ କରି ଦକ୍ଷିଣ ବିଶ୍ୱରେ ଭାରତର ସ୍ୱର ସହିତ ଅନ୍ୟାନ୍ୟ ରାଷ୍ଟ୍ରମାନେ ସ୍ୱର ମିଳାଇଛନ୍ତି ବୋଲି ସେ ମଧ୍ୟ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି । ବିଶ୍ୱର ବିକଶିତ ରାଷ୍ଟ୍ରଗୁଡ଼ିକ ଏବେ ଭାରତ ପରି ବିକାଶଶୀଳ ରାଷ୍ଟ୍ର ସହିତ ବାଣିଜ୍ୟିକ ଚୁକ୍ତିନାମା କରୁଛନ୍ତି । ବିଶ୍ୱ ସହିତ ତାଳ ଦେବା ପାଇଁ ଭାରତ ଏବେ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରି କହିଥିଲେ ଯେ ଭାରତର ଆର୍ଥିକ ଅଭିବୃଦ୍ଧି ସହିତ ନିମ୍ନ ମୁଦ୍ରାସ୍ଫୀତି ହାର ଭାରତକୁ ବିଶ୍ୱରେ ମର୍ଯ୍ୟାଦା ଦେଇଛି । ସେ ମଧ୍ୟ କହିଥିଲେ ଯେ ୟୁରୋପିଆନ ରାଷ୍ଟ୍ର ସମୂହ ସମେତ ବିଶ୍ୱର ନଅଗୋଟି ବଡ଼ ବଡ଼ ରାଷ୍ଟ୍ର ଭାରତ ସହିତ ବାଣିଜ୍ୟିକ କାରବାର ଜାରି ରଖି ପାରିଛି । ଶ୍ରୀ ମୋଦି ମଧ୍ୟ କହିଛନ୍ତି ଯେ ଭାରତର ଅର୍ଥନୀତି ସୁଦୃଢ଼ ହେଉଥିବାରୁ ଓ ଏବେ ଭାରତ ପାଖରେ ପଇସା ଥିବାରୁ ବିଶ୍ୱର ଅଧିକାଂଶ ଦେଶ ଏବେ ଭାରତ ସାଙ୍ଗରେ ଅଛନ୍ତି ଓ ଭାରତକୁ ଏବେ ପଚାରୁଛନ୍ତି ।

**ଶ୍ରୀ ମୋଦି ମଧ୍ୟ କହିଛନ୍ତି ଯେ ଭାରତର ଅର୍ଥନୀତି ସୁଦୃଢ଼ ହେଉଥିବାରୁ ଓ ଏବେ ଭାରତ ପାଖରେ ପଇସା ଥିବାରୁ ବିଶ୍ୱର ଅଧିକାଂଶ ଦେଶ ଏବେ ଭାରତ ସାଙ୍ଗରେ ଅଛନ୍ତି ଓ ଭାରତକୁ ଏବେ ପଚାରୁଛନ୍ତି ।**

ବିରୋଧୀ ଦଳର ଅଭିଯୋଗ ଯେ ଆମ ସରକାର ଅଧିକାଂଶ ଯୋଜନାକୁ କାର୍ଯ୍ୟକାରୀ କରୁ ନାହାନ୍ତି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରକାଶ କରିଥିଲେ ଯେ ହିମାଚଳ ପ୍ରଦେଶରେ ଟ୍ରେନ ଚାଲିବ ବୋଲି ଯୋଜନା କରିଥିଲା କଂଗ୍ରେସ । ଯେ ଯୋଜନା ସେମିତି କାଗଜ ପତ୍ରରେ ରହିଗଲା । ଦଶନ୍ଧି ଦଶନ୍ଧି ପରେ ଆମ ସରକାର ସେଠାରେ ୮୫ ଲକ୍ଷ କୋଟି ଟଙ୍କାର ରେଳ ପ୍ରକଳ୍ପକୁ ଆଗେଇ ନେଉଛନ୍ତି ଏବେ । ସେହିପରି ଜାମ୍ମୁ କାଶ୍ମୀରକୁ କେହି ନିଜର ବୋଲି ଭାବୁ ନଥିଲେ । ଏବେ ସେମାନେ ନିଜର ବୋଲି ଭାବୁଛନ୍ତି । ଦୀର୍ଘ ୩୦ ବର୍ଷ ଧରି ସେଠାରେ ମଧ୍ୟ ରେଳ ପ୍ରକଳ୍ପ ଅଟକି ରହିଥିଲା । ଏବେ ସେଠାରେ ରେଳ ପ୍ରକଳ୍ପର କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ଅରୁଣାଚଳ ପ୍ରଦେଶ ଓ ଆସାମ ମଧ୍ୟରେ ପୋଲ ନିର୍ମାଣ କାମକୁ କଂଗ୍ରେସ ବହୁତ ଦିନ ଧରି ଅଟକାଇ ରଖିଥିଲା । ଏହାକୁ ଏବର ସରକାର ଆରମ୍ଭ କରିଛନ୍ତି । କଂଗ୍ରେସ କେଉଁ ପ୍ରକଳ୍ପକୁ ଅଟକାଇ ରଖୁଥିଲା ଓ ଭାଜପା ଓ ଏନ୍‌ଡିଏ ସରକାର କିପରି ପ୍ରକଳ୍ପ କାମକୁ ଆଗେଇ ନେଉଛନ୍ତି, ତାହା ଦେଶବାସୀ ଜାଣିଛନ୍ତି ବୋଲି ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଶର ବିକାଶ ବା ପ୍ରଗତି ବିଷୟରେ କଂଗ୍ରେସ ଓ ଏନ୍‌ଡିଏ ସରକାରଙ୍କ ଚିନ୍ତାଧାରା ମଧ୍ୟରେ ଆକାଶ ପାତାଳର ପ୍ରଭେଦ ରହିଛି ।

ଜାମ୍ମୁ କାଶ୍ମୀର ପାଇଁ କଂଗ୍ରେସ କରିଥିବା ୩୭୦ ଧାରାକୁ ମୋଦି ସରକାର ଉଚ୍ଛେଦ କରିଥିବା କଥା ରାଜ୍ୟସଭାରେ ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ଉତ୍ତର ପୂର୍ବାଞ୍ଚଳରେ କଂଗ୍ରେସ ଅମଳରେ ଯେଉଁ ଆତଙ୍କରାଜ ବିସ୍ତାର କରାଯାଇଥିଲା, ଆମ ସରକାର ତାହାକୁ ବନ୍ଦ କରି ସେଠାରେ ଶାନ୍ତି ସ୍ଥାପନ କରିଛି । ଆତଙ୍କବାଦ ଭିଆଉଥିବା ପାକିସ୍ତାନୀ ଆତଙ୍କବାଦୀମାନଙ୍କୁ ପାକିସ୍ତାନରେ ଘରେ ଘରେ ପଶି ମାରିଛୁଁ ଆମେ । ଅପରେସନ ସିନ୍ଦୂର ଏବେ ମଧ୍ୟ ଜାରି ରହିଛି ।

ପ୍ରକୃତରେ ଭାରତର ପର୍ଯ୍ୟଟନ ଶିଳ୍ପକୁ ବୃଦ୍ଧି କରିବା ପାଇଁ ଏବର କେନ୍ଦ୍ର ସରକାର ସବୁ ପ୍ରକାର ଉଦ୍ୟମ କରିଥିବାରୁ ଏବେ ଭାରତ ପ୍ରତି ବିଶ୍ୱର ଆକର୍ଷଣ ବୃଦ୍ଧି ପାଇଛି । ଯୁକ୍ତିରାଷ୍ଟ୍ର ଆମେରିକା ରୁଷିଆ, ଚୀନ ପ୍ରଭୃତି ରାଷ୍ଟ୍ରଗୁଡ଼ିକ ସହିତ ଭାରତର ବନ୍ଧୁତା ଅତୁଟ ରହିଛି । କେବଳ ପାକିସ୍ତାନକୁ ଛାଡିଦେଲେ ଅନ୍ୟାନ୍ୟ ପଡୋଶୀ ରାଷ୍ଟ୍ରଗୁଡ଼ିକ ଭାରତ ସହିତ ସୁସମ୍ପର୍କ ସ୍ଥାପନ କରି ପାରିଛନ୍ତି । ପାକିସ୍ତାନ ତ ନିଜ ଗୋଡ଼କୁ ନିଜେ ହାଣୁଛି । ତେଣୁ ସେ ଭାରତ ସହିତ ସୁସମ୍ପର୍କ ରଖିବାକୁ ଚାହେଁ ନାହିଁ । ଅନ୍ୟାନ୍ୟ ଇସଲାମ ଧର୍ମାବଲମ୍ବୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ମୋଦିଜୀଙ୍କ ଭାରତ ସହିତ ସମ୍ପର୍କ ରଖିବାକୁ ଆଗ୍ରହୀ । ଭାରତ ସହିତ ବନ୍ଧୁତ୍ୱ ସ୍ଥାପନ ପାଇଁ ବିଶ୍ୱର ଅନେକ ରାଷ୍ଟ୍ର ଆଗ୍ରହୀ । ତେଣୁ ମୋଦିଜୀଙ୍କ ନୂତନ ଭାରତ ଓ ବିକଶିତ ଭାରତପ୍ରତି ସମଗ୍ର ବିଶ୍ୱର ଆକର୍ଷଣ ଏବେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି ।

## ଈଶ୍ୱରଙ୍କ ରୂପକଳ୍ପ

**ଈଶ୍ୱର ବାୟୁ ଭଳି ମୂଳତତ୍ତ୍ୱ, ବାୟୁକୁ ଖାଲି ଆଖିରେ ଦେଖି ହୁଏ ନାହିଁ । କିନ୍ତୁ ବାୟୁରେ ଯେଉଁ ଗନ୍ଧ ମିଶ୍ରଣ କରିବ, ସେ ସେହି ଗନ୍ଧ ବାହକ ହୋଇ ସେହି ଗନ୍ଧରେ ଅନୁଭୂତ ହୁଏ, ଠିକ୍ ସେହିଭଳି ଈଶ୍ୱରଙ୍କୁ ଯେଉଁ ରୂପରେ କଳ୍ପନା କରିବ, ସେହି ରୂପରେ ସେ ପ୍ରତୀୟମାନ ହେବେ ।**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଦୂଷିତ ମହାକାଶର ସୁରକ୍ଷା ଆବଶ୍ୟକ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ମହାକାଶ, ଆଜି ଆମ ଦୈନନ୍ଦିନ ଜୀବନ, ଜାତୀୟ ସୁରକ୍ଷା, ଅର୍ଥନୀତି ଏବଂ ଭୂରାଜନୀତିର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି । ପାଣିପାଗ ପୂର୍ବାନୁମାନ, ବିପର୍ଯ୍ୟୟ ପରିଚାଳନା ଏବଂ ସାମରିକ ପର୍ଯ୍ୟବେକ୍ଷଣ ପର୍ଯ୍ୟନ୍ତ, ଆଧୁନିକ ବିଶ୍ୱର ହୃଦସ୍ପନ୍ଦନ ମହାକାଶ ସହିତ ଜଡିତ । କିନ୍ତୁ ଏହି ଅଗ୍ରଗତି ଭିତରେ ଏକ ସଙ୍କଟ ଉପୁଜିଛି ଯାହା ଉପରେ ଗମ୍ଭୀରତାର ସହ ଆଲୋଚନା କରାଯାଇ ନାହିଁ । ମହାକାଶରେ ବର୍ଦ୍ଧିତ ଅଳିଆ ଏବଂ ଏହା ମହାକାଶଚାରୀଙ୍କ ସୁରକ୍ଷା ପାଇଁ ସୃଷ୍ଟି କରୁଥିବା ବିପଦ ।


ଏହା କେବଳ ଏକ ପ୍ରଯୁକ୍ତିବିଦ୍ୟାର ଆହ୍ୱାନ ନୁହେଁ ବରଂ ମାନବ ଜୀବନ, ବିଶ୍ୱ ସହଯୋଗ ଏବଂ ଭବିଷ୍ୟତ ମହାକାଶ ନୀତି ସହିତ ଜଡିତ ଏକ ପ୍ରଶ୍ନ । ଆଜି ଯେତେବେଳେ ବିଶ୍ୱ ଚନ୍ଦ୍ର, ମଙ୍ଗଳ ଉପରେ ମାନବ ଉପସ୍ଥିତି ପାଇଁ ଯୋଜନା କରୁଛି, ଏହା ପଚାରିବା ଜରୁରୀ ଯେ ଆମେ କ'ଣ ପୃଥିବୀ ଚାରିପାଖରେ ଥିବା ମହାକାଶକୁ ସୁରକ୍ଷିତ ରଖିଛନ୍ତି ? ଗତ ଛଅ ଦଶନ୍ଧି ମଧ୍ୟରେ ମହାକାଶ କାର୍ଯ୍ୟକଳାପରେ ଅଭୂତପୂର୍ବ ବୃଦ୍ଧି ଘଟିଛି । ହଜାର ହଜାର ଉପଗ୍ରହ, ଶହ ଶହ ପ୍ରକ୍ଷେପଣ ଏବଂ ଅଗଣିତ ପରୀକ୍ଷଣ । ଏହି ସମସ୍ତର ଏକ ଅନିଚ୍ଛାକୃତ ପରିଣାମ ହେଉଛି ମହାକାଶର ଅଳିଆ ।

**ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କକ୍ଷପଥର ପରିବର୍ତ୍ତନ ସମସ୍ୟାର ସମାଧାନ ନୁହେଁ, ବରଂ ଏକ ଅସ୍ଥାୟୀ ସମାଧାନ । କକ୍ଷପଥ ପରିବର୍ତ୍ତନକୁ ଏକ ପ୍ରଯୁକ୍ତିବିଦ୍ୟା ସଫଳତା ଭାବରେ ବିବେଚନା କରାଯାଏ, କିନ୍ତୁ ଏହାକୁ ଏକ ସତର୍କ ସୂଚନା ଭାବରେ ଦେଖିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।**

ଅଚଳ ଉପଗ୍ରହ, ଧକ୍କା ଖଣ୍ଡ ଏବଂ ଅଣୁବୀକ୍ଷଣ କଣିକା ବର୍ତ୍ତମାନ ଏକ ଅନିୟନ୍ତ୍ରିତ ଜାଲ ପରି ପୃଥିବୀର କକ୍ଷପଥରେ ବିସ୍ତାରିତ । ଦୁଇଟି ବସ୍ତୁ ପରସ୍ପରକୁ ଧକ୍କା ଦେଲେ ଭଙ୍ଗାବଶେଷରେ ପରିଣତ ହୋଇ ଅଳିଆ ହୁଏ । ବୈଜ୍ଞାନିକମାନେ ଏହାକୁ କେସଲର ସିଣ୍ଡ୍ରୋମ ବୋଲି କୁହନ୍ତି । ଏପରି ଏକ ପରିସ୍ଥିତି ଯେଉଁଠାରେ କକ୍ଷପଥର ଭଙ୍ଗା ଅଂଶ ଏତେ ବୃଦ୍ଧି ପାଏ ଯେ ମହାକାଶ କାର୍ଯ୍ୟକଳାପ ଅସମ୍ଭବ ହୋଇଯାଏ । ଏପରିସ୍ଥିତିରେ, ମାନବ ମିଶନ ଏବଂ ମହାକାଶଚାରୀମାନେ ସର୍ବପ୍ରଥମେ ବିପଦରେ ପଡ଼ିବେ । ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ମାନବ ସଭ୍ୟତାର ସବୁଠାରୁ ଜଟିଳ ସଂରଚନା । କିନ୍ତୁ ଏହି ସଫଳତା ମଧ୍ୟ ଏକ ଅସୁରକ୍ଷିତ ପରିବେଶରେ ଅବସ୍ଥିତ । ପ୍ରାୟ ୪୦୦ କିଲୋମିଟର ଉଚ୍ଚତାରେ, ଷ୍ଟେସନଟି ସେହି କକ୍ଷପଥରେ ଅଛି ଯେଉଁଠାରେ ସର୍ବାଧିକ ଭଙ୍ଗା ଅଂଶ ରହିଛି । ବିଡ଼ମ୍ବନାର ବିଷୟ ହେଉଛି, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ ମହାକାଶଚାରୀମାନେ ଏପରି ଏକ ପରିବେଶରେ କାର୍ଯ୍ୟ କରନ୍ତି ଯେଉଁଠାରେ, ଏକ କଣିକା ମଧ୍ୟ ଘାତକ ହୋଇପାରେ । ପ୍ରତି ସେକେଣ୍ଡରେ ସାତରୁ ଆଠ କିଲୋମିଟର ବେଗରେ ଘୁରୁଥିବା ଭଙ୍ଗା ଅଂଶ ଯେକୌଣସି ମାନବ ପ୍ରତିକ୍ରିୟା ଅପେକ୍ଷା ବହୁତ ଦ୍ରୁତ । ଏହାର ଅର୍ଥ ହେଉଛି ବିପଦ ସମୟ ଏକ ସେକେଣ୍ଡରୁ କମ୍ । ଏହି ପ୍ରଶ୍ନ ଉଠେ ଆମେ ମହାକାଶଚାରୀଙ୍କ ସୁରକ୍ଷାକୁ ନେଇ କେତେ ସତର୍କ ?

ଶକ୍ତିଶାଳୀ ରାଡାର ଏବଂ ଟେଲିସ୍କୋପ ହଜାର ହଜାର ବସ୍ତୁ ଉପରେ ନଜର ରଖେ । କିନ୍ତୁ ଏହି ବ୍ୟବସ୍ଥାର ଏକ ମୌଳିକ ସୀମା ଅଛି । ଏହା କେବଳ ବଡ଼ କଣିକାଗୁଡ଼ିକୁ ସଠିକ୍ ଭାବରେ ଚିହ୍ନଟ କରିପାରେ । ଲକ୍ଷ ଲକ୍ଷ ଛୋଟ କଣିକା ନିରୀକ୍ଷଣ ବ୍ୟବସ୍ଥା ବାହାରେ ରହିଥାଏ, କିନ୍ତୁ ସେମାନେ ଧକ୍କା ହେବାର ସମ୍ଭାବନା ରଖନ୍ତି । ଏହାର ଅର୍ଥ ହେଉଛି ମହାକାଶଚାରୀଙ୍କ ସୁରକ୍ଷା ଆଂଶିକ ସୂଚନା ଉପରେ ଆଧାରିତ । ଯେତେବେଳେ ପୃଥିବୀ ନିକଟରେ ବୁଲୁଥିବା କୌଣସି ଭଗ୍ନାବଶେଷ ବିଷୟରେ ଜଣାପଡେ ଷ୍ଟେସନକୁ କିଛି ସମୟ ପାଇଁ ଅସ୍ଥାୟୀ ଭାବେ ପରିବର୍ତ୍ତନ କରାଯାଏ ।

ଏହି ପଦକ୍ଷେପ ବର୍ତ୍ତମାନ ମହାକାଶଚାରୀ ସୁରକ୍ଷାର ଏକ ନିୟମିତ ଅଂଶ ପାଲଟିଛି । କିନ୍ତୁ ଏହି ତଥ୍ୟ ନିଜେ ମହାକାଶ ଅଳିଆ ସମସ୍ୟାର ଗମ୍ଭୀରତାକୁ ଦର୍ଶାଇବା ପାଇଁ ଯଥେଷ୍ଟ । ଯଦିଓ କକ୍ଷପଥ ପରିବର୍ତ୍ତନ ଏକ ଛୋଟ ପ୍ରଯୁକ୍ତିବିଦ୍ୟା ପଦକ୍ଷେପ ପରି ମନେହୁଏ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ବହନ କରେ । ଏହାର ସଠିକ କକ୍ଷପଥ ବଜାୟ ରଖିବା ପାଇଁ ନିରନ୍ତର ଇନ୍ଧନ ଆବଶ୍ୟକ କରେ । ପ୍ରତ୍ୟେକ ଥର ଷ୍ଟେସନକୁ ଉପରକୁ କିମ୍ବା



ତଳକୁ ନିଆଗଲେ, ଏହାର ଇଞ୍ଜିନଗୁଡ଼ିକୁ ବାହାର କରାଯାଏ, ଯାହା ମୂଲ୍ୟବାନ ଇନ୍ଧନ ବ୍ୟବହାର କରେ । ଏହି ଇନ୍ଧନ ସୀମିତ ଏବଂ ଭବିଷ୍ୟତର ଜରୁରୀକାଳୀନ ପରିସ୍ଥିତି ପାଇଁ ଏହାକୁ ସଞ୍ଚୟ କରିବାକୁ ପଡିବ । ଏହାର ଅର୍ଥ ହେଉଛି ପ୍ରତ୍ୟେକ କକ୍ଷପଥ ପରିବର୍ତ୍ତନ ଷ୍ଟେସନର ଜୀବନକାଳକୁ ସାମାନ୍ୟ ହ୍ରାସ କରେ ।

ଦୀର୍ଘକାଳୀନ ମିଶନ ପାଇଁ ଏହି ସମସ୍ୟା ଆହୁରି ଗମ୍ଭୀର ହୋଇଯାଏଛ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ ଦଶନ୍ଧି ଧରି କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି । କକ୍ଷପଥରେ ବାରମ୍ବାର ପରିବର୍ତ୍ତନ ଏହାର ଭିତ୍ତିଭୂମି, ଉପକରଣ ଏବଂ ଯୋଜନା ଉପରେ ଚାପ ପକାଇଥାଏ । ପରିବର୍ତ୍ତନ ଯେତେ ଅଧିକ ହୁଏ, ଭବିଷ୍ୟତ ମିଶନ ପାଇଁ ବିପଦ ସେତେ ବଢ଼ିଯାଏ ।

ଅନ୍ୟ ଶବ୍ଦରେ, ଅଳିଆ ଆବର୍ଜନାକୁ ଏଡ଼ାଇବାକୁ ଚେଷ୍ଟା କରି, ଆମେ ନିଜସ୍ୱ ମହାକାଶ କ୍ଷମତାକୁ ସୀମିତ କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କକ୍ଷପଥର ପରିବର୍ତ୍ତନ ସମସ୍ୟାର ସମାଧାନ ନୁହେଁ, ବରଂ ଏକ ଅସ୍ଥାୟୀ ସମାଧାନ । କକ୍ଷପଥ ପରିବର୍ତ୍ତନକୁ ଏକ ପ୍ରଯୁକ୍ତିବିଦ୍ୟା ସଫଳତା ଭାବରେ ବିବେଚନା କରାଯାଏ, କିନ୍ତୁ ଏହାକୁ ଏକ ସତର୍କ ସୂଚନା ଭାବରେ ଦେଖିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ମହାକାଶଚାରୀମାନେ ଜରୁରୀକାଳୀନ ପରିସ୍ଥିତି ପାଇଁ କଠୋର ତାଲିମ ପାଆନ୍ତି । ହେଲେ, ହଠାତ୍ ବିନାଶକାରୀ ସହିତ ଧକ୍କା ହେଲେ ଏହି ତାଲିମ କାମ କରେନାହିଁ । ବଢ଼ୁଥିବା ମହାକାଶ ଅଳିଆର ସ୍ଥାୟୀ ସମାଧାନରେ ବିଶ୍ୱ ରାଜନୀତି ଏବଂ ଜାତୀୟ ସ୍ୱାର୍ଥର ପ୍ରଭାବ ପଡ଼େଛ କାହାର ଅଳିଆ ହଟାଇବା ଉଚିତ? କିଏ ଖର୍ଚ୍ଚ ବହନ କରିବ? କୌଣସି ଦେଶର ଅଚଳ ଉପଗ୍ରହକୁ ଅନ୍ୟ ଜଣେ ଅପସାରିତ କରିପାରିବ କି? ଏହି ପ୍ରଶ୍ନଗୁଡ଼ିକ ପ୍ରଯୁକ୍ତିବିଦ୍ୟା ଅପେକ୍ଷା ରାଜନୀତିକ । ଯେପର୍ଯ୍ୟନ୍ତ ମହାକାଶକୁ ଏକ ସହଭାଗୀ ଐତିହ୍ୟ ଭାବରେ ସ୍ୱୀକୃତି ଦିଆଯାଇନାହିଁ ଏବଂ ମିଳିତ ଦାୟିତ୍ୱ ପ୍ରତିଷ୍ଠା କରାଯାଇନାହିଁ, ସେପର୍ଯ୍ୟନ୍ତ ଅଳିଆ ହଟାଇବା ପଦକ୍ଷେପ ସୀମିତ ପରୀକ୍ଷଣରେ ରହିବ ।

ଭାରତ ଗଗନଯାନ ମିଶନ ଆଡ଼କୁ ଗତି କରୁଛିଛ ଏହାର ଅର୍ଥ ହେଉଛି ମହାକାଶ ଅଳିଆ ଆଉ ଭାରତ ପାଇଁ ଏକ ତାତ୍ତ୍ୱିକ ବିପଦ ନୁହେଁ, ବରଂ ଏକ ସିଧାସଳଖ ମାନବ ବିପଦ । ଏହା ଏକ ଚେତାବନୀ ଏବଂ ସୁଯୋଗ ଉଭୟ । ଏକ ଚେତାବନୀ କାରଣ ଅବହେଳା ଭବିଷ୍ୟତରେ ଘାତକ ସାବ୍ୟସ୍ତ ହୋଇପାରେ । ଏକ ସୁଯୋଗ କାରଣ ଭାରତ ଏକ ଦାୟିତ୍ୱପୂର୍ଣ୍ଣ ଏବଂ ନୈତିକ ମହାକାଶ ଶକ୍ତି ଭାବରେ ବିଶ୍ୱରେ ନେତୃତ୍ୱ ନେଇପାରିବେ ।

ମହାକାଶ ହେଉଛି ମାନବତାର ସହଭାଗୀ ସମ୍ପତ୍ତି, କୌଣସି ଗୋଟିଏ ଦେଶ କିମ୍ବା ପିଢ଼ିର ନୁହେଁ । ଏହା ଆମକୁ ଯୋଗାଯୋଗ, ବିଜ୍ଞାନ ଏବଂ ଭବିଷ୍ୟତର ସ୍ୱପ୍ନ ଦେଇଛି । ମହାକାଶକୁ ପ୍ରଦୂଷିତ କରିବା ସହଜ, କିନ୍ତୁ ଏହାକୁ ସୁରକ୍ଷିତ ରଖିବା କଷ୍ଟକର । ଏଥିପାଇଁ ଦୂରଦୃଷ୍ଟି ଆବଶ୍ୟକ, ଯାହା ଦ୍ୱାରା ଆମେ ତୁରନ୍ତ ଲାଭରୁ ଉପରକୁ ଉଠି ଭବିଷ୍ୟତକୁ ସୁରକ୍ଷିତ କରିପାରିବା । ଏଥିପାଇଁ ବିଶ୍ୱସ୍ତରୀୟ ସହଯୋଗ ଆବଶ୍ୟକ କାରଣ ମହାକାଶର କୌଣସି ସୀମା ନାହିଁ ।

**ନୟାଗଡ଼,**
**ମୋ–୯୪୩୭୬୪୨୯୪୭**

# ଆମେ ଓ ଆମ ଅଦାଲତ



ଗଜାନନ ମିଶ୍ର

ମାତୃଭୂମି, ମାତୃଭାଷା ସ୍ୱର୍ଗ ଠାରୁ ବଡ, ଏଇ ଆପ୍ତବାକ୍ୟକୁ ଧ୍ୟାନ ଦେବା ହୁଅନ୍ତୁ ଅଦାଲତଗଣ । ଭାରତବର୍ଷର ପ୍ରକୃତ ସାର୍ବଭୌମ ଅଧିକାରୀ ଜନସାଧାରଣ । ସୁତରାଂ, କେବେ ବି ଅସ୍ୱୀକାର କରିପାରିବେ ନି ଅଦାଲତଗଣ ଭାରତୀୟମାନଙ୍କୁ ଭାରତୀୟ ସମ୍ବିଧାନକୁ । ଏ ଯାଏଁ ଆମେ ଭାରତୀୟଙ୍କୁ ପ୍ରକୃତ ନ୍ୟାୟ ଦେଇ ପାରି ନାହୁଁ, ସତ୍ୟ ଓ ନ୍ୟାୟ ପ୍ରଦାନରେ ଆମେ ସଫଳ ବୋଲି ମୁଣ୍ଡ ଟେକି କହି ପାରୁନୁ । ଆଜି ଏ ଜନସାଧାରଣ ଦିବସର କିଛି ଅର୍ଥ ରହୁ ନି ଯଦି ଆମେ ଅଦାଲତରେ ଏ ଯାଏ ବ୍ୟବହାର କରୁଛେଁ ବିଦେଶୀ ଭାଷା । ଯାହା ବି ହୋଇଯାଉ, ଆମରି ଭାଷା, ଆମରି ଅଦାଲତ, ଆମରି ଦେଶ, ଆମରି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରଧାନ ବିଚାରପତି ଓ ଆଉ ସମସ୍ତେ ଆମ ଜନସାଧାରଣ ପାଇଁ ରହିଛନ୍ତି ।

ଜନସାଧାରଣଙ୍କ ସେବାକରି ଦେଶମାତୃକାର ସେବା କରିବାକୁ ସଂକଳ୍ପବଦ୍ଧ ପ୍ରତିଟି ପଦବୀଧାରୀ । କହିବାରେ କୁଣ୍ଠା ନାହିଁ ଯେତେ ବଡ ପଦବୀଧାରୀ ହୁଅନ୍ତୁ ନା କାହିଁକି ସେମାନେ ବେତନଭୋଗୀ କର୍ମଚାରୀ ଜନସାଧାରଣଙ୍କର । ଲୋକଙ୍କ ଟିକସ ଟଙ୍କା ପାଉଛନ୍ତି ସେମାନେ ଦରମା ଆକାରରେ, ଆଉ ଅବସର ପରେ ପେନସନ୍ ଆକାରରେ । ଲୋକଙ୍କ ଭାଷାକୁ, ଲୋକଙ୍କ ଆତ୍ମାକୁ ବେଖାତିର କରିବା ତେଣୁ ଉଚିତ ନୁହଁ ।

ଗଣତନ୍ତ୍ରର ମୂଳବୀଜ ଲୋକଙ୍କ ପାଖରେ ରହିଥାଏ ସଦାସର୍ବଦା । ଗଣତନ୍ତ୍ରଶାସନ 'ଲୋକଙ୍କର, ଲୋକଙ୍କ ପାଇଁ ଏବଂ ଲୋକଙ୍କ ଦ୍ୱାରା' । କେତେ ବଡ ଅନୁଭୂତିକୁ ପାଥେୟ କରି କହିଯାଇଛନ୍ତି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ । ଆଜି ବି ତାଙ୍କୁ ଝୁରୁଛି ସମଗ୍ର ବିଶ୍ୱ, ଲୋକଙ୍କ ପ୍ରତି ତାଙ୍କର ସମ୍ମାନ କେତେ ଉଚ୍ଚାଙ୍ଗ ଥିଲା ତାହା କହିବା ସମ୍ଭବପର ନୁହେଁ । ଆମ ଦେଶର ମହାତ୍ମା ଗାନ୍ଧି ସ୍ୱାଧୀନତା ପାଇବା ରାତିରେ ହିଁ କହିଥିଲେ, ଯେଉଁଦିନ ଆମେ ମାତୃଭାଷାକୁ ବ୍ୟବବହାର ନ କରିଛୁଁ ସେଇଦିନ ଯାଏଁ ଆମେ ପରାଧୀନରେ ଅଛୁଁ । ଆମରି ଟଙ୍କାରେ ନିର୍ମିତ ଅଦାଲତ, ଆମରି ଟଙ୍କା ପାଉଥିବା ବିଚାରପତିଗଣ କଣ ଛାତିରେ ହାତ ଦେଇ କହି ପାରିବେ, ସ୍ୱାଧୀନ ଭାରତବର୍ଷର ସ୍ୱାଧୀନ ନାଗରିକଙ୍କୁ ଆମେ ମାଟିର ଭାଷାରେ ରାୟ ବା ଆଦେଶ ଦେଉଛୁଁ ! ଯଦି ନା, ତେବେ କାହିଁକି ଏ ବିଦେଶୀ ଭାଷା?

କାହା ସ୍ୱାର୍ଥରେ? ତୁରନ୍ତ ବିଚାର କରିବା ସମୟ ଏଇଟା । ଲୋକପ୍ରିୟ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନଜରକୁ ଏହା ଯେ ନ ଆସିଛି ନୁହେଁ । କିନ୍ତୁ ଭାରତରେ ଆତ୍ମାର କଷ୍ଟ ଦୂର ହେବ କଠୋର ପଦକ୍ଷେପ ନେଲେ ଯାଇ, ହୃଦୟଙ୍ଗମ କରିବା ହୁଅନ୍ତୁ ।

ନିଜ ଭାଷା ବ୍ୟବହାର କରିବାକୁ ଆଇନ ଅଛି, ଅଦାଲତଙ୍କ ରାୟ ବି ରହିଛି, ସମ୍ବିଧାନରେ ବି ଲେଖାଯାଇଛି । ତଥାପି ନ ହେବାର କାରଣ ହେଉଛି ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବୋଲି ଭାବିବାକୁ ବାଧ୍ୟ ଆମେ । ରାଜନୈତିକ ଇଚ୍ଛାଶକ୍ତିର ଅଭାବ କହିବାର ଆଉ ଗୋଟିଏ କାରଣ ହେଉଛି ଯଦି ଅଧ ରାତିରେ ଘୋଷଣା କଲାମାତ୍ରେ ସକାଳୁ ନୋଟ ପ୍ରଚଳନ ବନ୍ଦ ହୋଇପାରୁଛି, ଛବିଶ ଜାନୁଆରି ସକାଳେ ସାଧାରଣତନ୍ତ୍ର ଦିବସ ମଞ୍ଚରେ ବିଦେଶୀଭାଷା ପ୍ରଚଳନ ବନ୍ଦ ହେଲା ବୋଲି ଘୋଷଣା କରାଗଲା ପରେ ଆମର ବିଶ୍ୱାସ ସତେଇଶ ଜାନୁଆରିରୁ ବିଦେଶୀ ଭାଷା ବ୍ୟବହାର ବନ୍ଦ ହୋଇଯିବ, ଏହା ନିଶ୍ଚିତ ।

ଶପଥ ପାଠ କଲା ଦିନୁଁ ଆମ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହି ଆସୁଛନ୍ତି ତାଙ୍କ ସରକାର ହେଉଛି ଲୋକଙ୍କ ସରକାର । ଶତକଡା ଶହେରୁ ଶହେ ଠିକ୍ । ଆମର ସମ୍ମାନ ଅତୁଟ ରହିଛି । ତାଙ୍କର କାର୍ଯ୍ୟଧାରା ବି ପ୍ରଶଂସନୀୟ । ଲୋକଙ୍କ ସରକାର ଯେ ଲୋକଙ୍କ ଭାଷାରେ ସବୁ କାର୍ଯ୍ୟ କରିବ ଏ କଥା ବି ତାଙ୍କ ଭଳି ଜଣେ ସୁଯୋଗ୍ୟ ଶିକ୍ଷକ, ଅନୁଭୂତିସଂପନ୍ନ ରାଜନେତାଙ୍କୁ ଅଜଣା ନୁହେଁ । ଆଉ ବି ତାଙ୍କୁ ଜ୍ଞାତ ଯେ ବିଦେଶୀ ଭାଷା ବ୍ୟବହାର କରିବା ଦ୍ୱାରା ଲୋକ ବିରୋଧୀ କାର୍ଯ୍ୟ ହେବା ସହିତ ଏହା ଭାରତୀୟ ସମ୍ବିଧାନର, ଭାଷା ଆଇନର ବିରୋଧାଚରଣ କରୁଛି । ଏପରିକି ଲୋକଙ୍କୁ ଅନ୍ଧାରରେ ରଖି ଦୁର୍ନୀତିଗ୍ରସ୍ତଙ୍କୁ ସୁରକ୍ଷାର ବଳୟରେ ରଖାଯାଉଛି । ଅସ୍ମିତା ଧ୍ୱନି ଦେଇ ସେ ଲୋକଙ୍କ ବିଶ୍ୱାସଭାଜନ ହୋଇଛନ୍ତି । ଭଲଭାବରେ ସେ ଆହୁରି ଜାଣନ୍ତି ଯେ ବିଦେଶୀ ଭାଷା ଯୋଗୁଁ ଆମ ନ୍ୟାୟପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି ।

ଲୋକାଭିମୁଖୀ ହୋଇ ପାରୁ ନାହିଁ । ଅତଏବ ଯାହା ହୋଇଯାଇଛି, ଯାଉଛି ଅନ୍ତତଃ ମାଟିର ଭାଷା ଲୋକଙ୍କ ଭାଷା ବ୍ୟବହାର ବାଧ୍ୟତାମୂଳକ କରାଯାଉ ବିଦ୍ୟାଳୟ, ଚିକିତ୍ସାଳୟ, ଆଉ ଆଉ କାର୍ଯ୍ୟାଳୟ, ନ୍ୟାୟାଳୟମାନଙ୍କରେ । ଯିଏ ନ କରିବ କୌଣସି ପଦବୀରେ ରହି ପାରିବ ନାହିଁ ଏମିତି ଆଦେଶ କାର୍ଯ୍ୟକାରୀ ନ ହେଲାଯାଏଁ ଆମର ଏ ଯେ ଗଣତନ୍ତ୍ର ଶାସନ ଗର୍ବରେ କହି ହେବ ନାହିଁ ।

ଓଡ଼ିଆଭାଷାକୁ ନେଇ ଊଣେଇଶହ ଛତିଶରେ ସୃଷ୍ଟି ହୋଇଥିବା ଓଡ଼ିଶାରେ ଆଉ କେବେ ପାଇବେ ଲୋକେ ତାଙ୍କ ଭାଷାରେ ରାୟ/ ଆଦେଶାଦି ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି !

ଆମ ମୁଖ୍ୟମନ୍ତ୍ରୀ ଏ ଦିଗରେ କଠୋର ପଦକ୍ଷେପ ନେଇ ଓଡ଼ିଶା ଗଠନ ଶହେବର୍ଷ ପାଳନ କରିବାକୁ ପଥ ପ୍ରଶସ୍ତ କରିବେ, ଏହା ହିଁ ଆଶା ଓ ବିଶ୍ୱାସ ।

**ତପୋବନ, ଟିଟିଲାଗଡ, ବଲାଙ୍ଗିର**
**ମୋ–୯୪୩୭୩୬୬୬୪୪**

## ପାଠକୀୟ ମତାମତ

# କେନ୍ଦ୍ର ବଜେଟର ଭଲ ମନ୍ଦ ଦିଗ

ମହାଶୟ ,

୧ ତାରିଖ ରବିବାର ଦିନ ନୂଆଦିଲ୍ଲୀର 'କର୍ତ୍ତବ୍ୟ ଭବନ'ରେ ୨୦୨୬–୨୭ ଆର୍ଥିକ ବର୍ଷ ଲାଗି ରେକର୍ଡ ନବମ ଥର ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ବଜେଟ କେବଳ ଆୟ ଓ ବ୍ୟୟର ହିସାବ ଫର୍ଦ୍ଦ ନୁହେ, ବଜେଟରେ ପ୍ରତିଫଳିତ ହୋଇଥାଏ ଗୋଟିଏ ଦେଶର ଭବିଷ୍ୟତର ଆବଶ୍ୟକତା, ଆଶା ଓ ଆକାଂକ୍ଷା ।

ବର୍ତ୍ତମାନର ସ୍ୱପ୍ନକୁ ସାକାର କରୁଥିବା ବିଶାଳ ସୁଯୋଗର ଏକ ରାଜପଥ । ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲାଗି ଏହି ବଜେଟ୍ ତାହାର ଆଧାର । କୌଶଳ, ଉପରକୁ ଉଠିବା ଓ ପୋଷଣୀୟତାକୁ ମଜଭୁତ କରିବା ପ୍ରଚେଷ୍ଟାରେ ଏ ବଜେଟର ନାମ ରହିଛି 'ସଂସ୍କାର ଏକ୍ସପ୍ରେସ୍' । ଶାସକ ଦଳ ପାଇଁ ଏହା 'ଐତିହାସିକ', 'ପ୍ରଗତିଶୀଳ', 'ଯୁବଶକ୍ତିଙ୍କ ବଜେଟ୍', 'ଲୋକାଭିମୁଖୀ','ଅଭିବୃଦ୍ଧି ଓ ଶିଳ୍ପ ଅନୁକୂଳ ବଜେଟ । ବିରୋଧୀ ଦଳ ଲାଗି 'ନୈରାଶ୍ୟଜନକ', 'ମହିଳା, ଚାଷୀ, ଗରିବ,ଆଦିବାସୀ ବିରୋଧୀ' ଓ 'ନୂତନତା ବିହୀନ' । ଖବରକାଗଜରେ ବଜେଟ୍‌ର ବିଭିନ୍ନ ଦିଗ ଉପରେ ବ୍ୟକ୍ତିବିଶେଷଙ୍କ ମତ ପ୍ରକାଶ ପାଏ । କିଏ କହେ ସମ୍ପୂର୍ଣ୍ଣ ଭଲ, ଆଉ କେହି କହେ ଖରାପ ।

ଏ ସଂସାରରେ ସମ୍ପୂର୍ଣ୍ଣ ଭଲ ବା ପୁରାପୁରି ଖରାପ ବୋଲି କିଛି ନ ଥାଏ । 'ଭଲ'ରେ ଖରାପ ଥିବା ପରି 'ଖରାପ'ରେ ସୁଦ୍ଧା ଭଲ ଥାଏ । 'ଭଲ' ବା 'ଖରାପ' ଏକ ଆପେକ୍ଷିକ ଶବ୍ଦ । ବିରୋଧୀ ବଜେଟର ଭଲ ଦିଗକୁ ପ୍ରଶଂସା କରିବାରେ ଏତେ କାର୍ପଣ୍ୟ କାହିଁକି ? 'ଭଲ'କୁ ଭଲ ଓ 'ମନ୍ଦ' କୁ ମନ୍ଦ କୁହାଯାଉ । କେବଳ ବିରୋଧ କରିବାକୁ ବିରୋଧ କରା ନ ଯାଉ । ଅତୀତରେ ପି ଭି ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିବାବେଳେ ବାଜପେୟୀ ଓ ଏବେ ଶଶୀ ଥରୁର, ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ପ୍ରଶଂସା କରିବାର ଦେଖାଯାଏ ।

ବଜେଟ୍‌ରେ ଦେଶ ପାଇଁ ଯାହା ହିତକର ନୁହେଁ, ବିରୋଧୀଦଳ ଅବଶ୍ୟ ବିରୋଧ କରନ୍ତି । ଶାସକ ଦଳ ବଜେଟକୁ ସମର୍ଥନ କରିବା ସ୍ୱାଭାବିକ । ତେବେ ଏଥିରେ ଥିବା ତ୍ରୁଟିଗୁଡ଼ିକୁ ସରକାରଙ୍କ ନଜରକୁ ଆଣନ୍ତୁ ।

ସଂସଦର ବଜେଟ୍ ଆଲୋଚନାରେ ଭାଗ ନେଇ ନିଜ ରାଜ୍ୟ ବା ଅଞ୍ଚଳର ଯଥାର୍ଥ ଦାବି ପୂରଣ ଲାଗି ସାଂସଦଗଣ ପ୍ରୟନ୍ କରନ୍ତୁ । ଫଳରେ ସେମାନେ ଭୋଟରଙ୍କ ଆସ୍ଥାର ଭାଜନ ହୋଇପାରିବେ । ସଂସଦର ଗାରିମା ବୃଦ୍ଧି ପାଇବ । ମୂଲ୍ୟବାନ ସମୟ ଅପଚୟ ହେବ ନାହିଁ । କାରଣ, ରାଷ୍ଟ୍ର ସ୍ୱାର୍ଥ ସର୍ବୋପରି ।

**ପ୍ରତାପ ନାୟକ**
**ଏମ୍ ଆଇ ଜି–୭୫, କେ୯ଏ**
**କଳିଙ୍ଗ ବିହାର**
**ଭୁବନେଶ୍ୱର –୧୯**
**ମୋ୭୭୫୦୮୫୨୮୧୯**

**ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ–ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆର୍ଥିକ...

ଉପଯୋଗିତାରେ ଫାଇନାସ ସହ ବୈଷୟିକ ଉଦୟର ଆବଶ୍ୟକତା ରହିଛି । ଯାହା ଭାରତରେ ଡିଜିଟାଲ ପେମେଟ୍ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଆଗକୁ ବଢୁଛି । ଗତ ଦଶନ୍ଧିରେ ଭାରତ ଆର୍ଥିକ ବ୍ୟବସ୍ଥାରେ ଏକ ପ୍ରଭାବଶାଳୀ ବିପ୍ଳବ ଦେଖିବାକୁ ମିଳିଛି । ବ୍ୟାଙ୍କ ଆକାଉଣ୍ଟରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଏବଂ ଡିଜିଟାଲ ଅର୍ଥନେଣ ଦେଣ, ଚାଷୀ, ଛୋଟ ଦୋକାନୀ ଓ ମହିଳାମାନଙ୍କ ପାଇଁ ବହୁ ସାଧାରଣ ହୋଇଛି । ଏମାନଙ୍କ ଲାଗି ଫିଟନେଟ ଏକ ବୈଷୟିକ ଶବ୍ଦ ନୁହେଁ, ଏହା ସେମାନଙ୍କର ଜୀବନରେଖା ପାଲଟିଛି । ଫିଟନେଟ୍ କେବଳ ଅନ୍ତର୍ଭୁକ୍ତକରଣର ଗ୍ୟାରେଣ୍ଟି ଦିଏ ନାହିଁ ବିଶେଷ କରି ଦୂରଦୂରାନ୍ତ, ଆଦିବାସୀ ଏବଂ ଗ୍ରାମାଞ୍ଚଳରେ ଅନେକ ନାଗରିକ ଅଛନ୍ତି, ସେମାନେ ଡିଜିଟାଲ ଉପକରଣ ସହ ପରିଚିତ ନୁହଁନ୍ତି । ଅର୍ଥନୀତିର ସମସ୍ତ କ୍ଷେତ୍ର ଏବଂ ସମାଜର ସମସ୍ତ ବର୍ଗ ଉପରେ ସକାରତ୍ମକ ପ୍ରଭାବ ପକାଇବା ପାଇଁ ପ୍ରଯୁକ୍ତି ବିଦ୍ୟା ନିକଟରେ ଏକ ବିଶାଳ ସମ୍ଭାବନା ରହିଛି । ଏହି ଶିଖର ସମ୍ମିଳନୀରେ ହୋଇଥିବା ଆଲୋଚନା ସହଯୋଗ ଓଡ଼ିଶା ପାଇଁ ନୁହେଁ, ବରଂ ଭାରତ ବିଶ୍ୱ ଲାଗି ପରିବର୍ତ୍ତନକାରୀ ପ୍ରଭାବ ପକାଇବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଥିଲେ ଯେ, ଏହି ସମିଟ୍ ହେଉଛି ଏଭଳି ଏକ ପ୍ଲାଟଫର୍ମ ଯେଉଁଠି ସରକାର ଅନୁଷ୍ଠାନ ଓ କମ୍ପାନୀ ଓ ସେମାନଙ୍କ ରାସ୍ତା ଓ ଦୀର୍ଘସ୍ଥାୟୀ ପ୍ରକଳ୍ପ ଗୁଡିକର ଭବିଷ୍ୟତକୁ ସୁରକ୍ଷିତ କରିପାରିବେ । ଓଡ଼ିଶା ଏବେ ଏସିଆ ଲାଗି ଭାରତର ପ୍ରବେଶପଥ ପାଲଟିଛି । ଆମେ ବ୍ୟବସାୟ ପ୍ରକ୍ରିୟାର ସରଳୀକରଣ କରିବା ସହ ସିଙ୍ଗଲୱିଣ୍ଡ ବ୍ୟବସ୍ଥାକୁ ସୁଦୃଢ଼ କରିଛୁ । ଆଇଟି ନୀତି, ଇଲୋକ୍ଟ୍ରୋନିକ ଫିନଟେକ ଓ ଏଆଇ ସମେତ ଅନେକ ବୈଶୟିକ ଜ୍ଞାନ ଏବେ ବଢ଼ିବାରେ ଲାଗିଛି । ଆଜି ହେଉଛି ଓଡ଼ିଶାର ଯୁବକଙ୍କ ପାଇଁ ଏକ ଇତିହାସିକ ଦିନ । ୨୦ ମାସ ସରକାର ଏତେ କମ ସମୟ ମଧ୍ୟରେ ସଫଳତା ସହ ବ୍ୟବସାୟ ବାତାବରଣ ସୃଷ୍ଟି କରିଛି । ଆମେ ଅଢ଼େଇ ଲକ୍ଷ କୋଟି ଟଙ୍କା ପ୍ରକଳ୍ପର ଉଦଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଛୁ । ମହିଳାମାନଙ୍କ ଭାଗିଦାରୀ, ସୁଭଦ୍ରା ମାଧ୍ୟମରେ ଉନ୍ନତୀ ଆଣିଛି । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଆର୍ଥିକ ସଶକ୍ତିକରଣ ସହ ଆର୍ଥିକ ସମନ୍ୱୟକୁ ବୃଦ୍ଧି କରିଛି । ଏହି ସମ୍ମିଳନୀ ପ୍ରଥମଥର ପାଇଁ ଭାରତରେ ଅନୁଷ୍ଠିତ ହେଉଛି, ୨୪ ଦେଶରୁ ୧୫ ଶହ ପ୍ରତିନିଧି ଆସିଛନ୍ତି । ୨୦୩୬ ସୁଦ୍ଧା ସମୃଦ୍ଧି ଓଡ଼ିଶା ଗଠନ କରିବାକୁ ଆମେ ପ୍ରସ୍ତୁତ । ୨୦୪୭ ସୁଦ୍ଧା ବିକଶିତ ଭାରତରେ ଆମର ଅବଦାନ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭବ ପାଟି, ଇଟିଟିଆଇ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟସଚିନ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପକ୍ଷରୁ ସର୍ଭମ୍ ଏଆଇ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ଏହି ସଂସ୍ଥା ରାଜ୍ୟରେ ୨୦ ହଜାର କୋଟି ଟଙ୍କା ବ୍ୟୟରେ ସୋଭରେନ୍ ଏଆଇ ପାର୍କ ପ୍ରତିଷ୍ଠା କରିବ । ଯାହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ହଜାର ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ସେହିଭଳି ସର୍ଭମ୍ ସହ ଏଆଇ କ୍ଷେତ୍ରରେ ଏକ ଏମ୍ଓୟୁ ସ୍ୱାକ୍ଷର କରାଯାଇଛି । ଏହାଛଡା ବାଜାଜ ଜେନେରାଲ ଇନ୍ସ୍ୟୁରାନ୍ସ, ଆଡ୍ଭେନ୍ସଟେକ୍, ଅନ୍ନପୂର୍ଣ୍ଣା ୟୁନିଭର୍ସ, ଇସିଟିପିଏଲ୍, ପ୍ରୋକ୍ୟାପ୍, ପ୍ରୋପେଲ୍ଡ ସୋଭ୍, ଟେକ୍ ସଲ୍ୟୁସନ୍, ସ୍ୱାଇସ୍ ମନି ସହ ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ଏମାନେ ଶିକ୍ଷାରେ ନିଯୁକ୍ତି ନିତିକୁ ପ୍ରୋତ୍ସାହିତ କରିବେ ।

## ପୁଣି...

ଅପରାଧୀ ମାନେ ଏକ ଅଜଣା ଉତ୍ସରୁ ଧମକପୂର୍ଣ୍ଣ ମେଲ ପଠାଇଛନ୍ତି । କଟକ ଜିଲା ଜଜ କୋର୍ଟ ସମେତ ଫୁଲବାଣୀ, ପୁରୀ ଓ ଯାଜପୁର ଜିଲା କୋର୍ଟକୁ ଏହି ଧମକପୂର୍ଣ୍ଣ ମେଲ ଆସିବା ପରେ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ପୁଲିସ କଡ଼ାକଡ଼ି କରିଛି । କାର୍ଯ୍ୟ ବନ୍ଦ ସହ କୋର୍ଟ ପରିସର ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସମସ୍ତ କର୍ମଚାରୀ, ଓକିଲ ଓ ମହକିଲ କୋର୍ଟ ପରିସରରୁ ବାହାରି ଆସିଥିଲେ । ବିଚାରପତି, ଆଇନଜୀବୀ ଓ ଲୋକେ କୋର୍ଟ ପରିସରରୁ ବାହାରି ଆସିଥିଲେ । ତେବେ ପୁଲିସର କଡ଼ା ଯାଞ୍ଚ ପରେ କୋର୍ଟ ପରିସରରେ ବୋମାର ସନ୍ଧାନ ମିଳି ନ ଥିଲା ।ଶୁକ୍ରବାର ସକାଳୁ ସମସ୍ତ ଜିଲା କୋର୍ଟ ପୂର୍ବ ଭଳି କାର୍ଯ୍ୟ ଆରମ୍ଭ ହୋଇଥିଲା । ଧୀରେ ଧୀରେ ଆଇନଜୀବୀଙ୍କ ସଂଖ୍ୟା ବଢିବା ଆରମ୍ଭ ହୋଇଥିଲା । ତେବେ ହଠାତ ପୁଲିସ ପକ୍ଷରୁ ଜାଗା ଖାଲି କରିବାକୁ କୁହାଯାଇଥିଲା । ଏହାପରେ କୋର୍ଟ ପରିସରରେ ଚାଞ୍ଚଲ୍ୟ ଖେଳି ଯାଇଥିଲା । ସମସ୍ତ ବିଚାରପତି, କର୍ମଚାରୀ, ଓକିଲ ଓ ମହକିଲ କୋର୍ଟ ପରିସରରୁ ବାହାରି ଆସିଥିଲେ । ଅଧଘଣ୍ଟା ଭିତରେ ପୁରା କୋର୍ଟ ପରିସର ଖାଲି ହୋଇଯାଇଥିଲା । ପୁଲିସ ପହଞ୍ଚି ଖାନତଲାସୀ କରିବା ସହ ଆଣ୍ଟି ବମ୍ ସ୍କ୍ୱାଡ୍, ମେଟାଲ ଡିଟେକ୍ଟର ଓ ସନ୍ଧାନୀ କୁକୁର ଜରିଆରେ ଯାଞ୍ଚ କାର୍ଯ୍ୟ କରିଥିଲେ । ପୁଲିସ ବାହିନୀ କୋର୍ଟ କମ୍ପ୍ଲକ୍ସକୁ ଘେରି ରହିଥିଲେ । ବୋମା ନିଷ୍କ୍ରିୟକାରୀ ସନ୍ଦେହଜନକ ସ୍ଥାନଗୁଡ଼ିକୁ କଡ଼ାକଡ଼ି ଯାଞ୍ଚ କରିଥିଲେ । ବହୁ ସମୟ ଧରି ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ବୋମାର ସନ୍ଧାନ ମିଳି ନ ଥିଲା । ବରିଷ୍ଠ ପୁଲିସ ଅଧିକାରୀମାନେ କୋର୍ଟ ପରିସରରେ ପହଞ୍ଚି କଡ଼ାକଡ଼ି ଯାଞ୍ଚ କରିଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ଯାଞ୍ଚ କରାଯିବା ପରେ ମଧ୍ୟ ବୋମା ସନ୍ଧାନ ମିଳି ନ ଥିଲା । ଏଭଳି ବୋମା ଧମକ ଯୋଗୁ ବିଚାର ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥିଲା । ଏହାଛଡ଼ା ହାଇକୋର୍ଟ ପରିସରକୁ ପୁଲିସ ଛାଉଣି କରାଯାଇଥିଲା । ସୂଚନାଯୋଗ୍ୟ ଯେ ଜାନୁଆରୀ ୮ରେ ମଧ୍ୟ ୩ କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଅଜଣା ଉତ୍ସରୁ ଧମକ ଆସିଥିଲା । ଏହି ଧମକ ମିଳିବା ପରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା । ହାଇକୋର୍ଟ ସମେତ କଟକ, ସମ୍ବଲପୁର ଏବଂ ଦେବଗଡ଼ ଜିଲା କୋର୍ଟକୁ ଏହି ଧମକପୂର୍ଣ୍ଣ ମେଲ୍ ଆସିଥିଲା । ସେତେବେଳେ ବି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଜିଲା କୋର୍ଟ ସମେତ ହାଇକୋର୍ଟକୁ ମଧ୍ୟ ତୁରନ୍ତ ଖାଲି କରାଯାଇଥିଲା । ଅନ୍ୟପକ୍ଷେ ଏ ସଂକ୍ରାନ୍ତରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ହାଲକା ଭାବେ ନେଇ କହିଛନ୍ତି ଯେ, ନ୍ୟାୟାଳୟର ସୁରକ୍ଷା ପାଇଁ ରାଜ୍ୟ ସରକାର ତତ୍ପର ଅଛନ୍ତି । ଏଭଳି ଧମକପୂର୍ଣ୍ଣ ମେଲ ଆତଙ୍କ ଖେଳାଇବା ପାଇଁ କରିଥାନ୍ତି ତାର ଅର୍ଥ ନୁହେଁ ସରକାର ଏହାକୁ ହାଲୁକା ଭାବେ ନେବେ । ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି । ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି । ଏଭଳି ଧମକପୂର୍ଣ୍ଣ ମେଲ ସଂକ୍ରାନ୍ତରେ ସାଇବର ଟିମ ସହ ଆଲୋଚନା ହୋଇଛି । ଏହା ଏକ ଡାର୍କ ୱେବ ବୋଲି କୁହାଯାଏ । ପ୍ରତ୍ୟେକ ମୁହୂର୍ତ୍ତରେ ଆଇଡି ବଦଳିଥାଏ । ଭାରତ ସରକାରଙ୍କ ସହଯୋଗରେ ଏହି ମେଲର ଉତ୍ସ କଣ ଓ କେଉଁ ଅଜଣା ବ୍ୟକ୍ତି ଭୟ ସୃଷ୍ଟି କରିବାକୁ ଧମକପୂର୍ଣ୍ଣ ମେଲ ଛାଡୁଛନ୍ତି ତା'ର ବର୍ତ୍ତମାନ ତଦନ୍ତ ଜାରି ରହିଛି । ଏହାଛଡ଼ା ହାଇକୋର୍ଟ ସିକ୍ୟୁରିଟି କମିଟି ପ୍ରାୟ ଦୁଇ ଘଣ୍ଟା ଧରି ସରକାରଙ୍କ ତରଫରୁ ଆଲୋଚନା ହୋଇଥିଲା । ତେଣୁ ଏଥିରେ କୌଣସି ଆତଙ୍କିତ ହେବାର ନାହିଁ ।

ସେହିଭଳି ପୁରୀ ପ୍ରତିନିଧି ଜଣାଇଛନ୍ତି ଏକ ଅଜଣା ମେଲ୍ ଆଇଡିରୁ ପୁରୀ କୋର୍ଟକୁ ଏହି ଧମକ ଆସିଛି | ଯାହାକୁ ନେଇ କୋର୍ଟ ପରିସରରେ ଭୟର ଆତଙ୍କ ଖେଳି ଯାଇ ଥିଲା । ବୋମା ମାଡ ଧମକରେ କୋର୍ଟ କର୍ମଚାରୀ, ମ୍ୟାଜିଷ୍ଟ୍ରେଟ, ଓକିଲ ଓ ମହକିଲ ମାନେ ଭୟରେ ଏଣେ ତେଣେ ଦଉଡ଼ି ଥିଲେ । ଖବର ପାଇ ପୁରୀ ଟାଉନ୍ ଥାନା ପୋଲିସ, ବୋମା ନିଷ୍କ୍ରିୟ ଦଳ ଘଟଣା ସ୍ଥଳରେ ପହଞ୍ଚି ଛାନ ବିନ ଆରମ୍ଭ କରି ଥିଲା | ଏହା ପୂର୍ବରୁ କୋର୍ଟ ପରିସରକୁ ଖାଲି କରା ଯାଇ ଥିଲା | କୋର୍ଟ ମଧ୍ୟରେ କୋର୍ଟ କର୍ମଚାରୀ, ମାଜିଷ୍ଟ୍ରେଟ ଏବ୍ ଓକିଲଙ୍କ ମଧ୍ୟରେ ଭୟର ବାର୍ତ୍ତାବରଣ ଦେଖିବାକୁ ମିଳି ଥିଲା |ଘଟଣାକୁ ନେଇ ପୁରୀ କୋର୍ଟ ପରିସରକୁ ସାନିଟାଇଜ କରାଯିବା ସହ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ଘଟଣା ସ୍ଥଳରେ ପୁରୀ ଏସପି ପ୍ରତୀକ ସିଂ ପହଞ୍ଚି ଥିଲେ । ପ୍ରଥମେ କୋର୍ଟ ପରିସରକୁ ଖାଲି କରି ଯାଞ୍ଚ ପରେ ମେଲ ଆଇଡିକୁ ଯାଞ୍ଚ କରାଯିବ ବୋଲି କହି ଥିଲେ ପୁରୀ ଏସପି । ସେପଟେ କେହି ଭୟଭୀତ ନ ହେବାକୁ ଏସପି କହିଛନ୍ତି ।

## ୧୯ ମାଓବାଦୀଙ୍କ...

ପକ୍ଷରୁ ଡିଏସପି ସୁରେଶ କୁମାର ବଳ ପ୍ରଥମେ ଜଙ୍ଗଲ ଭିତରେ ମାଓବାଦୀଙ୍କ ସହ ଆଲୋଚନା କରିଥିଲେ । ତାଙ୍କ ବିଭିନ୍ନ ସର୍ତ୍ତ ପୂରଣ ପାଇଁ ତାଲିକା ପ୍ରସ୍ତୁତ କରିଥିଲେ । ପ୍ରତ୍ୟେକ ମାଓବାଦୀ ମାନଙ୍କ ନାମ ଠିକଣା କେତେ ବର୍ଷରୁ ଏହି କାର୍ଯ୍ୟରେ ଲିପ୍ତ ଅଛନ୍ତି, ଆପଣଙ୍କ ଦ୍ୱାରା କେଉଁ କେଉଁ ସ୍ଥାନରେ କିଭଳି କାର୍ଯ୍ୟ କରିଛନ୍ତ, ଏପରି ଏନେକ କଥା ଆଲୋଚନା ପରେ ବାରମ୍ବାର ଏସପି ସ୍ୱାତୀ କୁମାର ଏବଂ ପୋଲିସ ଡିଜିଙ୍କ ସହ ଆଲୋଚନା କରିବା ପରେ ରାଜି ହୋଇ ରାୟଗଡା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । କିନ୍ତୁ ପୋଲିସ ବର୍ତ୍ତମାନ ପର୍ଯ୍ୟନ୍ତ ଗଣମାଧ୍ୟମକୁ କୌଣସି ସୂଚନା ଦେଇନାହିଁ । ଦୀର୍ଘ ବର୍ଷ ପରେ ଏହା ହେଉଛି ମାଓବାଦୀମାନଙ୍କ ବଡ଼ ଆତ୍ମସମର୍ପଣ ଅଟେ ।

ହିଂସାର ପଥ ତ୍ୟାଗ କରି ସମାଜରେ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଇଚ୍ଛୁକ ମାଓବାଦୀମାନଙ୍କ ପାଇଁ ରାଜ୍ୟ ସରକାର ପୁନର୍ବାସ ଓ ଥଇଥାନ ନୀତି ଲାଗୁ କରିଛନ୍ତି । ଏହି ନୀତି ଅନୁସାରେ ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ସରକାରୀ ସୁବିଧା, ସୁରକ୍ଷା ଏବଂ ସମ୍ମାନଜନକ ଭବିଷ୍ୟତର ସୁଯୋଗ ମିଳୁଛି । ତେଣୁ ହିଂସାର ରାସ୍ତା ପରିତ୍ୟାଗ କରି ସମାଜର ମୁଖ୍ୟ ଧାରାରେ ସାମିଲ ହେବାକୁ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ଆହ୍ୱାନ ଦେଇଛନ୍ତି । ଶୁକ୍ରବାର ଭୁବନେଶ୍ୱର କ୍ୟାମ୍ପ ଅଫିସ୍‌ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡିଜିପି ମାଓବାଦୀଙ୍କ କାର୍ଯ୍ୟକଳାପ ଓ ଆତ୍ମସମର୍ପଣ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି ।

ରାୟଗଡା ଜିଲ୍ଲାରେ ବଂଶଧାରା-ଘୁମୁସର- ନାଗାବଳୀ (ବିଜିଏନ୍) ଡିଭିଜନର ମୋଟ ୧୫ଜଣ ମାଓ କ୍ୟାଡର ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ଠାରୁ ୧୪ଟି ଅତ୍ୟାଧୁନିକ ବନ୍ଧୁକ ଜବତ କରାଯାଇଛି । ଦୁଇଟି ଏକେ-୪୭, ଏସ୍ଏଲ୍ଆର୍ ୫ଟି, ଷ୍ଟେନ୍‌ଗନ ଗୋଟିଏ, ନିସାସ୍ ଗୋଟିଏ, ୩୦୩ ରାଇଫଲ ଗୋଟିଏ ଏବଂ ସିଙ୍ଗିଲ୍ ସଟ୍ ଗନ୍ ୪ଟି ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ, ନିଖିଳ ଓରଫ ନିରଞ୍ଜନ ରାଉତ ଦୁଇ ଦଶନ୍ଧିରୁ ଅଧିକ ଦିନ ଧରି ରାୟଗଡା-ଗଜପତି-କନ୍ଧମାଳ ଜିଲ୍ଲାରେ ସକ୍ରିୟ ଥିଲା ।

ସେହିପରି କନ୍ଧମାଳ ଜିଲ୍ଲା ପୋଲିସରେ କଳାହାଣ୍ଡି- କନ୍ଧମାଳ- ବୌଦ୍ଧ- ନୟାଗଡ (କେକେବିଏନ୍) ଡିଭିଜନର ପାର୍ଟି ମେମ୍ବର ପଦରେ ଅବସ୍ଥାପିତ ଥିବା ୪ଜଣ ମାଓ କ୍ୟାଡର ହିଂସାର ପଥ ଛାଡି ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ ସମୟରେ ସେମାନେ ଅସ୍ତ୍ର, ଗୋଳାବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ନିକଟରେ ଜିମା ଦେଇଛନ୍ତି । ଆତ୍ମସମର୍ପଣ କରିଥିବା କେକେବିଏନ୍ ପାର୍ଟି ମେମ୍ବରମାନେ ହେଲେ ଗଙ୍ଗା କୁଞ୍ଜାମି ଓରଫ ଜିତେନ, ମୁଚାକି ମାସେ ଓରଫ ସୁମିତ୍ରା, ଚୋମାଲି କୁଞ୍ଜମ୍ ଓରଫ ଶାନ୍ତିଲା ଓ ବନ୍ଦୀ ମାଡ୍‌ବୀ ଓରଫ ମାଳତୀ । ସେମାନଙ୍କ ନିକଟରୁ ଗୋଟିଏ ଏସ୍ଏଲ୍ଆର୍, ୧୨ ବୋରଗନ୍ ଗୋଟିଏ ଓ ୩୦୩ ରାଇଫଲ ଦୁଇଟି ସମେତ ବିପୁଳ ପରିମାଣର ଗୁଳିଗୋଳା ଜବତ କରାଯାଇଛି । ସେମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ମାମଲା ଥିଲା । ମାଓବାଦୀ ମୁକ୍ତ ଓଡ଼ିଶା ଗଠନ କରିବା ଦିଗରେ ଓଡ଼ିଶା ପୋଲିସର ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଡିଜିପି ଖୁରାନିଆ ସାମ୍ବାଦିକମାନଙ୍କୁ କହିଛନ୍ତି ।

## ବିଦେଶୀ...

କରିଛନ୍ତି ସେମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ସାହାଯ୍ୟ କରାଯାଉ । ସେଟ୍‌ଲିନ୍ ଓ ଫେଗିନ୍‌ଙ୍କୁକହିଥିଲେ ଯେ ସେମାନେ କିଛି ଏସ୍ଏଚ୍‌ଜି ଗସ୍ତ କରିଛନ୍ତି ଓ ମହିଳାମାନଙ୍କର ବ୍ୟବସାୟୀକ ମଡେଲ ଦେଖିଛନ୍ତି । ଇ-ବାଣିଜ୍ୟ ମାଧ୍ୟମରେ ବୈଷୟିକ ସହାୟତାରେ ସେମାନଙ୍କୁ ସହାୟତା କରାଯାଉ । ଏଥିରେ ଉଲ୍ଲେଖ କରାଯାଇଥିଲା ଯେ ଜିଏପ୍‌ଟିଏନ୍‌ର ଅଧ୍ୟକ୍ଷ ଜଳବାୟୁ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବେ । ଶ୍ରୀ ଫେଗିନ୍ ଆର୍ଥିକ ସଶକ୍ତ ପାଇଁ ଯୁବକମାନଙ୍କୁ ବିଭିନ୍ନ ବୈଷୟିକ ମଡେଲରେ ସହଯୋଗ କରିବେ ।

## ସୋମବାର...

୧୨ଟାରେ ଆରମ୍ଭ ହେବା ମାତ୍ରେ ସେମାନେ ପୂର୍ବଭଳି ପରିସ୍ଥିତି ସୃଷ୍ଟି କରିଥିଲେ । ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ସହ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ । ତେବେ ଗୁରୁବାର ଠାରୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ କହିବାକୁ ସୁଯୋଗ ଦିଆଯାଉ ନଥିବା ପ୍ରତିବାଦରେ ହଟ୍ଟଗୋଳ ଜାରି ରଖିଛନ୍ତି । ତେବେ ବିରୋଧୀ ସଦସ୍ୟମାନେ ଏହି ଦାବିରେ ଅଟଳ ଅଛନ୍ତି । ବାଚସ୍ପତି କହିଛନ୍ତି ଯେ ସଂସଦରେ ବିତର୍କ ଓ ଆଲୋଚନା ମାଧ୍ୟମରେ କାର୍ଯ୍ୟ କରାଯାଏ, ସ୍ଲୋଗାନ ଦେବାକୁ ନୁହେଁ । ସଂସଦ କାର୍ଯ୍ୟରେ କ୍ରମାଗତ ବ୍ୟାଘାତ ସୃଷ୍ଟି କରିବା ଗୃହ ପ୍ରତି ଅସମ୍ମାନ । ଚଳିତ ଅଧିବେଶନରେ ବାଧା ହେତୁ ୧୯ଘଣ୍ଟା ୧୩ ମିନିଟ୍ ନଷ୍ଟ ହୋଇଛି । ଆଜି ଲୋକସଭାରେ ୨୦୨୬-୨୭ କେନ୍ଦ୍ର ବଜେଟ୍ ଉପରେ ଆଲୋଚନା ହେବାର ଥିଲା । ଅପରାହ୍ଣ ୩ଟା ୩୦ରେ ବେସରକାରୀ ବିଲ୍ ଅଣାଯିବାର ଥିଲା । ଏହାଛଡା ବିଭିନ୍ନ କଲ୍ୟାଣକାରୀ ବିଲ୍ ଆଗତ କରାଯିବାର ଥିଲା । ଅଧିକାଂଶ କେନ୍ଦ୍ରମନ୍ତ୍ରୀ ବିଭିନ୍ନ ରିପୋର୍ଟ ଉପସ୍ଥାପନ କରିଥାନ୍ତେ । ମାତ୍ର କୌଣସି କାର୍ଯ୍ୟ ହୋଇପାରିନାହି ।

## ଅଗ୍ନି-୩

ବିଶେଷଜ୍ଞମାନେ ବିଭିନ୍ନ ମତପ୍ରକାଶ କରିଛନ୍ତି । ଏହି କ୍ଷେପଣାସ୍ତ୍ରକୁ ଦିନ,ରାତି ଏବଂ ଯେକୌଣସି ସମୟରେ ଶତ୍ରୁପକ୍ଷ ଆଡ଼କୁ ନିକ୍ଷେପ କରାଯାଇ ପାରିବ । ୨୦୧୯ ମସିହାରେ ଏହି କ୍ଷେପଣାସ୍ତ୍ରକୁ ରାତ୍ରି ସମୟରେ ମଧ୍ୟ ସଫଳତାର ସହିତ ପରୀକ୍ଷଣ କରାଯାଇଥିଲା । କଠିନ ଇନ୍ଧନ ଯୋଗେ ୨ ପର୍ଯ୍ୟାୟ ବିଶିଷ୍ଟ ଇଞ୍ଜିନ୍ ଦ୍ୱାରା ଏହି କ୍ଷେପଣାସ୍ତ୍ର ଗତିମାନ ହୋଇଥାଏ । ହାଇଦ୍ରାବାଦ୍‌ର ବିଡ଼ିଏଲ୍ ସଂସ୍ଥା ଏବଂ ଡିଆରଡିଓ (ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥା)ର ମିଳିତ ସହଯୋଗରେ ନିର୍ମିତ ହୋଇଛି । ତେବେ ଗୋଟିଏ ଅଗ୍ନି କ୍ଷେପଣାସ୍ତ୍ର ନିର୍ମାଣ ପାଇଁ ୩୦ ରୁ ୩୫ କୋଟି ଟଙ୍କା ବ୍ୟୟ କରାଯାଇଥାଏ । ଏହି କ୍ଷେପଣାସ୍ତ୍ରକୁ ବାରମ୍ବାର ପରୀକ୍ଷା କରାଯିବା ପରେ ଭାରତୀୟ ସେନାକୁ ହସ୍ତାନ୍ତର କରାଯାଇଛି । ଏହା ଷ୍ଟ୍ରାଟେଜିକ ଫୋର୍ସେସ କମାଣ୍ଡ ଦ୍ୱାରା ପରିଚାଳିତ ହୋଇଥିବାବେଳେ ଆଜିର ପରୀକ୍ଷଣ ସମୟରେ ଡିଆର୍‌ଡିଓ ଏବଂ ପ୍ରତିରକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ । )

## ୫୦ରୁ...

ଇସଲାମାବାଦରେ ଥିବା ଡାକ୍ତରଖାନାଗୁଡିକୁ ପରିସ୍ଥିତିର ମୁକାବିଲା କରିବା ପାଇଁ କୁହାଯାଇଛି । ଆହତମାନଙ୍କୁ ହସ୍ପିଟାଲ ନିଆଯାଇଛି । ପ୍ରାୟ ୩ମାସ ପରେ ଆଉଥରେ ଇସଲାମାବାଦରେ ଏହି ଆତ୍ମଘାତୀ ବିସ୍ଫୋରଣ ଘଟିଛି । ୩ମାସ ପୂର୍ବରୁ ଇସଲାମାବାଦର ଏକ ଜିଲ୍ଲା ଓ ସେସନ କୋର୍ଟ ବାହାରେ ବିସ୍ଫୋରଣ ଘଟି ୧୨ଜଣଙ୍କର ମୃତ୍ୟୁ ହୋଇଥିଲା । ଯେତେବେଳେ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ପାକିସ୍ତାନ ଆସୁଛନ୍ତି, ସେତେବେଳେ ଏହି ବିସ୍ଫୋରଣ ଘଟିଛି । ଏହି ଭୟଙ୍କର ଆତ୍ମଘାତୀ ବିସ୍ଫୋରଣରେ ସିଆ ମୁସଲମାନଙ୍କ ବୈଠକ ହଲ୍କୁ ଟାର୍ଗେଟ କରାଯାଇଛି ବୋଲି ରିପୋର୍ଟରେ କୁହାଯାଇଛି । ଘଟଣାକୁ କଡା ଭଷାରେ ରାଷ୍ଟ୍ରପତି ଆସିଫ୍ ଅଲ୍ଲୀ ଜର୍ଦ୍ଦାରୀ ନିନ୍ଦା କରିଛନ୍ତି । ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ୍ ମଧ୍ୟ ଘଟଣା ସମ୍ପର୍କରେ ଶୋକପ୍ରକାଶ କରିବା ସହ ନିନ୍ଦା କରିଛନ୍ତି । ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ ବିସ୍ଫୋରଣର ମାତ୍ରାକୁ ତୀବ୍ରତାକୁ ଅନୁସନ୍ଧାନ କରାଯିବ । ପାକିସ୍ତାନର ସଂସଦୀୟ ବ୍ୟାପାର ମନ୍ତ୍ରୀ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି ।

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ ଇଲେକ୍‌ଟ୍ରିକାଲ ଇଞ୍ଜିନିୟର (ଟିଆରଏସ୍)/ଟାଟା, ଦ.ପୂ. ରେଳପଥ ନିମ୍ନ ବର୍ଣ୍ଣିତ କାର୍ଯ୍ୟପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଓପନ ଇ-ଟେଣ୍ଡର ନୋଟିସ୍ ନଂ. ଆରଏସ୍-ଟାଟା-୧୫-୨୦୨୫-୨୬, କାର୍ଯ୍ୟର ବିବରଣୀ : ଇଏଲ୍‌ଏସ୍/ ଟାଟାର ଡବ୍ଲୁଏଜି୨/ଡବ୍ଲୁଏଜି୯ର ବଗି ଫ୍ରେମର ପୁନଃସ୍ଥାପନ/ଓଭରହଲିଂ । ଟେଣ୍ଡର ମୂଲ୍ୟ : ଟ. ୧,୫୧,୦୪,୪୬୦.୦୦, ଇଏମଡି : ଟ. ୨,୨୫,୫୦୦.୦୦ । ଟେଣ୍ଡର ଫର୍ମ ମୂଲ୍ୟ : ଶୂନ୍ୟ । ଟେଣ୍ଡରର ବନ୍ଦ ତାରିଖ ଓ ସମୟ : ୨୬.୦୨.୨୦୨୬ ଅପରାହ୍ଣ ୧୫.୦୦ ଘଟିକା । ଟେଣ୍ଡରର ଖୋଲା ତାରିଖ : ୨୬.୦୨.୨୦୨୬ ଟିଆରଏସ୍/ଟାଟା ଠାରେ । ୱେବସାଇଟ http://www.ireps.gov.in ରେ ଟେଣ୍ଡରଦାତାମାନେ ଦେଖିପାରିବେ । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ସବିଶେଷ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ । ଯଦି ଟେଣ୍ଡର ଖୋଲା ତାରିଖ ବନ୍ଦ କିମ୍ବା ଛୁଟି ଦିନରେ ପଡ଼େ ତେବେ ଟେଣ୍ଡର ପରବର୍ତ୍ତୀ କାର୍ଯ୍ୟଦିବସର ନିର୍ଦ୍ଧାରିତ ସମୟରେ ଖୋଲାଯିବ । ଇ-ଟେଣ୍ଡର ବିପକ୍ଷରେ ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବନାହିଁ । (PR-1153)

## ଗରିବଙ୍କୁ...

ମଡେଲ୍ ଅନୁଯାୟୀ, ଘରୋଇ କିମ୍ବା ସରକାରୀ ସଂସ୍ଥାଗୁଡ଼ିକ ଆର୍ଥିକ ଅନଗ୍ରସର ଓ ନିମ୍ନ ଆୟକାରୀ ପରିବାରମାନଙ୍କ ପାଇଁ ଭଡ଼ା ଘର ନିର୍ମାଣ ଓ ପରିଚାଳନା କରିବେ । ଏହି ଦୁଇଟି ମଡେଲ୍ ମାଧ୍ୟମରେ ରାଜ୍ୟର ସହରଗୁଡ଼ିକରେ ଘର ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟ ରହିଛି ।

ଏହି ଯୋଜନା ଅଧୀନରେ ଭଡ଼ା ନିର୍ଦ୍ଧାରଣ ସ୍ଥାନୀୟ କର୍ତ୍ତୃପକ୍ଷ ଦ୍ୱାରା ପ୍ରାରମ୍ଭିକ ଭାବରେ କରାଯିବ । ପରବର୍ତ୍ତୀ ସମୟରେ ପ୍ରତି ଦୁଇ ବର୍ଷରେ ୮% ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି କରାଯାଇପାରିବ, ଯାହା ୫ ବର୍ଷ ମଧ୍ୟରେ ସର୍ବାଧିକ ୨୦% ରୁ ଅଧିକ ହେବ ନାହିଁ । ଏହି ବ୍ୟବସ୍ଥା ବଜାରରେ ଏକ ସ୍ୱଚ୍ଛ ନୀତି ନିର୍ଦ୍ଧାରଣ କରି ସୁଲଭତା ଓ ପାରଦର୍ଶିତା ବଜାୟ ରଖିବାରେ ସାହାଯ୍ୟ କରିବ । ଏହି ପଦକ୍ଷେପ ମାଧ୍ୟମରେ ଅବ୍ୟବହୃତ ସରକାରୀ ସମ୍ପତ୍ତିକୁ ଉପଯୋଗୀ କରି ସରକାର ଦୀର୍ଘକାଳୀନ ଭଡ଼ା ଆୟ ସୃଷ୍ଟି କରିପାରିବେ । ଏହା ସହ ସହରାଞ୍ଚଳରେ ବସ୍ତି ସମସ୍ୟା ହ୍ରାସ ପାଇବା ସହ ଶ୍ରମିକ ଓ ପ୍ରବାସୀଙ୍କ ଜୀବନଶୈଳୀରେ ସ୍ଥାୟିତ୍ୱ ଆସିବ । ଚିହ୍ନଟ ହୋଇଥିବା ଗୃହଗୁଡ଼ିକର ମରାମତି ଏବଂ ବାସୋପଯୋଗୀ କରିବା ପାଇଁ ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦିଷ୍ଟ ମାନଦଣ୍ଡ ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରାଯିବ ।

ଏହି ପଦକ୍ଷେପ ସମ୍ପର୍କରେ ଶ୍ରୀମତୀ ପାଢ଼ୀ କହିଛନ୍ତି, ସହରର ଅର୍ଥନୀତିକୁ ଚାଳାଇଥିବା ପ୍ରବାସୀ ଶ୍ରମିକ, ଅଣସଂଗଠିତ କ୍ଷେତ୍ରର କାର୍ଯ୍ୟରତ ଲୋକ ଏବଂ କାର୍ଯ୍ୟରତ ମହିଳାମାନଙ୍କ ପାଇଁ ସୁରକ୍ଷିତ ଓ ସୁଲଭ ଆବାସ ଯୋଗାଇବା ହେଉଛି ଓଡ଼ିଶା ସରକାରଙ୍କ ପ୍ରାଥମିକତା । ସରକାରୀ ଗୃହଗୁଡ଼ିକୁ ସୁଲଭ ଭଡ଼ା ଘରରେ ପରିଣତ କରିବା ମାଧ୍ୟମରେ ଆମେ ଏକାଧାରାରେ ସରକାରୀ ସମ୍ପତ୍ତିର ସଠିକ୍ ଉପଯୋଗ କରିବା ସହ ସହରାଞ୍ଚଳରେ ଆବାସ ସୁରକ୍ଷାକୁ ଶକ୍ତିଶାଳୀ କରିବା ଦିଗରେ ଏକ ନୂଆ ଉଦାହରଣ ସୃଷ୍ଟି କରୁଛୁ ।

## ଷଷ୍ଠଥର...

ଅଫ୍ ଦ ସିରିଜ ବିବେଚିତ କରାଯାଇଛି ।

ଆରଏସ୍ ଆମ୍ବ୍ରିସ ୩ ୱିକେଟ୍ ନେଇଥିବା ବେଳେ ଦୀପେସ ଓ କନିଷ୍କ ଚୌହାନ ଦୁଇଟି ଲେଖାଏଁ ୱିକେଟ୍ ସଫଳତା ପାଇଥିଲେ । ଆୟୁଷ ମହାତ୍ରେଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା ।

ଭାରତୀୟ ଦଳର ଏହି ବିଶାଳସ୍କୋରରେ ସବୁଠୁ ବଡ଼ ଯୋଗଦାନ ରହିଛି । ବାମହାତୀ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କର । ସେ ୧୭୫ ରନ୍ କରିଛନ୍ତି । ୮୦ଟି ବଲରୁ ୧୫ ଚୌକା ଓ ୧୫ ଛକା ସହାୟତାରେ ଏହି ସ୍କୋର କରିଥିଲେ । ୫୦ ଓଭରର କୌଣସି ଆଇସିସି ଫାଇନାଲରେ ଏହା ହେଉଛି ଭାରତୀୟ ବ୍ୟାଟରଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର । ସୂର୍ଯ୍ୟବଂଶୀ ମାତ୍ର ୫୫ ବଲରେ ଶତକ ପୂରଣ କରିଥିଲେ । ୧୯ ବର୍ଷରୁ କମ ବିଶ୍ୱକପ୍ ଫାଇନାଲରେ ଏହା ହେଉଛି ଦ୍ରୁତତମ ଶତକ । ୧୯ ବର୍ଷରୁ କମ ବିଶ୍ୱକପ ଫାଇନାଲରେ ସ୍କୋରର ବି ସୂର୍ଯ୍ୟବଂଶୀଙ୍କ ନାଁରେ ଲିପିବଦ୍ଧ ହୋଇଛି । ସେ ୮୦ ବଲରୁ ୧୭୫ ରନ୍ କରିଥିବା ବେଳେ ୨୦୧୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଉନ୍ମୁକ୍ତ ଚାନ୍ଦ ୩୦ଟି ବଲରୁ ୧୧୧ ରନ୍ କରିଥିଲେ । ୧୯୯୮ରେ ପାକିସ୍ତାନ ବିପକ୍ଷରେ ବ୍ରେଟ ୱିଲିୟମସ ୧୩୪ ବଲରୁ ୧୦୮ ରନ୍ କରିଥିଲେ ।

ସୂର୍ଯ୍ୟବଂଶୀ ୧୭୫ ରନ୍ କରିଥିବା ବେଳେ ଅଧିନାୟକ ଆୟୂଷ ମହାତ୍ରେ ୫୧ ବଲରୁ ୫୩ ରନ୍ କରିଥିଲେ । ବେଦାନ୍ତ ତ୍ରିବେଦୀ ୩୨ ରନ୍, ବିହାନ ମାଲହୋତ୍ରା ୩୦, ଅଭିଜ୍ଞାନ କୁଣ୍ଡୁ ୪୦, ଆରଏସ ଆମ୍ବ୍ରିସ ୧୮ ରନ୍ କରିଥିବା ବେଳେ କନିଷ୍କ ଚୌହାନ ୩୭ ରନ୍ କରି ଅପରାଜିତ ରହିଥିଲେ । ଖିଲାନ ପଟେଲ ଓ ହେନିଲ ପଟେଲ ଯଥାକ୍ରମେ ୩ ଓ ୫ ରନ୍ କରିଥିଲେ । ଭାରତକୁ ପ୍ରଥମ ଝଟକା ଚତୁର୍ଥ ଓଭର ଲାଗିଥିଲା । ଓପନର ଆରୋନ ଜର୍ଜ ମାତ୍ର ୯ ରନ୍ କରି ଆଉଟ୍ ହୋଇଥିଲେ । କିନ୍ତୁ ଭାରତକୁ କିଛି ଫରକ ପଡିନଥିଲା । ସୂର୍ଯ୍ୟବଂଶୀ ସୁରଜ ଧୂଆଁଧାର ବ୍ୟାଟିଂ କରି ୨୫.୩ ଓଭରରେ ଦଳୀୟ ସ୍କୋରକୁ ୨୫୧ ରନରେ ପହଞ୍ଚାଇଥିଲେ । ଇଂଲଣ୍ଡ ପକ୍ଷରୁ ଆଲେକ୍ସ ଗ୍ରୀନ୍ ଓ ମ୍ୟାନୀ ଲମସନଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା । ଜେମ୍ସ ମିଣ୍ଟୋଙ୍କୁ ୩ଟି ତଥା ଅଲବଟଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଛି ।

# ପ୍ରଶାନ୍ତ କିଶୋରଙ୍କୁ ଅଦାଲତି ଝଟ୍‌କା

ନୂଆଦିଲ୍ଲୀ, ୬ ।୨ : ଜନସ୍ୱରାଜ ପାର୍ଟିର ମୁଖ୍ୟ ପ୍ରଶାନ୍ତ କିଶୋରଙ୍କୁ ସୁପ୍ରିମ୍‌କୋର୍ଟରୁ ବଡ ଝଟ୍‌କା ଲାଗିଛି । ବିହାର ନିର୍ବାଚନକୁ ବାତିଲ କରିବା ପାଇଁ ସେ ଯେଉଁ ଆବେଦନ କରିଥିଲେ ତାହାକୁ ସୁପ୍ରିମ୍‌କୋର୍ଟ ଖାରଜ କରିଦେଇଛନ୍ତି । ଆବେଦନ ଉପରେ ଶୁଣାଣି କରିବାକୁ ମନା କରିବା ସହ ପାଟନା ହାଇକୋର୍ଟ ଯାଆନ୍ତୁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଜନସ୍ୱରାଜ ପାର୍ଟିକୁ ତାଗିତ କରି କହିଛନ୍ତି ଯେ ପରାଜିତ ପାର୍ଟି କହିବାନୁସାରେ କୋର୍ଟର ଉପଯୋଗ ହୋଇପାରିବ ନାହିଁ ।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ
University Grants Commission
(ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର)
(Ministry of Education, Govt. of India)

G20 2023 INDIA

ବିଜ୍ଞାପନ ନମ୍ବର ୪୫/୨୦୨୬

ନୂଆ ଦିଲ୍ଲୀର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ, ମାନ୍ୟବର ସୁପ୍ରିମକୋର୍ଟ / ଉଚ୍ଚ ନ୍ୟାୟାଳୟ / ଟ୍ରିବ୍ୟୁନାଲ / କମିଶନ / ଜିଲ୍ଲା କୋର୍ଟ ଏବଂ ଦେଶବ୍ୟାପୀ ଅନ୍ୟାନ୍ୟ ନ୍ୟାୟିକ ସଂସ୍ଥା ସମ୍ମୁଖରେ ୟୁଜିସିର ପ୍ରତିନିଧିତ୍ୱ କରିବା ପାଇଁ ସ୍ଥାୟୀ ପରାମର୍ଶଦାତା ଏବଂ ପ୍ୟାନେଲ ଆଡଭୋକେଟମାନଙ୍କ ତାଲିକାଭୁକ୍ତ କରିବା ପାଇଁ ଅନଲାଇନ୍ ଆବେଦନ ଆମନ୍ତ୍ରଣ କରୁଛନ୍ତି ।

ଯୋଗ୍ୟତା ମାନଦଣ୍ଡ, ଯୋଗ୍ୟତା, ଫି ଗଠନ ଏବଂ ଅନ୍ୟାନ୍ୟ ବିବରଣୀ ସମ୍ପର୍କିତ ସୂଚନା www.ugc.ac.in/tenders/jobs ରୁ ପାଇପାରିବେ । ଅନଲାଇନ୍ ଆବେଦନ ପୂରଣ କରିବାର ଶେଷ ତାରିଖ ହେଉଛି ୦୮.୦୩.୨୦୨୬ ।

cbc 21205/12/0014/2526 ସଚିବ, ୟୁଜିସି

GOVERNMENT OF ODISHA : OFFICE OF THE SUPERINTENDING ENGINEER
RURAL WORKS DIVISION, KORAPUT
25001/36/2526
Bid Identificaiton No : SERWKPT-ONLINE-10/2025-26
PHONE : OFF : (06852) : 251263
email : serwkoraput@yahoo.com
Letter No. 561 Dtd. 05.02.2026

1. Name of the work : Repair and Renovation of Building Works for the year 2025-26.
2. Total Numbers of Works : 06 Nos.
3. Approximate Estimate Cost : Rs. 2.54 to Rs. 8.47 Lakhs (Approximately)
4. Class of Contractor : "D" & "C" Class
5. Period of Completion : 1 Month
6. Detail Projects : As per Annexure attached

Other Details as follows :

| Procurement Officer | Bid Identification No | No. of Works | Availability of tender online bidding | | Date & Time Opening of Tender |
|---|---|---|---|---|---|
| | | | From | To | |
| Superintending Engineer, R.W. Division, Koraput | SERWKPT-ONLINE-10/2025-26 | 06 (Six) Nos | 10.02.2026 at 11.00 A.M. | 17.02.2026 upto 5.30 P.M. | 18.02.2026 at |

Further details can be seen from the website www.tendersodisha.gov.in/niegep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. : Any addendum or Corrigendum will be available in the Website only.

OIPR : 25001/25088/1/25-26/0036
Sd/- Executive Engineer,
Rural Works Division : Koraput

32001/24/2526

**ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼**
**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନୟାଗଡ଼ ଜିଲ୍ଲାର ନୟାଗଡ଼ କ୍ଷୁଦ୍ର ଜଳସେଚନ ଉପ ବିଭାଜନର ତିମିରର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିମନ୍ତେ ମୌଜା-ନଗମୁଣ୍ଡିଳିର ଆବଶ୍ୟକ ପଡୁଥିବା ନିମ୍ନଲିଖିତ ବେସରକାରୀ ଜମିଗୁଡ଼ିକୁ ଖାତା ରୟତଙ୍କ ଠାରୁ ସିଧା ସଳଖ କ୍ରୟ କରିବା ନିମନ୍ତେ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼ଙ୍କ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । କ୍ରୟ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଗୁଡ଼ିକର ମୂଲ୍ୟାଙ୍କନ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ ପୁନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଅନୁଯାୟୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ତା. ୩୧.୦୧.୨୦୨୩ ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାକକ୍ଷରେ ଜିଲ୍ଲା କ୍ଷତିପୂରଣ ଉପଦେଷ୍ଟା କମିଟିର ବୈଠକରେ ସ୍ଥିର କରାଯାଇଅଛି । ଏହି ବିଜ୍ଞପ୍ତି ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯଦି କାହାର ମାଲିକାନା ଉପରେ ଆପତ୍ତି ଥାଏ ତେବେ ଉକ୍ତ ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ଲିଖିତ ଠିକଣା ଜଣାଇବାକୁ ଅନୁରୋଧ ।

ଠିକଣା
(୧) ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼ ।
(୨) ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁଦ୍ର ଜଳସେଚନ ଉପ ବିଭାଜନ, ନୟାଗଡ଼ ।
ବେସରକାରୀ ଜମିର ସବିଶେଷ ବିବରଣୀ ନିମ୍ନରେ ପ୍ରକାଶିତ ହୋଇଅଛି ।
ମୌଜା - ନାଗମୁଣ୍ଡଳି, ଥାନା-ଶରଣକୁଳ, ତହସିଲ-ଓଡଗାଁ

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ଖାତା ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୩ | ୭୫୮/୧୦୭୦ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ଅର୍ଜୁନ ପରିଡା, ପି-ନାଜୁ ପରିଡା, ଅଶୋକ ପରିଡା, ସ୍ୱା-ନାଜୁ ପରିଡା, ଜାତି-ଚଷା, ଗ୍ରାମ-ନିଜଗାଁ |
| ୨ | ୬ | ୭୭୮ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ଅନନ୍ତ ସାହୁ, ପି-ବାସୁ ସାହୁ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୩ | ୨୧୧/୨୧୮ | ୮୦୬ | ସାରଦ ଦୋ ଫସଲି-୧ | ୦.୦୨ | ୦.୦୨ | ପ୍ରଭାକର ରାଉତ, ପି- ସନାତନ ରାଉତ, ଜତି-ଚଷା, ଗ୍ରାମ-ନିଜଗାଁ |
| ୪ | ୨୧୧/୨୩୩ | ୭୭୭ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଅଚ୍ୟୁତ ନନ୍ଦ ପରିଡା, କିଶୋର ଚନ୍ଦ୍ର ପରିଡା, ପ୍ରମୋଦ ପରିଡା, ପି- ଉଦୟନାଥ ପରିଡା, ଜାତି-ଖଣ୍ଡାୟତ, ଗ୍ରାମ-ନିଜଗାଁ |
| ୫ | ୧୪ | ୮୩୫ | ସାରଦ ଦୋ ଫସଲି-୨ | ୦.୦୧ | ୦.୦୧ | ଉଦୟନାଥ ପରିଡା, ପି-ପଶୁ ପରିଡା, ଜାତି-ଚଷା, ଗ୍ରାମ-ନିଜଗାଁ |
| ୬ | ୫୨ | ୭୮୦ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ଚୈତନ୍ୟ ରାଉତ, ପି-ମୂଳି ରାଉତ, ଜାତି-ଚଷା, ଗ୍ରାମ-ନିଜଗାଁ |
| ୭ | ୬୪ | ୭୬୦ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ଜଗନ୍ନାଥ ନାୟକ, ପି-ଅନନ୍ତ ନାୟକ, ଜାତି- ରଙ୍ଗଣୀ, ଗ୍ରାମ-ଆତବର |
| ୮ | ୭୧ | ୭୫୬ | ସାରଦ ଦୋ ଫସଲି-୧ | ୦.୦୩ | ୦.୦୩ | ତ୍ରିନାଥ ଭଞ୍ଜ, ବୈକୁଣ୍ଠ ନାଥ ଭଞ୍ଜ, ପି- ବୃନ୍ଦାବନ ଭଞ୍ଜ, ଜାତି-ଗୁଡିଆ, ଗ୍ରାମ-ନିଜଗାଁ |
| ୯ | ୨୧୧/୨୨୨ | ୮୨୮/୧୦୭୫ | ସାରଦ ଦୋ ଫସଲି-୧ | ୦.୦୬ | ୦.୦୬ | ଅଶୋକ କୁମାର ପ୍ରଧାନ, ସୋମନାଥ ପ୍ରଧାନ, ପି-ନକୁଳ ପ୍ରଧାନ, ଜତି-ଚଷା, ଗ୍ରାମ-ନିଜଗାଁ |
| ୧୦ | ୭୫ | ୮୨୯ | ସାରଦ ଦୋ ଫସଲି-୧ | ୦.୦୭ | ୦.୦୭ | ଦୁର୍ଯ୍ୟୋଧନ ସେନାପତି, ଯୁଗଳ ଚରଣ ସେନାପତି, ସନ୍ତୋଷ କୁମାର ସେନାପତି, ପି-ଉଦୟନାଥ ସେନାପତି, ଜାତି-ଚଷା, ଗ୍ରାମ-ନିଜଗାଁ |
| ୧୧ | ୮୦ | ୭୭୯ | ସାରଦ ଦୋ ଫସଲି-୧ | ୦.୧୧ | ୦.୧୧ | ଧନେଶ୍ୱର ପରିଡା, ପି-ଫକିର ସାମନ୍ତରାୟ, ଜାତି-ଚଷା, ଗ୍ରାମ-ନିଜଗାଁ |
| ୧୨ | ୮୭ | ୭୫୭ | ସାରଦ ଦୋ ଫସଲି-୧ | ୦.୨୮ | ୦.୨୮ | ନାଜୁ ପ୍ରଧାନ, ପି-କେଳା ପ୍ରଧାନ, ଜାତି-ଚଷା, ଗ୍ରାମ-ନିଜଗାଁ |
| ୧୩ | ୬୦ | ୮୩୦ | ସାରଦ ଦୋ ଫସଲି-୧ | ୦.୦୧ | ୦.୦୧ | ଜଗନ୍ନାଥ ପରିଡା, ପି- ରାମ ବଳିଆରସିଂ, ଜାତି-ଚଷା, ଗ୍ରାମ-ନିଜଗାଁ |
| ୧୪ | ଜ୧୨୫ | ୮୨୮ | ସାରଦ ଦୋ ଫସଲି-୧ | ୦.୦୮ | ୦.୦୮ | ବିଦ୍ୟାଧର ପ୍ରଧାନ, ସୁଦର୍ଶନ ପ୍ରଧାନ, ପି- ବୀର ପ୍ରଧାନ, ନରସିଂହ ପ୍ରଧାନ, ପି-ପାଣ୍ଡୁ ପ୍ରଧାନ, ଚାନ୍ଦ ପ୍ରଧାନ, ସ୍ୱା-ଲକ୍ଷ୍ମଣ ପ୍ରଧାନ, ଜାତି-ଚଷା, ଗ୍ରାମ-ନିଜଗାଁ ଜବର ଦଖଲ ଦୁର୍ଯ୍ୟୋଧନ ସେନାପତି, ଯୁଗଳ ଚରଣ ସେନାପତି, ପି-ଉଦୟନାଥ ସେନାପତି, ଜାତି-ଚଷା, ଗ୍ରାମ-ନିଜଗାଁ |
| ୧୫ | ୧୬୦ | ୭୫୯<br>୭୬୧ | ସାରଦ ଦୋ ଫସଲି-୧<br>ସାରଦ ଦୋ ଫସଲି-୧ | ୦.୦୯<br>୦.୦୪ | ୦.୦୯<br>୦.୦୪ | ରଘୁ ମହାରଣା, ପି-ସନେଇ ମହାରଣା, ସଦାଶିବ ମହାରଣା, ପି-ଲକ୍ଷ୍ମଣ ମହାରଣା, ଗଦାଧର ମାରଣା, ପି- ଜଳୁକ ମାରଣା, ଜାତି-ବଢ଼େଇ, ଗ୍ରାମ-ନିଜଗାଁ |
| ୧୬ | ୨୧୧/୨୧୦ | ୮୩୬ | ସାରଦ ଦୋ ଫସଲି-୨ | ୦.୦୮ | ୦.୦୮ | ପଞ୍ଚାନନ ନନ୍ଦ, ପି-ଶତ୍ରୁଘନ ନନ୍ଦ, ଜାତି- ଚଷା, ଗ୍ରାମ-ନିଜଗାଁ |
| ୧୭ | ୨୧୧/୧୯୪ | ୮୩୪ | ସାରଦ ଦୋ ଫସଲି-୧ | ୦.୦୪ | ୦.୦୪ | ପ୍ରଭାକର ରାଉତ, ଦିବାକର ରାଉତ, ପି- ସନାତନ ରାଉତ, ଜାତି- ଚଷା, ଗ୍ରାମ-ନିଜଗାଁ |
| ୧୮ | ୨୧୧/୩ | ୮୦୮ | ସାରଦ ଦୋ ଫସଲି-୧ | ୦.୧୯ | ୦.୧୯ | ମଦନ ମୋହନ ସେଠୀ, ପି-କୃଷ୍ଣ ଚନ୍ଦ୍ର ସେଠୀ, ଜାତି- ଧୋବା, ଗ୍ରାମ-ନିଜଗାଁ |
| ୧୯ | ୨୧୧/୪୩ | ୮୧୦ | ସାରଦ ଦୋ ଫସଲି-୧ | ୦.୨୫ | ୦.୨୫ | ଭୀମସେନ ପରିଡା, ପି-ସନ୍ନ୍ୟାସୀ ପରିଡା, ଜାତି- ଚଷା, ଗ୍ରାମ-ନିଜଗାଁ |

ସ୍ୱା/- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ନୟାଗଡ଼
OIPR : 32001/32260/3/25-26/0024

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ. ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଉତ୍କଳ ହସ୍ପିଟାଲରେ ୨୫ ବର୍ଷୀୟ ଯୁବକଙ୍କ ମଧ୍ୟ ଫୋରଆର୍ମ ସ୍ତରରେ

## ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଥିବା ହାତର ସଫଳ ପୁନଃସଂଯୋଗ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରରର ଜଣେ ୨୫ ବର୍ଷୀୟ ଯୁବକଙ୍କର ଗତ ୨୫ ଜାନୁଆରୀ, ଦିନ ୧୨ଟା ସମୟରେ ଘଟିଥିବା ଏକ ଭୟାବହ ଦୁର୍ଘଟଣାରେ ତାଙ୍କ ଡାହାଣ ହାତର ମଧ୍ୟ ଫୋରଆର୍ମ



ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିଲା। ତୁରନ୍ତ ତାଙ୍କୁ ସହରର ଏକ ପ୍ରତିଷ୍ଠିତ ସରକାରୀ ହସ୍ପିଟାଲକୁ ନିଆଯାଇଥିଲା । ପରେ ତାଙ୍କୁ ଉତ୍କଳ ହସ୍ପିଟାଲକୁ ରେଫର୍ କରାଯାଇଥିଲା । ୨୫ ଜାନୁଆରୀ ୨୦୨୬ ଦିନ ରୋଗୀଙ୍କୁ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଗୁରୁତର ଅବସ୍ଥାକୁ ଅନୁଭବ କରି, ଉତ୍କଳ ହସ୍ପିଟାଲର ପ୍ଲାଷ୍ଟିକ ଏବଂ କସ୍ମେଟିକ ବରିଷ୍ଠ ସର୍ଜନ ଡାକ୍ତର ଜି. ଅରବିନ୍ଦ ମହାପାତ୍ର ତାଙ୍କ ଦକ୍ଷ ସର୍ଜିକାଲ ଟିମ୍ ସହ ତୁରନ୍ତ ରୋଗୀଙ୍କୁ ହସ୍ପିଟାଲର ଆତ୍ୟକ୍ଷଆଧୁନିକ ବିଶ୍ୱସ୍ତରୀୟ ଅପରେସନ ଥିଏଟରକୁ ନେଇଯାଇଥିଲେ । ଏହି ଜଟିଳ ପୁନଃସଂଯୋଜନ ସର୍ଜରୀ ପ୍ରାୟ ୯ ଘଣ୍ଟା ଧରି ଚାଲିଥିଲା ଏବଂ ସଠିକତା ଏବଂ ସତର୍କତା ସହ ସର୍ଜରୀ ସମ୍ପନ୍ନ ହୋଇଥିଲା । ବର୍ତ୍ତମାନ ରୋଗୀଙ୍କ ଅବସ୍ଥା ସ୍ଥିର ରହିଛି, ସେ ଶୀଘ୍ର ସୁସ୍ଥ ହେଉଛନ୍ତି ଏବଂ ଶୀଘ୍ର ଡିସ୍ଚାର୍ଜ ହେବେ ବୋଲି ଆଶା କରାଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ପୁନର୍ନିର୍ମାଣ ଓ କସ୍ମେଟିକ ସର୍ଜରୀକୁ ଏକ ସମର୍ପିତ ବହୁବିଧ ବିଶେଷଜ୍ଞ ଟିମ୍ ସଫଳତାର ସହିତ ସମର୍ଥନ ଯୋଗାଇଥିଲେ, ସେମାନେ ହେଲେ ଡାକ୍ତର ଜି. ଅରବିନ୍ଦ ମହାପାତ୍ର ବରିଷ୍ଠ ପରାମର୍ଶଦାତା, ପ୍ଲାଷ୍ଟିକ ଏବଂ କସ୍ମେଟିକ ସର୍ଜନ ଡାକ୍ତର ଗୟାଧର ବେହେରା ବରିଷ୍ଠ ପରାମର୍ଶଦାତା, ଅର୍ଥୋପେଡିକ୍ସ ଏବଂ ଏଣ୍ଡୋସ୍ପାଇନ୍ ସର୍ଜନ ଡାକ୍ତର ହର୍ଷିତ ଦାରା ଅନେସ୍ଥେସିଓଲୋଜିଷ୍ଟ ସୁବାଶ ଚ. ସାହୁ ବରିଷ୍ଠ ପ୍ଲାଷ୍ଟିକ ସର୍ଜରୀ ଟେକ୍ନିସିଆନ୍ ସମୀର ଜେନା ପ୍ରମୁଖ । ଏହି ଅଭୂତପୂର୍ବ ସଫଳତା ପାଇଁ ଉତ୍କଳ ହସ୍ପିଟାଲର ଅଧ୍ୟକ୍ଷ ଡାକ୍ତର ଆଦିତ୍ୟ କୁମାର ସାମଲ (ଯୁକ୍ତରାଷ୍ଟ୍ର ଆମେରିକା), ମ୍ୟାନେଜିଂ ଡାଇରେକ୍ଟର, ଡ଼ ପ୍ରଜ୍ଞାନ ରଞ୍ଜନ ଘଡେଇ, ସିଇଓ, ବି.କେ. ସୁବୋଧ ସିଂହ, ମେଡିକାଲ ଡାଇରେକ୍ଟର, ଡାକ୍ତର ରଞ୍ଜନ କୁମାର ମହାପାତ୍ରଙ୍କ ସହ ହସ୍ପିଟାଲର ଉଚ୍ଚପରିଚାଳନା ସଦସ୍ୟମାନେ ଡାକ୍ତର ଜି. ଅରବିନ୍ଦ ମହାପାତ୍ର, ଡାକ୍ତର ଗୟାଧର ବେହେରା ଏବଂ ତାଙ୍କ ଟିମ୍‌କୁ ତାଙ୍କର ନିଷ୍ଠା, ଦକ୍ଷତା ଓ ଜୀବନ ରକ୍ଷା ପ୍ରତି ପ୍ରତିବଦ୍ଧତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

## ପୁରୀ ଜିଲ୍ଲା ଓ ଦୌରା ଜଜ କୋର୍ଟକୁ ବୋମା ଧମକ, ଯାଞ୍ଚ କରୁଛି ବମ୍ ସ୍କ୍ୱାର୍ଡ

ପୁରୀ, (ସବ୍ୟୁ) : ଶୁକ୍ରବାର ପୁରୀ ଜିଲ୍ଲା ଦୌରା ଜଜ କୋର୍ଟକୁ ବୋମା ବୋମାରେ ଉଡେଇବାକୁ ଧମକ ଦିଆ ଯାଇଛି। ଏକ ଅଜଣା ମେଲ୍ ଆଇଡିରୁ ପୁରୀ କୋର୍ଟକୁ ଏହି ଧମକ ଆସିଛି । ଯାହାକୁ ନେଇ କୋର୍ଟ ପରିସରରେ ଭୟର ଆତଙ୍କ ଖେଳି ଯାଇ ଥିଲା। ବୋମା ମାଡ ଧମକରେ କୋର୍ଟ କର୍ମଚାରୀ, ମ୍ୟାଜିଷ୍ଟ୍ରେଟ, ଓକିଲ ଓ ମହକିଲ ମାନେ ଭୟରେ ଏଣେ ତେଣେ ଦଉଡ଼ି ଥିଲେ। ଖବର ପାଇ ପୁରୀ ଟାଉନ୍ ଥାନା ପୋଲିସ, ବୋମା ନିଷ୍କ୍ରିୟ ଦଳ ଘଟଣା ସ୍ଥଳରେ ପହଞ୍ଚି ଛାନ ବିନ ଆରମ୍ଭ କରି ଥିଲା ।ଏହା ପୂର୍ବରୁ କୋର୍ଟ ପରିସରକୁ ଖାଲି କରା ଯାଇ ଥିଲା । କୋର୍ଟ ମଧ୍ୟରେ କୋର୍ଟ କର୍ମଚାରୀ, ମାଜିଷ୍ଟ୍ରେଟ ଏବଂ ଓକିଲଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳି ଥିଲା । ଘଟଣାକୁ ନେଇ ପୁରୀ କୋର୍ଟ ପରିସରକୁ ସାନିଟାଇଜ କରାଯିବା ସହ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଘଟଣା ସ୍ଥଳରେ ପୁରୀ ଏସପି ପ୍ରତୀକ ସିଂ ପହଞ୍ଚି ଥିଲେ। ପ୍ରଥମେ କୋର୍ଟ ପରିସରକୁ ଖାଲି କରି ଯାଞ୍ଚ ପରେ ମେଲ ଆଇଡିକୁ ଯାଞ୍ଚ କରାଯିବ ବୋଲି କହି ଥିଲେ ପୁରୀ ଏସପି। ସେପଟେ କେହି ଭୟଭୀତ ନ ହେବାକୁ ଏସପି କହିଛନ୍ତି ।

## ଓପିଜିସି ତରଫରୁ ତେଲେନପାଲି ଠାରେ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର (ସବ୍ୟୁ): ଓଡିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ଼ (ଓପିଜିସି ) ତରଫରୁ ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ତେଲେନପାଲି ସରପଞ୍ଚ ଆକାଶ ସାହୁ ସ୍ୱାସ୍ଥ୍ୟ ଶିବିର ଉଦଘାଟନ କରିଥିଲେ । ଏହି ଶିବିରରେ ଇବ ଥର୍ମାଲ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡାକ୍ତର ମାନସ ପାଣିଗ୍ରାହୀ, ଡାକ୍ତର ଅଙ୍କିତ କୁମାର ଆଚାର୍ଯ୍ୟ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ବୈକୁଣ୍ଠନାଥ କଶ୍ୟପ ଙ୍କ ସମେତ ସମ୍ବଲପୁର ରୁ ଆମନ୍ତ୍ରିତ ଭେଷଜ ବିଶେଷଜ୍ଞ ଡାକ୍ତର ବଳରାମ ଖମାରି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିର ସକାଳ ୧୦. ୩୦ଟା ରୁ ଆରମ୍ଭ ହୋଇ ଦିନ ୩ଟା ପର୍ଯ୍ୟନ୍ତ ଚାଲିଥିଲା । ତେଲେନପାଲି, ଛଡାରମା, ବନହରପାଲି, ଧୋବାଡ଼େରା, ପମ୍ପ




ହାଉସପଡା, ବିନିକା, ସାପାଲି ଏବଂ ଫଳସଓମୁଣ୍ଡା, ଇତ୍ୟାଦି ଗ୍ରାମର ୧୨୧ ରୋଗୀଙ୍କୁ ରକ୍ତହୀନତା, ଶାରୀରିକ ଦୁର୍ବଳତା, ମଧୁମେହ, ଆଣ୍ଠୁଗଣ୍ଠି ଯନ୍ତ୍ରଣା,ରକ୍ତଚାପ, ଗ୍ୟାସ୍ଟ୍ରିକ, ପେଟବ୍ୟଥା, ରୋଗର ପରୀକ୍ଷା କରାଯାଇ ଔଷଧ ଓ ଡାକ୍ତରୀ ଉପଦେଶ ପ୍ରଦାନ କରାଯାଇଥିଲା। ଓପିଜିସିର ସିଏସଆର ବିଭାଗ ଏବଂ ଇବ ଥର୍ମାଲ ଚିକିତ୍ସାଳୟର ମିଳିତ ଉଦ୍ୟମରେ ପରିଚାଳିତ ଏହି ଶିବିରରେ ଇବ ଥର୍ମାଲ ଚିକିତ୍ସାଳୟର ସୁଜାତା ନାୟକ, ସଂଯୁକ୍ତଓ ମହାନନ୍ଦ , ସନ୍ଧ୍ୟାରାଣୀ କିସାନ, ପ୍ରଭାତ ବାରିକ, ପ୍ରଭାତ ବିଶ୍ୱାଳ ,ଅଭିମନ୍ୟୁ ଭୋଇ, ଦୁବରାଜ କିସାନ, ପ୍ରଫୁଲ୍ଲ ପ୍ରଧାନ ଏବଂ କର୍ଣ୍ଣ ବାଗ ଇତ୍ୟାଦି ସ୍ୱାସ୍ଥ୍ୟ ଶିବିର ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

## ୬ଷ୍ଠ ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତ ସମାରୋହ

ଭୁବନେଶ୍ୱର (ସବ୍ୟୁ) : ଭୁବନେଶ୍ୱରର ଅଗ୍ରଣୀ ଶାସ୍ତ୍ରୀୟ ସଂଗୀତ ଅନୁଷ୍ଠାନ ହିନ୍ଦୁସ୍ଥାନୀ ସଂଗୀତ



ସଭା ଆନୁକୂଲ୍ୟରେ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ଦୁଇଦିନିଆ ୬ଷ୍ଠ ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତ ସମାରୋହ ଗୀତଗୋବିନ୍ଦ ସଦନରେ ଉଦଯାପିତ ହୋଇଛି । ଏହି ସମାରୋହରେ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ତଥା ଗାୟକ ଲକ୍ଷ୍ମୀକାନ୍ତ ପାଲିତ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ଶାସ୍ତ୍ରୀୟ ସଂଗୀତର ପ୍ରଚାର ପ୍ରସାର କ୍ଷେତ୍ରରେ ସଂଗୀତ ସଭାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଉପସଭାପତି ଡଃ ସର୍ବେଶ୍ୱର ଶତପଥି ଏବଂ ସଂପାଦକ ଡଃ ରଘୁନାଥ ସାହୁ ସଂଗୀତ ସଭା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହାପରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସଂଗୀତଜ୍ଞମାନେ ଶାସ୍ତ୍ରୀୟ ସଂଗୀତ ପରିବେଷଣ କରିଥିଲେ । ଜୟଦେବ ଭବନ ପ୍ରେକ୍ଷାଳୟର ସଂରକ୍ଷଣ ଅଧିକାରୀ ଦୀପ୍ତି ରଞ୍ଜନ ପରିଡାଙ୍କୁ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସୁଦୀପ୍ତା ମହାପାତ୍ର ।

## ଡିଏସ୍‌ପି ମଲ୍‌ଟିଆସେଟ୍ ଓମ୍‌ନି ଫଣ୍ଡ ଅଫ୍ ଫଣ୍ଡସ୍ ପ୍ରଚଳନ

ଭୁବନେଶ୍ୱର (ସବ୍ୟୁ): ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ବଜାର ଗତିବିଧି ଉପରେ ନଜର ରଖିବା, ସଠିକ୍ ସମୟରେ ଆସେଟ୍ ନିବେଶ କରିବା ସମ୍ପର୍କିତ ନିଷ୍ପତ୍ତି, ଅଥବା ସମସ୍ତ ଚକ୍ରରେ ବହୁବିଧ ପୁଞ୍ଜିନିବେଶ ପରିଚାଳନା କ୍ଷେତ୍ରରେ କଷ୍ଟକର ମନେକରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ପୁଞ୍ଜିନିବେଶ ସରଳୀକରଣ କରିବାକୁ ଲକ୍ଷ୍ୟ ରଖୁଥିବା ଏକ ଓପନ୍ ଏଣ୍ଡେଡ ଫଣ୍ଡ ଅଫ ଫଣ୍ଡ 'ଡିଏସ୍‌ପି ମଲ୍‌ଟି ଆସେଟ ଓମ୍‌ନି ଫଣ୍ଡ ଅଫ ଫଣ୍ଡସ୍' ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ନିୟୁ ଫଣ୍ଡ ଅଫର (ଏନ୍‌ଏଫଓ) ଫେବୃଆରୀ ୫, ୨୦୨୬ରେ ଉନ୍ମୁକ୍ତ ହେଉଛି ଏବଂ ଫେବୃଆରୀ ୧୯, ୨୦୨୬ରେ ବନ୍ଦ ହେବ। ଏହି ଫଣ୍ଡ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ଆଭ୍ୟନ୍ତରୀଣ ବଜାର ଗୋଇନ୍ଦା ନେଟୱର୍କ ଡିଏସ୍‌ପି ନେତ୍ରା ଦ୍ୱାରା ପରିଚାଳିତ ହେଉଛି। ଡିଏସ୍‌ପି ନେତ୍ରା ବଜାର ତଥ୍ୟ, ମୂଲ୍ୟାଙ୍କନ ଏବଂ ଦୀର୍ଘସୂତ୍ରୀ ଇତିହାସଗତ ଶୈଳୀକୁ ବ୍ୟବହାର କରି ସମସ୍ତ ଆସେଟ୍‌ବ ର୍ଗରେ ଆପଦ ଓ ଲାଭ ପରିମାଣ ସମ୍ପର୍କରେ ଆକଳନ କରୁଛି, ଯାହା ବଜାର ପରିସ୍ଥିତି ପରିବର୍ତ୍ତନ ହେବା ସମୟରେ ପାଣ୍ଠି ନିବେଶ ସମ୍ପର୍କିତ ନିଷ୍ପତ୍ତିକୁ ମାର୍ଗଦର୍ଶନ କରିବାରେ ସହାୟକ ହେଉଛି।

## କେୟାର ହସ୍ପିଟାଲ୍ସ ଭୁବନେଶ୍ୱରରେ କୃତ୍ରିମ ଏବଂ ଏଆଇ ଲଞ୍ଚ ଆୟୋଜନ

ଭୁବନେଶ୍ୱର (ସବ୍ୟୁ): କେୟାର ହସ୍ପିଟାଲ୍ସ ଭୁବନେଶ୍ୱରରେ କୃତ୍ରିମ ଏବଂ ଏଆଇ ଲଞ୍ଚ କରାଯାଇଛି।



ଯାହା ରୋବଟିକ୍ ଆଣ୍ଠୁ ପ୍ରତିସ୍ଥାପନ, ଅସ୍ତ୍ରୋପଚାର ସଫଳତାର ସହ ପାଳନ କରିବା ରୋଗୀଙ୍କ ପାଇଁ ଏକ ଐତିହାସିକ କାର୍ଯ୍ୟକ୍ରମ ଏବଂ କୃତ୍ରିମ ବୁଦ୍ଧିମତା ଚାଳିତ ଆଣ୍ଠୁ ଏବଂ ହିପ୍ ପ୍ରତିସ୍ଥାପନକୁ ଉନ୍ମୋଚନ କରାଯାଇଛି। ଯାହା ଓଡ଼ିଶାରେ ସଠିକ୍ ଜଏଣ୍ଟ ଚିକିତ୍ସାରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତିକୁ ଚିହ୍ନିତ କରୁଛି। ଏହି ସମାରୋହରେ ସୁସ୍ଥ ରୋଗୀଙ୍କୁ ସମ୍ମାନୀତ କରାଯାଇଥିଲା। କେୟାର ହସ୍ପିଟାଲ ଭୁବନେଶ୍ୱରର ଅର୍ଥୋପେଡିକ୍ ସର୍ଜନ, ମୁଖ୍ୟ ଅର୍ଥୋପେଡିକ୍, ମୁଖ୍ୟ ପରାମର୍ଶଦାତା-ରୋବଟିକ୍ ସର୍ଜରୀ ଏବ କ୍ରୀଡା ଆଘାତ ଡ. ସନ୍ଦୀପ ସିଂହ କହିଛନ୍ତି ଏଆଇ ନିର୍ଦ୍ଦେଶିକ ସନ୍ଧି ପ୍ରତିସ୍ଥାପନ ରୋଗୀ-ନିର୍ଦ୍ଦିଷ୍ଟ ପୂର୍ବ- ଅପରେଟିଭ୍ ଯୋଜନା, ସଠିତ ଇମ୍ପ୍ଲାଣ୍ଟ ଚୟନ, ହ୍ରାସିତ ଅସ୍ତ୍ରୋପଚାର ସମୟ, ସର୍ବନିମ୍ନ ନରମ-ଟିସୁ ଆଘାତ ଏବଂ ଦ୍ରୁତ ଆରୋଗ୍ୟକୁ ସକ୍ଷମ କରିଥାଏ। ଯାହା ଫଳରେ ରୋଗୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ। କାର୍ଯ୍ୟକ୍ରମରେ ସୁସ୍ଥ ରୋଗୀଙ୍କ ସହିତ ପାରସ୍ପରିକ କ୍ରିୟା ଏବଂ ଏଆଇ-ଆଧାରିତ ଶଲ୍ୟ ଚିକିତ୍ସା ଯୋଜନାର ପ୍ରଦର୍ଶନ ମଧ୍ୟ କରାଯାଇଥିଲା।

## ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିକୁ ଦାବିପତ୍ର ଦେଲା କଳିଙ୍ଗ ସେନା

ଭୁବନେଶ୍ୱର, (ସବ୍ୟୁ): ଷ୍ଟେଟ ଲେବଲ ବ୍ୟାଙ୍କର୍ସ କମିଟିକୁ ଏକ ବାର ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କଲା କଳିଙ୍ଗ ସେନା । ଓଡିଆ ଯୁବକମାନେ ସହଜ ଓ ସରଳ ଉପାୟରେ କିଭଳି ଋଣ ପାଇପାରିବେ ସେ ସମ୍ପର୍କରେ ଦାବିପତ୍ର ପ୍ରଦାନ କରିବା ସହ ବ୍ୟାଙ୍କମାନେ ଓଡିଶାରୁ ପାଞ୍ଚ ବର୍ଷରେ ୩୦ ଲକ୍ଷ କୋଟି ଟଙ୍କା ଜମା ସଂଗ୍ରହ କରିଛନ୍ତି ବୋଲି ସେନା ସୁପ୍ରିମୋ ହେମନ୍ତ ରଥ କହିଛନ୍ତି । ଦାବିପତ୍ରରେ ଦଳ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ, ଓଡିଶାରୁ ଜମା ଅନୁପାତରେ ବେକାର ଯୁବକ ଯୁବତୀଙ୍କୁ ଋଣ ଦିଆଯାଉନାହିଁ ।ପ୍ରତି ପଞ୍ଚାୟତର ୧୦୦ଜଣଙ୍କୁ ଋଣ ପ୍ରଦାନ, ବିନା ବନ୍ଧକ ଏବଂ ବିନା ଆଇଟିଆରରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ



ଯୋଗାଇବାକୁ , ଜମା ସଂଗ୍ରହ ଓ ଋଣ ଯୋଗାଣ ଉପରେ ପଞ୍ଚାୟତୱାରୀ ଶ୍ୱେତପତ୍ର ପ୍ରକାଶ କରିବା, ଓଡିଶା ଜମାକୁ ଅନ୍ୟ ରାଜ୍ୟରେ ନଖଟାଇବା, ଶିଳ୍ପ ନାମରେ ଟଙ୍କା ନେଇ ଶିଳ୍ପ ବନ୍ଦ କାରି ଚାଲି ଯାଇଥିବା ଶିଳ୍ପପତିଙ୍କ ନାମରେ ଏତଲା ଦେବା, କୃଷି ଋଣ ଅଧିକ ପରିମାଣରେ ପ୍ରଦାନ କରିବା, ସମସ୍ତ ଋଣ ପାଇଁ ଯୁବକ ଯୁବତୀମାନେ କିଭଳି ସହଜରେ ଓ ସରଳ ଭାବେ ଋଣ ପାଇବେ ବ୍ୟାଙ୍କ ସେଥିପାଇଁ ବ୍ୟବସ୍ଥା କରିବା ଏବଂ ଗତ ୫ବର୍ଷ ମଧ୍ୟରେ ରାଜ୍ୟର କେଉଁ ବ୍ୟାଙ୍କ କେଉଁ ଜିଲ୍ଲାର କେତେ ଯୁବକ ଯୁବତୀଙ୍କୁ ଋଣ ପ୍ରଦାନ କରିଛନ୍ତି ତାହା ଉପରେ ବ୍ୟାଙ୍କର୍ସ କମିଟ ଏକ ଶ୍ୱେତପତ୍ର ଜାରି କରିବା ଏଥି ସହିତ ଓଡିଶାରୁ ସଂଗ୍ରହ ପୁଞ୍ଜି କେଉଁ କେଉଁ ରାଜ୍ୟରେ ଖଟାଯାଉଛି ରାଜ୍ୟବାସୀଙ୍କୁ ତାହା ବ୍ୟାଙ୍କର୍ସ କମିଟ ଜଣାଇବା ସହିତ ସରକାରୀ ସ୍କିମ ମୁଦ୍ରା ଯୋଜନା ସମେତ ବିନା ବନ୍ଧକରେ ଋଣ ପ୍ରଦାନ କରିବାକୁ ଦାବିପତ୍ର ପ୍ରଦାନ କରରାଯାଇଥିଲା । ଏଥିରେ ଦଳ ପକ୍ଷରୁ ଉପ ସଭାପତି ସବ୍ୟସାଚି ମହାପାତ୍ର, ତୁଳସୀ ନାରାୟଣ ଦାସ, ଅବଦୁଲ କୟୁମ ଖାନ, ସାଧାରଣ ସମ୍ପାଦକ ବିଜୟ ରାଜ, ଅମୁଲ୍ୟ ନାୟକ, ସୁମନ୍ତ ସ୍ୱାଇଁ, ରାଧାମୋହନ ପଟ୍ଟନାୟକ, ଅଶୋକ ସାହୁ, ମଧୁସୁଦନ ସାହୁ ଏବଂ ନାରୀ ନେତ୍ରୀ ମୋନାଲିଶା ବିଶ୍ୱାଳ ପ୍ରମୁଖ ମାଷ୍ଟରକ୍ୟାଣ୍ଟିନ ସ୍ଥିତ ୟୁକୋ ବ୍ୟାଙ୍କରେ ଥିବା ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟରେ ବାର ଦଫା ଦାବି ପ୍ରଦାନ କରିଥିଲେ ।

## ଭାରତୀୟ ନୌସେନା ବ୍ୟାଚ୍‌ର ରୌପ୍ୟ ଜୟନ୍ତୀ ମହା ମିଳନ

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ନୌସେନା ବ୍ୟାଚ୍ (୦୧/୨୦୦୧) ର ରୌପ୍ୟ ଜୟନ୍ତୀ ମହା ମିଳନ ଗତ ମାସ ୩୦ ଏବଂ ୩୧ରେ ପୁରୀରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଦେଶର ବିଭିନ୍ନ ସ୍ଥାନରୁ ଉକ୍ତ ବ୍ୟାଚ୍ର ୪୫୦ ଜଣ ପୂର୍ବତନ ନୌସୈନିକ ଯୋଗଦେଇଥିଲେ । ଏହି ଅବସରରେ ଦେଶମାତୃକା ନିମନ୍ତେ ନିଜ ଜୀବନ ଯୌବନ ଅର୍ପଣ କରିଥିବା ନୌସୈନିକମାନେ ୨୫ ବର୍ଷର ବନ୍ଧୁତା, ସେବା ଏବଂ ଅଭିଜ୍ଞତାକୁ ପାଳନ କରିଥିଲେ ।

କାର୍ଯ୍ୟକ୍ରମର ପ୍ରଥମ ଦିନରେ ସମସ୍ତ ବ୍ୟାଚମେଟ୍ ମାନଙ୍କୁ ସ୍ୱାଗତ କରାଯିବା ସହିତ ଆଇଏନ୍‌ଏସ ଚିଲିକା (୨୦୦୧ ବ୍ୟାଚ୍)ର ପୂର୍ବତନ ପ୍ରଶିକ୍ଷକଙ୍କ ସହିତ ସମୟ ଅତିବାହିତ କରାଯାଇଥିଲା । ଏଥିସହିତ ଦେଶମାତୃକାର ସେବାରେ ସହିଦ ହୋଇଥିବା ଏବଂ ପ୍ରାଣତ୍ୟାଗ କରିଥିବା ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ସେମାନଙ୍କ ସ୍ମୃତି ଏବଂ ବଳିଦାନକୁ ସମ୍ମାନ ଜଣାଇ ବିଦାୟୀ ବ୍ୟାଚମେଟମାନଙ୍କୁ ପ୍ରଦାନ କରାଯାଇଥିଲା ଶ୍ରଦ୍ଧାଞ୍ଜଳି, ଏକ ଗଭୀର ଭାବପ୍ରବଣ ଅବସର ସୃଷ୍ଟି କରିଥିଲା । ଦ୍ୱିତୀୟ




ଦିନରେ, ବ୍ୟାଚମେଟ୍ ମାନେ ଆଇଏନ୍‌ଏସ ଚିଲିକା ପରିଦର୍ଶନ କରିଥିଲେ, ଯେଉଁଠାରେ ସେମାନେ ସେମାନଙ୍କର ପ୍ରାରମ୍ଭିକ ନୌସେନା ତାଲିମ ନେଇଥିଲେ । ଏହି ଗସ୍ତ ସେମାନଙ୍କ ସେବାର ପ୍ରାରମ୍ଭିକ ଦିନର ଉକ୍ତ ସ୍ମୃତିକୁ ଫେରାଇ ଆଣିଥିଲା । ଆଇଏନ୍‌ଏସ ଚିଲିକା ପକ୍ଷରୁ କମାଣ୍ଡିଂ ଅଫିସରଙ୍କ ସମେତ ସମ୍ପୂର୍ଣ୍ଣ ପରିବେଶ ସେମାନଙ୍କୁ ସ୍ୱାଗତ କରିଥିଲା । କାର୍ଯ୍ୟକ୍ରମକୁ ଓଡ଼ିଶାରୁ ୦୧/୨୦୦୧ ବ୍ୟାଚ୍ର ନୌସେନାର ପୂର୍ବତନ ସୈନିକମାନେ ପରିଚାଳନା କରିଥିଲେ । ସୁଜିତ ଗିରି, ସୁଶୀଲ କର, ତାରାକାନ୍ତ ବେହେରା, ପ୍ରକାଶ କୁମାର ସ୍ୱାଇଁ, ସୁଜିତ ମିଶ୍ର, ଦେବଦତ୍ତ ଦାସ, ବିଭୁ ଜେନା, ସୁକାନ୍ତ ବେହେରା, ଠାକୁର ଜେନା ଏବଂ ସୁଶୀଲ ପାତ୍ର ପ୍ରମୁଖ ଆୟୋଜକ ଥିଲେ ।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏଡିଏମଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର,(ସବ୍ୟୁ): ପୂର୍ବରୁ ଉପା ସରକାର ଗରିବଙ୍କୁ କର୍ମ ଦେବା ଉଦ୍ଦେଶ୍ୟରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପ୍ରଣୟନ କରିଥିଲେ ।



ଏହି ଯୋଜନାରେ ଶ୍ରମିକମାନେ ନିଜ ଅ*ଳରେ ବର୍ଷକୁ ୧୦୦ ଦିନର କାମ ନିଶ୍ଚିତ ଭାବରେ ପାଇବାର ପ୍ରାବଧାନ ରହିଥିଲା । ସରକାର ଯଦି ଶ୍ରମିକଙ୍କୁ କାମ ମାଗିବାର ୧୫ ଦିନ ଭିତରେ କାମ ଯୋଗାଇ ନଦେବେ ତେବେ ସେମାନଙ୍କୁ ଭତ୍ତା ପ୍ରଦାନ କରିବାକୁ ନିୟମ ରହିଥିଲା । ଏଥିରେ ଭାରତ ବର୍ଷର କୋଟି କୋଟି ପୁରୁଷ ଓ ମହିଳା ଶ୍ରମିକ ଉପକୃତ ହୋଇଆସୁଥିଲେ । କିନ୍ତୁ ବିଜେପି ସରକାର ଏହି ଯୋଜନାକୁ ପରିର୍ବନ କରି ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେଇ ଭିବି ଗ୍ରାମଜୀ ବିଲ ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ ଦେଇ ପୂର୍ବ ଯୋଜନାର ମୂଳ ଲକ୍ଷ୍ୟରୁ ଶ୍ରମିକମାନଙ୍କୁ ବ*ତ କରିଛନ୍ତି । କଂଗ୍ରେସ ଦଳ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ନାମକୁ ପୁନଶ୍ଚ ରଖାଯାଇ ଉକ୍ତ ଯୋଜନାକୁ ଅପରିବର୍ତ୍ତିତ ଦାବିରେ ସରକାରଙ୍କ ନିକଟରେ ବିକ୍ଷୋଭ, ପ୍ରତିବାଦ ସଭା ଓ ସ୍ମାରକପତ୍ର ପ୍ରଦାନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇଆସିଛି । ଏହି କ୍ରମରେ ଗୁରୁବାର ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ନେତାଗଣ ଭୁବନେଶ୍ୱର ଏଡିଏମଙ୍କ କାର୍ଯ୍ୟାଳୟରେ ଏଡିଏମଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ପୂର୍ବ ଯୋଜନାକୁ ପ୍ରଣୟନ କରିବାପାଇଁ ପଦକ୍ଷେପ ନେବାକୁ ଦାବି ଉପସ୍ଥାପନ କରିଥିଲେ । ପରେ ଏଡିଏମ ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସୁରେଶ କୁମାର ମହାପାତ୍ର ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ବେଦାନ୍ତ ଝାରସୁଗୁଡା ସହିତ ନିଜ ଭବିଷ୍ୟତକୁ ସୁରକ୍ଷିତ କରନ୍ତୁ

ଭୁବନେଶ୍ୱର, (ସବ୍ୟୁ): ଦ୍ରୁତ ଗତିରେ ବିକଶିତ ହେଉଥିବା ଶିଳ୍ପ ଦୃଶ୍ୟପଟରେ, ଯେଉଁ ସଂଗଠନଗୁଡ଼ିକ ନିରନ୍ତର ଭାବରେ ସେମାନଙ୍କ ଲୋକଙ୍କ ଉପରେ, ବିଶେଷକରି ସେମାନଙ୍କର ଯୁବ କର୍ମଚାରୀଙ୍କ ଉପରେ ନିବେଶ କରନ୍ତି, ସେମାନେ ହିଁ ସ୍ଥିର ଏବଂ ନବସୃଜନଶୀଳ ରହିବା ପାଇଁ ସର୍ବୋତମ ସ୍ଥିତିରେ ଅଛନ୍ତି। ବେଦାନ୍ତ ଝାରସୁଗୁଡାରେ, ଏକ ଯୁବ-କେନ୍ଦ୍ରିକ କାର୍ଯ୍ୟ ପରିବେଶ ନିର୍ମାଣ କେବଳ ଏକ ଜନସଂଖ୍ୟାଗତ ଜରୁରୀ ନୁହେଁ, ବରଂ ଭବିଷ୍ୟତର ନେତୃତ୍ୱ, ନବସୃଜନ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ଗଠନ କରୁଥିବା ଏକ ନିର୍ଣ୍ଣାୟକ ରଣନୀତି ମଧ୍ୟ ଅଟେ। ହାରାହାରି ୩୨ ବର୍ଷ ବୟସ ସହିତ, ବେଦାନ୍ତ ଝାରସୁଗୁଡା ଦଳ ଭାରତର ସବୁଠାରୁ ଯୁବ ଶିଳ୍ପ ଦଳ ମଧ୍ୟରୁ ଗୋଟିଏକୁ ପ୍ରତିନିଧିତ୍ୱ କରେ, ଯାହାକୁ ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଣ୍ଟ ପରିଚାଳନା କରିବାର ଦାୟିତ୍ୱ ଦିଆଯାଇଛି। ବେଦାନ୍ତ ଝାରସୁଗୁଡାର ଅଧିକାଂଶ କର୍ମଚାରୀ ୩୫ ବର୍ଷ ବୟସ ମଧ୍ୟରେ ଅଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ପ୍ରାରମ୍ଭିକ କ୍ୟାରିଅର ବୃତ୍ତିଗତ ଯେଉଁମାନେ ଖଣି, ଧାତୁ



ଏବଂ ଆଧୁନିକ ଉତ୍ପାଦନର ଜଟିଳ କିନ୍ତୁ ଆକର୍ଷଣୀୟ ଦୁନିଆରେ ଆରମ୍ଭ କରିଛନ୍ତି। ଏହି ଯୁବ ଶକ୍ତି ଶିଳ୍ପ ମଧ୍ୟରେ ବିବିଧତା ଏବଂ ଅନ୍ତର୍ଭୁକ୍ତି ବୃଦ୍ଧି ଉପରେ ବର୍ଦ୍ଧିତ ଧ୍ୟାନ ଦ୍ୱାରା ପରିପୂରକ। ବର୍ତ୍ତମାନ ୫୦୦ ରୁ ଅଧିକ ମହିଳା ଦୋକାନ କାର୍ଯ୍ୟଠାରୁ ଆରମ୍ଭ କରି ନେତୃତ୍ୱ ଭୂମିକା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟରେ ଯୋଗଦାନ ଦେଉଛନ୍ତି। ଶ୍ରୀଶକ୍ତି ଭଳି ପରିବର୍ତ୍ତନକାରୀ ପଦକ୍ଷେପ ଦ୍ୱାରା ଏହି ମାଇଲଖୁଂଟ ସମ୍ଭବ ହୋଇପାରିଛି, ଯାହା ରାତ୍ରି ସିଫ୍ଟ କାର୍ଯ୍ୟରେ ମହିଳାମାନଙ୍କୁ ନିୟୋଜିତ କରିବା ପାଇଁ ଏକ ଶିଳ୍ପ-ପ୍ରଥମ କାର୍ଯ୍ୟକ୍ରମ। ବେଦାନ୍ତ ଝାରସୁଗୁଡ଼ା ମଧ୍ୟ ଶିଳ୍ପରେ ପ୍ରଥମ ଯାହା ସମସ୍ତ ମହିଳା ପଟ୍ଲାଇନ୍ ଦଳ ଏବଂ ଏକ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଦଳକୁ ଏକତ୍ରିତ କରିଛି, ଯେଉଁଥିରେ ମୁଖ୍ୟତଃ ଯୁବ ମହିଳା ବୃତ୍ତିଗତମାନେ ସାମିଲ ଅଛନ୍ତି। ଏହି ପ୍ରୟାସଗୁଡ଼ିକ ଧୀରେ ଧୀରେ ପାରମ୍ପରିକ ଶିଳ୍ପ କାହାଣୀକୁ ପୁନଃଆକୃତି ଦେଉଛି ଏବଂ ନେତୃତ୍ୱ ବିବିଧତାକୁ ସୁଦୃଢ଼ କରୁଛି, ଯାହା କମ୍ପାନୀର ବିଶ୍ୱାସକୁ ପ୍ରତିଫଳିତ କରୁଛି ଯେ ଦୀର୍ଘକାଳୀନ ସ୍ଥାୟୀ ଅଭିବୃଦ୍ଧି ସଶକ୍ତ, କୁଶଳୀ ଏବଂ ପ୍ରେରଣାଦାୟକ ଯୁବ ବୃତ୍ତିଗତମାନଙ୍କ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ।

ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ରୁ ଆହୁରି କହିଛନ୍ତି, "ବେଦାନ୍ତ ଝାରସୁଗୁଡ଼ାରେ, ଆମେ ପ୍ରଥମ ଦିନରୁ ଅର୍ଥପୂର୍ଣ୍ଣ ଦାୟିତ୍ୱ ଦେଇ ଯୁବ ପ୍ରତିଭାଙ୍କ ଉପରେ ଗଭୀର ବିଶ୍ୱାସ ରଖୁଛୁ। ସଚେତନ ଭାବରେ ଭିତରେ ନେତୃତ୍ୱ ନିର୍ମାଣ କରି, ଆମେ ଏକ ଭବିଷ୍ୟତ ପାଇଁ ପ୍ରସ୍ତୁତ ସଂଗଠନ ଗଠନ କରୁଛୁ, ଯାହା ମାଲିକାନା ଦ୍ୱାରା ପରିଚାଳିତ, ଚପଳତା ଦ୍ୱାରା ପରିଚାଳିତ ଏବଂ ନବସୃଜନ ଦ୍ୱାରା ସ୍ଥାୟୀ ଅଟେ।" ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବର୍ଷ ବେଦାନ୍ତ ଝାରସୁଗୁଡାର ମହିଳା ବୃତ୍ତିଗତ ନିଯୁକ୍ତିର ୫୦% ରୁ ଅଧିକ କ୍ୟାମ୍ପସ୍ ନିଯୁକ୍ତି ମାଧ୍ୟମରେ ସକ୍ଷମ ହୋଇଛି, ଯାହା ପ୍ରତିଭା ଜୀବନଚକ୍ରର ପ୍ରାରମ୍ଭିକ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। ଶିକ୍ଷାଗତ ଜୀବନରୁ ଉଚ୍ଚ-କ୍ଷମ ଶିଳ୍ପ ପରିବେଶକୁ ପରିବର୍ତ୍ତନ ଚ୍ୟାଲେଞ୍ଜିଂ ହୋଇପାରେ ବୋଲି ସ୍ୱୀକାର କରି, ବେଦାନ୍ତ ଝାରସୁଗୁଡା ଏକ ବ୍ୟାପକ କ୍ୟାମ୍ପସ୍ ରୁ କର୍ପୋରେଟ୍ କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନ କରିଛି। ଏହି ପଦକ୍ଷେପ ନୂତନ ଯୋଗଦାନକାରୀଙ୍କୁ ଅତ୍ୟାବଶ୍ୟକ ବୃତ୍ତିଗତ କ୍ଷମତା, ସାଂଗଠନିକ ପରିପ୍ରେକ୍ଷୀ ଏବଂ ସାଂସ୍କୃତିକ ଭିତିଭୂମି ସହିତ ସଜ୍ଜିତ କରିଥାଏ, ଯାହା ପ୍ରଥମ ଦିନରୁ ଦ୍ରୁତ ଆତ୍ମସାତ, ଅଧିକ ଆତ୍ମବିଶ୍ୱାସ ଏବଂ ନିରନ୍ତର ସଫଳତାକୁ ସକ୍ଷମ କରିଥାଏ।

## ବିଶ୍ୱର ସର୍ବବୃହତ ପରମାଣୁ କେନ୍ଦ୍ର

# କାଶିୱାଜାକି-କାରିୱା ପ୍ଲାଣ୍ଟର ପୁନାଃରମ୍ଭ କରିବ ଜାପାନ

**ଟୋକିଓ;** ଜାପାନ ବିଶ୍ୱର ସର୍ବବୃହତ ପରମାଣୁ କେନ୍ଦ୍ର କାଶିୱାଜାକି-କାରିୱା ପ୍ଲାଣ୍ଟର ପୁନରାରମ୍ଭ କରିବାକୁ ଯାଉଛି ।୨୦୧୧ ଫୁକୁସିମା ବିପର୍ଯ୍ୟୟପରେ ଜାପାନ ଏହାର ସବୁଠୁ ବଡ଼ ପରମାଣୁ ଶକ୍ତି କେନ୍ଦ୍ର ଆରମ୍ଭ କରିବାକୁ ଯାଉଛି । ଜାପାନ ନିଜର ଶକ୍ତି ସୁରକ୍ଷା ବୃଦ୍ଧି ଏବଂ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନେଇଛି । ଟୋକିଓ ଇଲେକ୍ଟ୍ରିକ୍ ପାୱାର ଦ୍ୱାରା ପରିଚାଳିତ କାଶିୱାଜାକି-କାରିୱା ପ୍ଲାଣ୍ଟ ଫେବୃଆରି ୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ପ୍ଲାଣ୍ଟ ମୁଖ୍ୟ ଟାକେୟୁକି ଇନାଗାକି ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗତ ମାସରେ ନିଗାତା ପ୍ରଦେଶର ପ୍ଲାଣ୍ଟରେ ଏକ ରିଆକ୍ଟରକୁ ପୁନଃସ୍ଥାପନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ମାତ୍ର କିଛି ଘଣ୍ଟା ମଧ୍ୟରେ ଏହାକୁ ସ୍ଥଗିତ ରଖାଯାଇଥିଲା ।କାଶିୱାଜାକି-କାରିୱା ପାୱାର ପ୍ଲାଣ୍ଟ ଜାପାନର ରାଜଧାନୀ ଟୋକିଓରୁ ପ୍ରାୟ ୨୨୦ କିଲୋମିଟର ଉତ୍ତର-ପଶ୍ଚିମରେ ଅବସ୍ଥିତ। ୨୦୧୧ ଭୂମିକମ୍ପ ଏବଂ ସୁନାମି ଜାପାନର ଫୁକୁସିମା ଡାଇଚି ପାୱାର ପ୍ଲାଣ୍ଟକୁ କ୍ଷତିଗ୍ରସ୍ତ କରିଥିଲା, ଯାହା ଚେର୍ନୋବିଲ୍ ପରେ ବିଶ୍ୱର ସବୁଠାରୁ ଖରାପ ପରମାଣୁ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଫୁକୁସିମା ଦୁର୍ଘଟଣା ପରେ ଜାପାନର ୫୪ଟି ରିଆକ୍ଟର ବନ୍ଦ ହୋଇଯାଇଥିଲା, କାଶିୱାଜାକି-କାରିୱା ଶକ୍ତି କେନ୍ଦ୍ର ସେମାନଙ୍କ ମଧ୍ୟରୁ ଗୋଟିଏ ଥିଲା ।



# ଭାରତ କିଣିବ ଆଉ ୧୧୪ଟି ରାଫେଲ୍ ବିମାନ




**ନୂଆଦିଲ୍ଲୀ:** ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ ଫେବୃଆରୀ ତୃତୀୟ ସପ୍ତାହରେ ଭାରତ ଗସ୍ତରେ ଆସୁଛନ୍ତି। ସେ ଫେବୃଆରୀ ୧୮ ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ଏଆଇ ସମ୍ମିଳନୀରେ ଯୋଗଦେବେ ବୋଲି ଆଶା କରାଯାଉଛି। ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କ ଏହି ଗସ୍ତ ଭାରତୀୟ ପ୍ରତିରକ୍ଷା କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। କାରଣ ଭାରତ ଓ ଫ୍ରାନ୍ସ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନାରେ ରାଫେଲ ଜେଟ୍ କ୍ରୟ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ। ଏହି ଚୁକ୍ତିରେ ଭାରତୀୟ ବାୟୁସେନା ପାଇଁ ୧୧୪ଟି ରାଫେଲ ଲଢୁଆ ବିମାନ କିଣିବା ପାଇଁ ଡିଲ୍ ହୋଇପାରେ। ସୂଚନା ଅନୁଯାୟୀ, ଭାରତର ପ୍ରତିରକ୍ଷା ଅଧିଗ୍ରହଣ ବୋର୍ଡ ଗତ ମାସରେ ଏହି ପ୍ରସ୍ତାବକୁ ପ୍ରାଥମିକ ଅନୁମୋଦନ ଦେଇଥିଲା ଏବଂ ଆସନ୍ତା ସପ୍ତାହରେ ଭାରତର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଏହା ଉପରେ ଆଲୋଚନା ହେବା ନେଇ ଆଶା କରାଯାଉଛି। ଭାରତୀୟ ବାୟୁସେନାର ବର୍ତ୍ତମାନର ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଚୁକ୍ତିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତ ଭାବୁଛି। ଭାରତୀୟ ବାୟୁସେନା ୮୮ଟି ସିଙ୍ଗଲ-ସିଟର ଓ ୨୬ଟି ଟୁଇନ୍-ସିଟର ଏୟାରକ୍ରାଫ୍ଟ କିଣିବ। ଅଧିକାଂଶ ଫ୍ରାନ୍ସ ନିର୍ମାତା ଡି ସାଲ୍ଟ ଓ ଭାରତୀୟ ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ଭାରତରେ ନିର୍ମାଣ ହେବ, ଚୁକ୍ତି ପୂରା ହେବା ପରେ, ଭାରତୀୟ ବାୟୁସେନା ପାଖରେ ରାଫେଲ ବିମାନ ସଂଖ୍ୟା ପ୍ରାୟ ୧୫୦କୁ ବୃଦ୍ଧି ପାଇବ ।ଏଠାରେ କହିରଖୁଛୁ କି, ରାଫେଲ ଲଢୁଆ ବିମାନ ଭାରତୀୟ ବାୟୁସେନା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେବାରେ ଏହି ଲଢୁଆ ବିମାନ ମୁଖ୍ୟ ଭୂମୀକା ଗ୍ରହଣ କରିଥିଲା। ରାଫେଲ ଏକ ୪.୫-ପିଢ଼ିର ଲଢୁଆ ବିମାନ, ଯାହାକୁ ପାକିସ୍ତାନର ଜେଏଫ୍-୧୭ଠୁ ଅଧିକ ଉନ୍ନତ ବୋଲି ଜଣାଯାଏ। ଏହା ବ୍ୟତୀତ, ଭାରତୀୟ ବାୟୁସେନା ପାଖରେ ବର୍ତ୍ତମାନ ୩୬ଟି ରାଫେଲ ଯୁଦ୍ଧ ବିମାନ ଅଛି, ଫ୍ରାନ୍ସ ସହ ଚୁକ୍ତି ସ୍ୱାକ୍ଷର ପରେ ଏହି ସଂଖ୍ୟା ଅଧିକ ବଢ଼ିବା ନେଇ ଆଶା କରାଯାଉଛି।

## ତାମିଲନାଡୁରେ ବାର୍ଡ଼ଫ୍ଲୁ ଆତଙ୍କ





**ଚେନ୍ନାଇ:** ଚେନ୍ନାଇ ସମେତ ତାମିଲନାଡୁରେ ଶହ ଶହ କାଉଙ୍କ ମୃତ୍ୟୁ ପରେ ରାଜ୍ୟରେ ବାର୍ଡ଼ଫ୍ଲୁ ନେଇ ଆତଙ୍କ ଦେଖାଯାଇଛି। ପରୀକ୍ଷାରୁ ମୃତ କାଉଙ୍କଠାରେ ଏଚ୍୫ଏନ୍୧ ଭୂତାଣୁ ଠାବ ହୋଇଛି। ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ବାର୍ଡ଼ଫ୍ଲୁ ପ୍ରକୋପ ନିୟନ୍ତ୍ରଣ କରିବା ପାଇଁ ଶୀଘ୍ର ପଦକ୍ଷେପ ନେଉଥିବାବେଳେ ଜନସାଧାରଣଙ୍କ ପାଇଁ ପରାମର୍ଶ ଜାରି କରାଯାଇଛି। ଅଧିକ ସଂକ୍ରମଣ ରୋକିବା ପାଇଁ ଜୈବ ସୁରକ୍ଷା ପ୍ରୋଟୋକଲ ଅନୁଯାୟୀ ସମସ୍ତ କାଉ ଏବଂ କୁକୁଡ଼ାଙ୍କ ମୃତଦେହକୁ ଜାଳି ଦେବାକୁ କିମ୍ବା ଗଭୀର ଗାତ କରି ପୋତିବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ତାମିଲନାଡୁ ସରକାରଙ୍କୁ ବନ୍ୟ ପକ୍ଷୀ, ଗୃହପାଳିତ କୁକୁଡ଼ା ଏବଂ ମଣିଷଙ୍କ ମଧ୍ୟରେ ଏହା ଯେପରି ନ ବ୍ୟାପେ ଏହାକୁ ରୋକିବା ପାଇଁ ନିରୀକ୍ଷଣ, ଜୈବ ସୁରକ୍ଷା ଏବଂ ରୋଗ ନିୟନ୍ତ୍ରଣ ପଦକ୍ଷେପକୁ ତୀବ୍ର କରିବାକୁ କହିଛନ୍ତି। ଆଦ୍ୟାର୍, ଭେଲାଚେରୀ, ତିରୁବନମିୟୁର ଏବଂ ପୁରୁଣା ମହାବଳୀପୁରମ ରୋଡ୍ ପରି ଅଞ୍ଚଳରୁ କାଉ ମୃତ୍ୟୁ ରିପୋର୍ଟ ଆସିବା ପରେ ଜାନୁଆରି ଶେଷ ଭାଗରେ ପଶୁ ସ୍ୱାସ୍ଥ୍ୟ ଦଳଗୁଡ଼ିକ ତଦନ୍ତ ଆରମ୍ଭ କରିଥିଲେ। ସଂଗୃହୀତ ନମୁନାଗୁଡ଼ିକୁ ଭୋପାଳର ଆଇସିଏଆର-ଏନ୍ଆଇଏଚ୍ଏସ୍ଏଡିକୁ ପଠାଯାଇଥିଲା, ଯେଉଁଠାରେ ପରୀକ୍ଷାରୁ ମୃତ ପକ୍ଷୀମାନଙ୍କଠାରେ ଏଚ୍୫ଏନ୍୧ ପକ୍ଷୀ ଇନଫ୍ଲୁଏଞ୍ଜା ଚିହ୍ନଟ ହୋଇଥିଲା।

## ▶▶ ପରୀକ୍ଷା ପେ ଚର୍ଚ୍ଚା ୨୦୨୬

# ଦକ୍ଷତା ଓ ଚାପମୁକ୍ତ-ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର 'ପରୀକ୍ଷା ପେ ଚର୍ଚ୍ଚା'ର ୯ମ ସଂସ୍କରଣରେ ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ବିକାଶ, ଦକ୍ଷତା ବୃଦ୍ଧି, ଚାପମୁକ୍ତ ଶିକ୍ଷା ଗ୍ରହଣ, ବୈଷୟିକ ଜ୍ଞାନର ଉପଯୋଗ ତଥା ରାଷ୍ଟ୍ରଗଠନ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ପରୀକ୍ଷାକୁ ନେଇ ରହିଥିବା ଚାପ ଓ ଭୟ ଉପରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ।

ବୋର୍ଡ଼ ପାରୀକ୍ଷା ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ଆଜି ଦେଶର ୪.୫୦ କୋଟିରୁ ଅଧିକ ଛାତ୍ରଛାତ୍ରୀ, ଅଭିଭାବକ ତଥା ଶିକ୍ଷକଶିକ୍ଷୟିତ୍ରୀଙ୍କ ସହିତ ପରୀକ୍ଷା ପେ ଚର୍ଚ୍ଚା ୨୦୨୬ରେ ଅଂଶଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସହିତ ଏହି ବାର୍ଷିକ କାର୍ଯ୍ୟକ୍ରମ ଶୁକ୍ରବାର ସକାଳ ୧୦.୧୫ରେ ଆରମ୍ଭ ହୋଇଥିଲା। ପରୀକ୍ଷାର୍ଥୀଙ୍କ ମନୋବଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଗୁଜରାଟର ଦେବମୋଗ୍ରା, ତାମିଲନାଡୁର କୋଏମ୍ବାଟୁର, ଛତିଶଗଡ଼ର ରାୟପୁର, ଆସାମର ଗୌହାଟୀ ଛାତ୍ରଛାତ୍ରୀଙ୍କୁ ନେଇ ଦିଲ୍ଲୀର ୭, ଲୋକ କଲ୍ୟାଣ ମାର୍ଗସ୍ଥିତ ପ୍ରଧାନମନ୍ତ୍ରୀଙ୍କ ସରକାରୀ



ବାସଭବନରେ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମକୁ ଟିଭି ଓ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଦେଖିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଶିକ୍ଷାଗତ ସଫଳତାରେ ଅନ୍ତର୍ନିହିତ ବିକାଶ ଏବଂ ଆତ୍ମ-ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ, ତୁମେମାନେ ପ୍ରଥମେ ନିଜ ମନକୁ ବିକଶିତ କର ଓ ଏହାକୁ ତୁମର ଅନ୍ତର୍ନିହିତ ସ୍ୱଭାବ ସହିତ ସଂଯୋଗ କର। ତା'ପରେ ତୁମେ ଯେଉଁ ବିଷୟ ପଢ଼ିବାକୁ ଚାହୁଁଛ ତାହା ବାଛ। ତେବେ ଯାଇ ତୁମେ ସଫଳତା ପାଇବ।

ପରୀକ୍ଷାକୁ ବୋଝ ନ ମାନିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହା କେବଳ ନିଜକୁ ପରଖିବାକୁ ଏକ ମାଧ୍ୟମ, କିନ୍ତୁ ଯେତେବେଳେ ଏହାକୁ ଆମେ ଆମ ଜୀବନର ସବୁଠୁ ବଡ଼ ବିଷୟ ମାନନିଅନ୍ତି ସେତେବେଳେ ଭୟ ଆସିଥାଏ ବୋଲି ଜଣେ ଛାତ୍ରଙ୍କ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଥିଲେ। ଶିକ୍ଷା ଜୀବନକୁ ଗଢ଼ିବାର ଏକ ମାଧ୍ୟମ ଅଟେ ବୋଲି ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସେହିପରି ଆଉ ଜଣେ ଛାତ୍ରଙ୍କ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଥିଲେ, ଗେମିଂ କେବଳ ଏକ ଦକ୍ଷତା ଓ ଛାତ୍ରଛାତ୍ରୀ ଏହାକୁ ଶିଖିବା ଉଚିତ। ଏହାଦ୍ୱାରା ମସ୍ତିଷ୍କ ବିକାଶ ମଧ୍ୟ ହୋଇଥାଏ। କିନ୍ତୁ ଜୁଆ ଖେଳିବାରୁ ନିଜକୁ ଦୂରେଇ ରଖିବା ଉଚିତ। ଯିଏ ଜୁଆ ଖେଳନ୍ତି ସେ ସମୟ ନଷ୍ଟ କରନ୍ତି। 'ପରୀକ୍ଷା ପେ ଚର୍ଚ୍ଚା' ର ୯ମ ସଂସ୍କରଣର ପରବର୍ତ୍ତୀ ଏପିସୋଡ୍ ଫେବୃଆରି ୯ ତାରିଖ ସକାଳ ୧୦ଟାରେ ମୁକ୍ତିଲାଭ କରିବ।

## ପଞ୍ଜାବ ଆପ୍ ନେତାଙ୍କୁ ଗୁଳିକରି ହତ୍ୟା

**ଜଲନ୍ଧର:** ପଞ୍ଜାବର ଆମ୍ ଆଦମୀ ପାର୍ଟି (ଆପ୍) ନେତା ଲକି ଓବରୟଙ୍କୁ ଶୁକ୍ରବାର ସକାଳେ ଜଲନ୍ଧରଠାରେ ଏକ ଗୁରୁଦ୍ୱାରା ବାହାରେ ଅତି ଜଘନ୍ୟ ଭାବେ ଗୁଳିକରି ହତ୍ୟା କରାଯାଇଛି । ଗୁଳିକାଣ୍ଡ ଡେଲ ଟାଉନସ୍ଥିତ ଗୁରଦ୍ୱାର ସାହେବଠାରେ ଘଟିଥିଲା। ଅଜ୍ଞାତ ଆତତାୟୀମାନେ ଏକ ସ୍କୁଟରରେ ଆସି ଲକି ଓବରୟଙ୍କ ଉପରକୁ ୧୫ରୁ ୧୬ ରାଉଣ୍ଡ ଗୁଳିଚାଳନା କରିଥିଲେ। ଲକି ତାଙ୍କ ଗାଡ଼ିରେ ବସିଥିବାବେଳେ ୫ଟି ଗୁଳି ତାଙ୍କ ଦେହରେ ବାଜିଥିଲା। ଗୁରୁତର ଅବସ୍ଥାରେ ଲକିଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଲକି ତାଙ୍କ ଗାଡ଼ି ଗୁରୁଦ୍ୱାରା ବାହାରେ ପାର୍କିଂ କରୁଥିବାବେଳେ ତାଙ୍କ ଉପରକୁ ଗୁଳି କରାଯାଇଥିଲା। ଗୁଳିକାଣ୍ଡ ସମ୍ପର୍କରେ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ଘଟଣାର ତଦନ୍ତ କରୁଛି । ଲକି ଓବରୟଙ୍କ ପତ୍ନୀ ପୌର ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ପଞ୍ଜାବରେ ଦିନ ଦ୍ୱିପହରରେ ଏପରି ଭାବେ ହତ୍ୟାକାଣ୍ଡ ଘଟୁଥିବାକୁ ନେଇ ବିରୋଧୀ ଦଳ ନେତା ପ୍ରତାପ ସିଂହ ବାଜୱା ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ଙ୍କ ପ୍ରଶାସନରେ ଆଇନକାନୁନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ବାଜୱା କହିଛନ୍ତି। ଶାସକ ଦଳର ନେତା ଯେଉଁଠି ସୁରକ୍ଷିତ ନାହାନ୍ତି, ଜନସାଧାରଣ କ'ଣ ଆଶା ରଖିବେ ବୋଲି କହିଛନ୍ତି। ବିଜେପି ଜାତୀୟ ପ୍ରବକ୍ତା ଶେହଜାଦ ପୁନାୱାଲା କହିଛନ୍ତି, ପଞ୍ଜାବରେ ଆଇନକାନୁନ ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି ।ଆପ୍ ପଞ୍ଜାବ ପାଇଁ ପାପରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ଶିରୋମଣି ଅକାଳି ଦଳ ନେତା ବିକ୍ରମ ସିଂହ ମାଝେଥିଆ ରାଜ୍ୟରେ ଆଇନକାନୁନ ବ୍ୟବସ୍ଥା ବିଗିଡ଼ି ଯାଇଥିବା କହିଛନ୍ତି। ପୁଲିସ ହତ୍ୟାକାଣ୍ଡର ତଦନ୍ତ କରୁଥିବା ସମୟରେ ବ୍ୟକ୍ତିଗତ କିମ୍ବା ରାଜନୈତିକ ଶତ୍ରୁତା ଯୋଗୁଁ ଲକିଙ୍କୁ ହତ୍ୟା କରାଯାଇ ଥାଇପାରେ ବୋଲି କହିଛି। ଆପ୍ ନେତା ଓ କର୍ମୀଙ୍କ ମଧ୍ୟରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଅପରାଧୀଙ୍କୁ ଶୀଘ୍ର ଧରିବାକୁ ଦାବି ସେମାନେ ଦାବି କରିଛନ୍ତି।



## ସୁପ୍ରିମକୋର୍ଟଙ୍କ ରାୟ: 'କର୍ତ୍ତା'ଙ୍କ ଅର୍ଜିତ ସମ୍ପତ୍ତି ଯୌଥ ପରିବାରର

**ନୂଆଦିଲ୍ଲୀ:** ହିନ୍ଦୁ ଅବିଭକ୍ତ ପରିବାରର ସମ୍ପତ୍ତିକୁ ନେଇ ସୁପ୍ରିମ୍କୋର୍ଟ ଆଜି ଏକ ବଡ଼ ରାୟ ଶୁଣାଇଛନ୍ତି। କୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ, ଯଦି ଏକ ଯୌଥ ପରିବାର ପାଖରେ ପୂର୍ବରୁ ପୈତୃକ ସମ୍ପତ୍ତି ରହିଛି ଏବଂ ସେଥିରୁ ଆୟ ହେଉଛି, ତେବେ ପରିବାରର ମୁଖ୍ୟ ବା 'କର୍ତ୍ତା'ଙ୍କ ଦ୍ୱାରା ପରବର୍ତ୍ତୀ ସମୟରେ କିଣାଯାଇଥିବା ସମସ୍ତ ସମ୍ପତ୍ତିକୁ 'ଯୌଥ ପରିବାରର ସମ୍ପତ୍ତି' ବୋଲି ଧରାଯିବ। ଆଜି ଜଷ୍ଟିସ୍ ସଞ୍ଜୟ କରୋଲ ଏବଂ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କ ପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ ଏହି କ୍ଷେତ୍ରରେ 'ପ୍ରମାଣର ବୋଝ' ସେହି ବ୍ୟକ୍ତିଙ୍କ ଉପରେ ରହିବ, ଯିଏ ସମ୍ପତ୍ତିକୁ ନିଜର ବୋଲି ଦାବି କରୁଛନ୍ତି। ଯଦି କର୍ତ୍ତା କିମ୍ବା ପରିବାରର କୌଣସି ସଦସ୍ୟ ଏହାକୁ ନିଜର 'ସ୍ୱଅର୍ଜିତ' ସମ୍ପତ୍ତି ବୋଲି କହନ୍ତି, ତେବେ ତାଙ୍କୁ କୋର୍ଟରେ ଦୃଢ଼ ପ୍ରମାଣ ଦେବାକୁ ପଡ଼ିବ ଯେ ସେହି ସମ୍ପତ୍ତି ପୈତୃକ ପାଣ୍ଠିରୁ ନୁହେଁ, ବରଂ ନିଜସ୍ୱ ରୋଜଗାରରୁ କିଣାଯାଇଛି। କୋର୍ଟ ସ୍ପଷ୍ଟ କରିଛନ୍ତି, ଯୌଥ ପରିବାରର ଆୟରୁ ଯଦି ନୂତନ ସମ୍ପତ୍ତି କିଣାଯାଏ, ତେବେ ସେଥିରେ ପରିବାରର ସମସ୍ତ ସଦସ୍ୟଙ୍କ ସମାନ ଅଧିକାର ରହିବ। ମାଡ୍ରାସ ହାଇକୋର୍ଟଙ୍କ ଏକ ପୁରୁଣା ନିଷ୍ପତ୍ତିକୁ କାଏମ ରଖି ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଏହି ରାୟ ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଚାଲିଥିବା ଅନେକ ପାରିବାରିକ ବିବାଦର ସମାଧାନ କରିବାରେ ସହାୟକ ହେବ ବୋଲି କୁହାଯାଉଛି।

## ପୋଲିସର ଗିରଫଦାରୀ କ୍ଷମତା ଉପରେ ସର୍ବୋଚ୍ଚ ଅଦାଲତଙ୍କ ଶୁଣାଣୀ

**ନୂଆଦିଲ୍ଲୀ:** ପୁଲିସର ଗିରଫଦାରୀ କ୍ଷମତା ଉପରେ ସୁପ୍ରିମ୍କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। କୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁଯାୟୀ, ଯେଉଁ ଅପରାଧ ପାଇଁ ସର୍ବାଧିକ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡର ପ୍ରାବଧାନ ରହିଛି ସେଭଳି କ୍ଷେତ୍ରରେ ପୁଲିସ ଅଧିକାରୀମାନେ ଅଭିଯୁକ୍ତଙ୍କୁ ଗିରଫ କରିବା ପୂର୍ବରୁ ନୋଟିସ୍ ଜାରି କରିବା ଅନିବାର୍ଯ୍ୟ। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ଧାରା ୩୫(୩) ଅନୁଯାୟୀ ଏହି ନିୟମ ପାଳନ କରିବାକୁ କୁହାଯାଇଛି। ଜଷ୍ଟିସ୍ ଏମ.ଏମ. ସୁନ୍ଦରେଶ ଏବଂ ଜଷ୍ଟିସ୍ ଏନ. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ କେବଳ ପୁଲିସ ପାଖରେ ଗିରଫ କରିବାର ଅଧିକାର ଅଛି ବୋଲି ପ୍ରତିଟି କ୍ଷେତ୍ରରେ ଜଣେ ବ୍ୟକ୍ତିଙ୍କୁ ଜେଲ୍ ପଠାଇବା ଜରୁରି ନୁହେଁ। ଗିରଫଦାରୀ ହେଉଛି ତଦନ୍ତରେ ସହାୟତା ପାଇଁ ଏକ ଆଇନଗତ ପ୍ରକ୍ରିୟା, ଏହା କୌଣସି ଦଣ୍ଡ ନୁହେଁ। ଯଦି ଅଭିଯୁକ୍ତ ତଦନ୍ତରେ ସହଯୋଗ କରୁଛନ୍ତି ଏବଂ ତାଙ୍କୁ ଗିରଫ କରିବାର କୌଣସି ଠୋସ୍ କାରଣ ନାହିଁ, ତେବେ ତାଙ୍କୁ ସିଧାସଳଖ ଗିରଫ କରାଯାଇପାରିବ ନାହିଁ। ଅଦାଲତ ଆହୁରି ମଧ୍ୟ କହିଛନ୍ତି ଯେ ବ୍ୟକ୍ତିଗତ ସ୍ୱାଧୀନତା ଏକ ମୌଳିକ ଅଧିକାର। ବିନା କାରଣରେ କାହାକୁ ଗିରଫ କରିବା ଆଇନର ଉଲ୍ଲଂଘନ।

# ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ ଏଆଇ ଆଣିବ ବଡ଼ ପରିବର୍ତ୍ତନ

## ଆଗାମୀ ୩୦ ବର୍ଷରେ ଭାରତର ଅର୍ଥନୀତି ୩୦ ଟ୍ରିଲିୟନ ଡଲାର ଛୁଇଁବ

**ମୁମ୍ବାଇ:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଡି. ଅମ୍ବାନୀ କହିଛନ୍ତି ଯେ ଆଗାମୀ ୨୦-୩୦ ବର୍ଷ ମଧ୍ୟରେ ଭାରତ ୨୫ ରୁ ୩୦ ଟ୍ରିଲିୟନ ଡଲାରର ଅର୍ଥନୀତି ହେବାର ସମ୍ଭାବନା ରଖୁଛି ଏବଂ ଏହି ସମୟ ଦେଶର ଯୁବ ପିଢ଼ି ପାଇଁ ଏକ ବଡ଼ ନିବେଶ ସୁଯୋଗ ହେବ । ମୁମ୍ବାଇରେ ଅନୁଷ୍ଠିତ ଜିଓ-ବ୍ଲାକରକ୍ କାର୍ଯ୍ୟକ୍ରମ ଇନଭେଷ୍ଟିଂ ଫର୍ ଏ ନ୍ୟୁ ଏରାରେ ବ୍ଲାକରକ୍ ସିଇଓ ଲାରି ଫିଙ୍କଙ୍କ ସହିତ ଏକ ଫାୟାରସାଇଡ ଆଲୋଚନାରେ, ଅମ୍ବାନୀ ଭାରତର ବିକାଶ ଯାତ୍ରାର ଏକ ସ୍ପଷ୍ଟ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ ।

ଜିଓବ୍ଲାକରକ୍ ଇଭେଣ୍ଟରେ, ମୁକେଶ ଅମ୍ବାନୀ କହିଛନ୍ତି ଯେ ଭାରତ ପାରମ୍ପରିକ ଭାବରେ ସଞ୍ଚୟର ଦେଶ ରହିଛି, କିନ୍ତୁ ବର୍ତ୍ତମାନ ନିବେଶ କରି ଦେଶର ପ୍ରଗତିରୁ ଲାଭ ଉଠାଇବାର ସମୟ ଆସିଛି । ସଞ୍ଚୟକୁ ନିବେଶରେ ପରିଣତ କରାଯିବା ଉଚିତ । ପୁଞ୍ଜି ବଜାରରେ ସଞ୍ଚୟ ଅର୍ଥ ନିବେଶ କରିବା



ଦ୍ୱାରା କେବଳ ପରିବାରର ସମ୍ପତ୍ତି ବୃଦ୍ଧି ହେବ ନାହିଁ ବରଂ ଦେଶର ଆର୍ଥିକ ଅଭିବୃଦ୍ଧି ମଧ୍ୟ ତ୍ୱରାନ୍ୱିତ ହେବ । ଲାରି ଫିଙ୍କ୍ ମଧ୍ୟ ଏହି ବିଚାରକୁ ସମର୍ଥନ କରି କହିଥିଲେ ଯେ ଭାରତ ଭଳି ଦ୍ରୁତ ଅଭିବୃଦ୍ଧିଶୀଳ ଦେଶରେ ଦୀର୍ଘକାଳୀନ ଇକ୍ୱିଟି ନିବେଶ ସମ୍ପତ୍ତି ସୃଷ୍ଟିର ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ହୋଇପାରିବ ।

ଅମ୍ବାନୀ କହିଥିଲେ ଯେ ଭାରତର ଅଭିବୃଦ୍ଧିର ମୂଳରେ ରହିଛି ମଜଭୁତ ନୀତି, ରାଜନୈତିକ ସ୍ଥିରତା, ବଡ଼ ଧରଣର ଭିତ୍ତିଭୂମି ନିର୍ମାଣ ଏବଂ ଡିଜିଟାଲ୍ କ୍ରାନ୍ତି । ୫ଜି, ଡିଜିଟାଲ୍ ଇଣ୍ଡିଆ ଏବଂ ପୁଞ୍ଜି ବଜାରର ବିସ୍ତାର ବଳରେ ଭାରତ ଦୀର୍ଘକାଳୀନ ନିବେଶ ପାଇଁ ଏକ ଆକର୍ଷକ କେନ୍ଦ୍ର ଭାବେ ଉଭା ହୋଇଛି ।

କୃତ୍ରିମ ବୁଦ୍ଧିମତ୍ତା ଉପରେ ଗୁରୁତ୍ୱାରୋପ କରି ଅମ୍ବାନୀ କହିଛନ୍ତି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିପାରିବ । ସେ କହିଛନ୍ତି ଯେ ଏଆଇ ମାଧ୍ୟମରେ ୧୪୦ କୋଟି ଲୋକଙ୍କ ପାଇଁ ଉଚ୍ଚମାନର ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟସେବା ଏବଂ ପ୍ରଭାବଶାଳୀ ସାର୍ବଜନୀନ ସେବା ସୁଲଭ ଏବଂ ସୁଗମ କରାଯାଇପାରିବ ।

କାର୍ଯ୍ୟକ୍ରମରେ, ବ୍ଲାକରକ୍ ସିଇଓ ଲାରି ଫିଙ୍କ୍ ଭାରତକୁ ଭାରତର ଯୁଗ ଭାବରେ ବର୍ଣ୍ଣନା କରିଥିଲେ, ଯାହାକୁ ନେଇ ଅମ୍ବାନୀ କହିଥିଲେ ଯେ ଯେଉଁମାନେ ଭାରତର ଦୀର୍ଘକାଳୀନ ଅଭିବୃଦ୍ଧିରେ ବିଶ୍ୱାସ କରିବେ ସେମାନେ ଆଗାମୀ ଦଶନ୍ଧିଗୁଡ଼ିକରେ ସବୁଠାରୁ ଅଧିକ ଲାଭ ପାଇବେ ।

## ଇରାନ- ଆମେରିକା ଯୁଦ୍ଧ ଏଡ଼ାଇବାକୁ ୩ ଦେଶର ପ୍ରୟାସ

**ୱାଶିଂଟନ:** ଆମେରିକା-ଇରାନ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚି ଥିବାବେଳେ ଦୁଇ ଦେଶ ମଧ୍ୟରେ ଶାନ୍ତି ଆଲୋଚନା ଓମାନରେ ବସିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇରାନର ମୁଖ ନେତା ଅୟାତୋଲ୍ଲା ଅଲି ଖାମେନି ପରସ୍ପରକୁ ନାଲି ଆଖି ଦେଖାଉ ଥିବାବେଳେ ମଧ୍ୟପ୍ରାଚ୍ୟରେ ଅସ୍ଥିରତା ଦେଖାଯାଇଛି ।କତାର, ତୁର୍କୀ, ଓମାନ ଦୁଇ ଦେଶ ମଧ୍ୟରେ ସ୍ଥିତି ସାମାନ୍ୟ କରିବାକୁ ପ୍ରୟାସ କରୁଥିବାବେଳେ ସକାଳେ ଓମାନ ରାଜଧାନୀ ମାସ୍କଟରେ ଆମେରିକା-ଇରାନ ମଧ୍ୟରେ ଶାନ୍ତି ଆଲୋଚନା ଅନୁଷ୍ଠିତ ହୋଇଛି । କତାର ଓ ତୁର୍କୀ ଏଥିରେ ମଧ୍ୟସ୍ଥତା କରିବେ । ଇତିମଧ୍ୟରେ ତେହେରାନସ୍ଥିତ ଆମେରିକା ଦୂତାବାସ ଏହାର ନାଗରିକଙ୍କୁ ତୁରନ୍ତ ଇରାନ ଛାଡ଼ିବାକୁ ପରାମର୍ଶ ଦେଇଛି। ଆମେରିକା-ଇରାନ ମଧ୍ୟରେ କୂଟନୈତିକ ଆଲୋଚନା ପୂର୍ବରୁ ଆଞ୍ଚଳିକ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ଓ ପରିବହନ ସମସ୍ୟା ଦେଖାଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଇରାନରେ ଆମେରିକା ନାଗରିକଙ୍କୁ ପଚରାଉଚରା କିମ୍ବା ଅଟକ ରଖିବାର ଆଶଙ୍କା ବୃଦ୍ଧି ପାଉଛି । ଇରାନରେ ଅବସ୍ଥିତ ଆମେରିକୀୟ ଦୂତାବାସ ଏହାର ନାଗରିକମାନଙ୍କୁ ତୁରନ୍ତ ଇରାନ ଛାଡିବା ପାଇଁ ଏକ ଜରୁରୀ ସୁରକ୍ଷା ସତର୍କତା ଜାରି କରିଛି । ଇରାନ କର୍ତ୍ତୃପକ୍ଷ ମୋବାଇଲ୍, ଲ୍ୟାଣ୍ଡଲାଇନ୍ ଏବଂ ଜାତୀୟ ଇଣ୍ଟରନେଟ୍ ନେଟୱାର୍କ ଉପରେ କଟକଣା ଲଗାଇଛନ୍ତି। ବହୁ ଏୟାରଲାଇନ୍ସ ମଧ୍ୟ ଏହାର ବିମାନ ବାତିଲ କିମ୍ବା ସଂକ୍ଷିପ୍ତ କରୁଛନ୍ତି । ଆମେରିକା ଏହାର ନାଗରିକଙ୍କୁ ସ୍ଥଳପଥରେ ଇରାନରୁ ଆର୍ମେନିଆ କିମ୍ବା ତୁର୍କୀ ଯିବାକୁ ପରାମର୍ଶ ଦେଇଛି । ଆମେରିକା ସରକାରଙ୍କ ସହାୟତା ଉପରେ ନିର୍ଭର ନକରି ନିଜସ୍ୱ ଉପାୟରେ ଇରାନ ଛାଡ଼ିବାକୁ କୁହାଯାଇଛି। ଯେଉଁମାନେ ଇରାନ ଛାଡି ପାରିବେ ନାହିଁ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ କୁହାଯାଇଛି । ଆମେରିକା କହିଛି, ବର୍ତ୍ତମାନ ପରିସ୍ଥିତିରେ ଇରାନରେ ଥିବା ଆମେରିକୀୟଙ୍କୁ କୌଣସି ସୁରକ୍ଷା, ସହାୟତା ଯୋଗାଇଦେବା କଷ୍ଟକର ଖାଲି ଆମେରିକା ନୁହେଁ, ବରଂ ଅନ୍ୟ କେତେକ ଦେଶ ମଧ୍ୟ ନାଗରିକଙ୍କ ପାଇଁ ସମାନ ଧରଣର ନିର୍ଦ୍ଦେଶନାମା ଜାରି କରିଛନ୍ତି ଇରାନର ଆଣବିକ ଅସ୍ତ୍ର ନିର୍ମାଣ ପ୍ରୟାସକୁ ନେଇ ଆମେରିକା ଏବଂ ଇସ୍ରାଏଲ୍ କ୍ରମାଗତ ଭାବେ ଚେତାବନୀ ଦେଇ ଆସୁଛନ୍ତି ଯେକୌଣସି ମୁହୂର୍ତ୍ତରେ ସାମରିକ ସଂଘର୍ଷ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ।



# ଆଜିଠୁ ଟି-୨୦ ବିଶ୍ୱକପ



ନୂଆଦିଲ୍ଲୀ,୬।୨(ଏଜେନ୍ସି): ଟି-୨୦ ବିଶ୍ୱକପର ଦଶମ ସଂସ୍କରଣ ଶନିବାର ଠାରୁ ଆରମ୍ଭ ହେବାକୁଯାଉଛି । ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଟି-୨୦ ବିଶ୍ୱକପ ଆୟୋଜନ କରୁଛନ୍ତି । ଏଥର ମୋଟ୍ ୨୦ଟି ଦଳ ମଧ୍ୟରେ ୫୫ ମ୍ୟାଚ ଖେଳାଯିବ । ଫେବୃଆରୀ ୭ରୁ ବିଶ୍ୱକପ ଆରମ୍ଭ ହୋଇ ମାର୍ଚ୍ଚ ୮ରେ ଶେଷ ହେବ । ବିଶ୍ୱକପ ଆରମ୍ଭ ପୂର୍ବରୁ ଅନେକ ବାଦ ବିବାଦ ମୁଣ୍ଡ ଟେକି ଥିଲା । ରାଜନୈତିକ ଅସ୍ଥିରତା ତଥା ଭାରତ ସହ କୂଟନୈତିକ ସମ୍ପର୍କରେ ଖରାପ କାରଣରୁ ବାଂଲାଦେଶ ଟି-୨୦ ବିଶ୍ୱକପରୁ ବାଦ ପଡିଛି । ସେହିଭଳି ବାଂଲାଦେଶକୁ ସମର୍ଥ କରି ପାକିସ୍ତାନ ମଧ୍ୟ ବିସିସିଆଇ ତଥା ଆଇସିସିକୁ ବଡ଼ ଝଟକା ଦେଇଛି । ପାକିସ୍ତାନ ସରକାର କଡ଼ାକଡ଼ି ଭାବେ ଭାରତ ସହ ମ୍ୟାଚ ଖେଳିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ଲିଗ୍ ହେଉ କିମ୍ବା ସେମିଫାଇନାଲ ତଥା ଫାଇନାଲ ଯେକୌଣସି ପରିସ୍ଥିତିରେ ଭାରତ ସହ ପାକିସ୍ତାନ ମ୍ୟାଚ ଖେଳିବ ନାହିଁ ବୋଲି ଘୋଷଣା କରିସାରିଛି । ତେଣୁ ଏଥର ବିଶ୍ୱକପରେ ଭାରତ-ପାକିସ୍ତାନ ମ୍ୟାଚ ରଦ୍ଦ ହେଲେ ୪୫୦୦ କୋଟି ଟଙ୍କାର କ୍ଷତି ହେବ । ଏସବୁ ବାଦବିବାଦ ମଧ୍ୟରେ ଶନିବାରଠୁ ବିଶ୍ୱକପ୍ ଆରମ୍ଭ ହେବାକୁଯାଉଛି । ଡିଫେଣ୍ଡିଂ ଚାମ୍ପିଅନ ଭାରତ ସହ ୬ଟି ଦଳ ପ୍ରଥମ ଦିନ ରଣାଙ୍ଗନାକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ଅଛନ୍ତି ।

ପାକିସ୍ତାନ ଓ ନେଦରଲାଣ୍ଡସ ମଧ୍ୟରେ ମ୍ୟାଚ କଲମ୍ବୋରେ ଖେଳାଯିବ । ଭାରତୀୟ ସମୟ ସକାଳ ୧୧.୧୫ରେ ଏହି ମ୍ୟାଚ ଆରମ୍ଭ ହେବ । ସେହିଭଳି ଦ୍ୱିତୀୟ ମ୍ୟାଚ ସ୍କଟଲାଣ୍ଡ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ କୋଲକାତାର ଇଡେନଗାର୍ଡେନରେ ଅପରାହ୍ଣ ୩.୧୫ରେ ଆରମ୍ଭ ହେବ । ସେହିପରି ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଭାରତ ଓ ଆମେରିକା ମଧ୍ୟରେ ତୃତୀୟ ମ୍ୟାଚ ସନ୍ଧ୍ୟା ୭.୧୫ରେ ଆରମ୍ଭ ହେବ ।


ଭାରତ ଟି-୨୦ ବିଶ୍ୱକପରେ ଦୁଇଥର ଚାମ୍ପିଅନ ହୋଇଛି । ଏଥର ତୃତୀୟ ଟାଇଟଲ ଜିତିବାର ଭରପୂର ସୁଯୋଗ ରହିଛି । କିନ୍ତୁ ବିଶ୍ୱକପ ଇତିହାସ ଭିନ୍ନ କିଛି କହୁଛି । କାରଣ ବିଗତ ୯ଟି ସଂସ୍କରଣରେ କୌଣସି ଆୟୋଜକ ରାଷ୍ଟ୍ର ଚାମ୍ପିଅନ ହୋଇନାହାନ୍ତି । ଭାରତ, ଇଂଲଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ଦୁଇଥର ଲେଖାଏଁ ଟାଇଟଲ ହାସଲ କରିସାରିଛନ୍ତି । ବିଗତ ୧୭ ବର୍ଷର ଏହି ରେକର୍ଡକୁ ଭାରତ ଘରୋଇ ମାଟିରେ ଭାଙ୍ଗିବାର ସୁଯୋଗ ହାସଲ କରିଛି । ୨୦୦୭ ପ୍ରଥମ ସଂସ୍କରଣ ଓ ୨୦୨୪ ନବମ ସଂସ୍କରଣରେ ଭାରତ ଟି-୨୦ ବିଶ୍ୱକପ ଟ୍ରଫି ତୋଳିଧରିଥିଲା ।

ଚଳିତ ଟି-୨୦ ବିଶ୍ୱକପର ସିଧାପ୍ରସାରଣ ଷ୍ଟାର ନେଟୱର୍କ ତଥା ଜିଓ ହଟଷ୍ଟାରରେ ଦର୍ଶକ ଦେଖିପାରିବେ ।

- **ପ୍ରଥମ ଦିନ ୩ ମ୍ୟାଚ**
- **ଆମେରିକା ବିପକ୍ଷରୁ ଭାରତର ଅଭିଯାନ**
- **ନେଦରଲାଣ୍ଡସ-ପାକିସ୍ତାନ ଉଦଘାଟନୀ ମ୍ୟାଚ**
- **ସ୍କଟଲାଣ୍ଡକୁ ଭେଟିବ ଇଣ୍ଡିଜ୍**

# ବୈଭବଙ୍କ ଭୈରବ ଇନିଂସ

## ୧୯ ବର୍ଷରୁ କମ୍ ବିଶ୍ୱକପ୍




ନୂଆଦିଲ୍ଲୀ, ୬।୨(ଏଜେନ୍ସି): ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପର ଫାଇନାଲରେ ଭାରତୀୟ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରଣ ଦେଖିବାକୁ ମିଳିଛି । ପ୍ରତି ବଲରେ ଚୌକା ଛକା ଲଗାଇ ଇଂଲଣ୍ଡ ବୋଲରଙ୍କୁ ଧରାଶାୟୀ କରିଥିଲେ । ୮୦ ବଲରେ ୧୭୫ ରନର ଇନିଂସ ଖେଳି ଇତିହାସ ରଚିଛନ୍ତି ବୈଭବ ସୂର୍ଯ୍ୟବଂଶୀ । ବାମହାତି ବୈଭବ ମାତ୍ର ୫୫ ବଲରେ ଶତକ ହାସଲ କରିଥିଲେ । ୧୪ ବର୍ଷୀୟ ବୈଭବ ଶତକୀୟ ଇନିଂସରେ ୮ଟି ଛକା ଓ ୮ଟି ଚୌକା ମାରିଥିଲେ । ସେ ୧୯ ବର୍ଷରୁ କମ ବିଶ୍ୱକପ୍ ଫାଇନାଲରେ ଶତକ ମାରିବରେ ତୃତୀୟ ଭାରତୀୟ ହୋଇଛନ୍ତି । ପୂର୍ବରୁ ଉନ୍ମୁକ୍ତ ଚାନ୍ଦ ଏବଂ ମନଜ୍ୟୋତ କାଲୋରା ଶତକ ହାସଲ କରିଥିଲେ । ବୈଭବ ସୂର୍ଯ୍ୟବଂଶୀଙ୍କ ଠାରୁ କେହି ଦ୍ରୁତତମ ଶତକ ହାସଲ କରିନାହାନ୍ତି । ଏହା ସହିତ ବୈଭବ ସୂର୍ଯ୍ୟବଂଶୀ ଏକାଧିକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି ।

୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟରେ ବୈଭବ ୧୦୦ ଛକା ମାରିବାର ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି । ଇଂଲଣ୍ଡ ବିପକ୍ଷ ଫାଇନାଲରେ ଭାରତର ଆରମ୍ଭ ଖରାପ ଥିଲା । ଆରୋନ ଜର୍ଜ ମାତ୍ର ୯ ରନ୍ କରି ତଥାପି ଆୟୁଷ ମହାତ୍ରେଙ୍କ ସହ ମିଶି ବୈଭବ ଛକା ଚୌକାର ବର୍ଷା କରିଛନ୍ତି । ବୈଭବ ୩୨ ବଲରେ ଅର୍ଦ୍ଧଶତକ ଏବଂ ୫୫ ବଲରେ ଶତକ ପୂରଣ କରିଥିଲେ । ସେହିଭଳି ୭୧ ବଲରେ ସେ ୧୫୦ ରନ ପୂରଣ କରିଥିଲେ । ବୈଭବଙ୍କ ବ୍ୟାଟ ଇଂଲଣ୍ଡ ବିପକ୍ଷରେ ରନ ଝଡ ସୃଷ୍ଟି କରିଥିଲା । ୧୯ ବର୍ଷରୁ କମ ଦିନିକିଆରେ ସର୍ବାଧିକ ଶତକ ମାରିଛନ୍ତି । ସୂର୍ଯ୍ୟବଂଶୀ ଇଂଲଣ୍ଡ ବିପକ୍ଷରେ ସର୍ବାଧିକ ରନ୍ କରିଛନ୍ତି । ଚଳିତ ବର୍ଷ ଏହା ସୂର୍ଯ୍ୟବଂଶୀଙ୍କ ଦ୍ୱିତୀୟ ଶତକ ତଥା ୧୯ ବର୍ଷରୁ କମ୍ କ୍ୟାରିୟରରେ ଏହା ତାଙ୍କ ଚତୁର୍ଥ ଶତକ ।

୧୭୫ ରନ: ଜୁନିୟର ବିଶ୍ୱକପ ପ୍ଲେ ଅଫ୍ ମ୍ୟାଚରେ ବ୍ୟକ୍ତିଗତ ୧୫୦ ରନ୍ ସ୍କୋର ହେବା ଏହା ପ୍ରଥମ ଘଟଣା । ପୂର୍ବରୁ ୱେଷ୍ଟଇଣ୍ଡିଜର ନିକୋଲାସ ପୁରନ ୨୦୧୪ରେ ୧୪୩ ରନର ସର୍ବୋଚ୍ଚ ସ୍କୋର କରିଥିଲେ । ୨୦୧୨ ଫାଇନାଲରେ ଭାରତର ଉନ୍ମୁକ୍ତ ଚାନ୍ଦ ଅଷ୍ଟ୍ରେଲିଆ ବିପକ୍ଷରେ ୧୧୧ ରନର ଶତକୀୟ ଇନିଂସ ଖେଳିଥିଲେ । ଯୁବ ଦିନିକିଆରେ ଗୋଟିଏ ପାଳିରେ ଏହା ଦ୍ୱିତୀୟ ସର୍ବୋଚ୍ଚ ସ୍କୋର । ଭାରତର ଅମ୍ବାତି ରାୟୁଡୁ ୨୦୦୨ରେ ଇଂଲଣ୍ଡ ବିପକ୍ଷରେ ୧୭୭ ରନର ଇନିଂସ ଖେଳିଥିଲେ । ଗତ ଡିସେମ୍ବରରେ ୟୁଏଇ ବିପକ୍ଷରେ ସୂର୍ଯ୍ୟବଂଶୀ ୧୭୧ ରନ୍ କରି ତୃତୀୟରେ ରହିଛନ୍ତି । ୧୪ ବର୍ଷ ୩୧୬ ଦିନ ବୟସରେ ସୂର୍ଯ୍ୟବଂଶୀ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱକପରେ ଶତକ ଅର୍ଜନ କରିଛନ୍ତି । ତାଙ୍କ ପୂର୍ବରୁ ଏହି ରେକର୍ଡ ପାକିସ୍ତାନର ବାବର ଆଜମଙ୍କ ନାଁରେ ଥିଲା । ବାବର ୧୫ ବର୍ଷ ୯୨ ଦିନ ବୟସରେ ଜୁନିୟର ବିଶ୍ୱକପରେ ଶତକ ମାରିଥିଲେ ।

# ବିଶ୍ୱକପରୁ ରାଣା ଆଉଟ୍



ନୂଆଦିଲ୍ଲୀ, ୬।୨(ଏଜେନ୍ସି): ଭାରତୀୟ ଦ୍ରୁତ ବୋଲର ହର୍ସିତ ରାଣା ଆହତ ସମସ୍ୟା ପାଇଁ ଟି-୨୦ ବିଶ୍ୱକପରୁ ବାଦ ପଡିଛନ୍ତି । ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ସାମ୍ବାଦିକ ସମ୍ମିଳନୀରେ ହର୍ସିତ ଫିଟ୍ ନଥିବା ସୂଚନା ଦେଇଛନ୍ତି । ହର୍ସିତଙ୍କ ରିପ୍ଲେସମେଣ୍ଟକୁ ନେଇ ଏବେ ଟିମ୍ ଚିନ୍ତା କରୁଛି । ଦଳ ସହ ଯୋଗଦେବା ପାଇଁ ମହମ୍ମଦ ସିରାଜଙ୍କୁ କୁହାଯାଉଛି । ଦ୍ରୁତ ବୋଲର ହର୍ସିତ ଦ.ଆଫ୍ରିକା ବିପକ୍ଷ ୱାର୍ମଅପ୍ ମ୍ୟାଚ ସମୟରେ ଆହତ ହୋଇଥିଲେ । ସେ ନିୟମିତ ଭାବେ ଭାରତୀୟ ଟି-୨୦ ଦଳର ସଦସ୍ୟ ରହିଆସିଛନ୍ତି । ସେ ବିଶ୍ୱକପରୁ ବାଦ ପଡିବା ଭାରତ ପାଇଁ ବଡ଼ ଝଟକା ଭଳି ହେବ । ବୁଧବାର ମୁମ୍ବାଇ ବିପକ୍ଷ ୱାର୍ମ ଅପ୍ ମ୍ୟାଚ ସମୟରେ ହର୍ସିତ ରାଣାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା । ଇଣ୍ଡିଆ ଟୁ-ଡେ ରିପୋର୍ଟ ଅନୁସାରେ ହର୍ସିତ ବିଶ୍ୱକପରୁ ବାହାର ହୋଇଛନ୍ତି । ତାଙ୍କ ସ୍ଥାନରେ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଟିମରେ ସାମିଲ କରାଯିବା ନେଇ ଘୋଷଣା ହେବ । ରିପୋର୍ଟ ଅନୁସାରେ ହର୍ସିତଙ୍କ ମେଡ଼ିକାଲ ଟେଷ୍ଟରୁ ଜଣାପଡ଼ିଛି ଯେ, ତାଙ୍କ ଡାହାଣ ଆଣ୍ଠୁ ଫୁଲିଯାଇଛି । ଚଳାବୁଲା କରିବାରେ ଅସୁବିଧା ହେଉଛି । ଡାକ୍ତରଙ୍କ ପରାମର୍ଶରେ ରାଣାଙ୍କୁ ସର୍ଜରୀ କରିବାକୁ କୁହାଯାଇଛି । ଯେଉଁଥି ପାଇଁ ଆଗାମୀ ଟି-୨୦ ବିଶ୍ୱକପରୁ ସେ ବାଦ ପଡିଛନ୍ତି ।

# ୩୨ତମ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦଘାଟିତ



ଭୁବନେଶ୍ୱର,୬।୨(ସବ୍ୟୁ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ୩୨ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ୨୧ଟି ଜିଲ୍ଲାରୁ ୨୬୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ପ୍ରତିଯୋଗୀ ଏବଂ ୫୦ରୁ ଉର୍ଦ୍ଧ୍ୱ ଅଫିସିଆଲ ଯୋଗଦେଇଛନ୍ତି । ପ୍ରଥମ ଦିବସରେ ପୁରୁଷ ୫୩, ୫୯ ଓ ୬୬ କିଲୋଗ୍ରାମ ବର୍ଗର ସବଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘର ଅଫିସିଆଲ ମାନେ ପରିଚାଳନା କରିଛନ୍ତି ।

# ଅଖିଳ ଭାରତ ବୃହତ କବାଡି ପ୍ରତିଯୋଗିତା ଉଦଘାଟିତ



ପାରାଦୀପ,୬।୨(ଜି.ପ୍ର ): ପାରାଦୀପ ବନ୍ଦର ଓ ଅଖିଳ ଭାରତ ବୃହି ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୁଲ୍ୟରେ ପାରାଦୀପର ବିଜୁ ସେଣ୍ଟର୍ ଠାରେ ୬ ତାରିଖ ଦିନ ୪୧ ତମ ଅଖିଳ ଭାରତ ବୃହି ବନ୍ଦର କବାଡି ପ୍ରତିଯୋଗିତା ୨୦୨୫-୨୬ ଉ"ାଟିତ ହୋଇ ଯାଇଛି । ବନ୍ଦର ମୁଖ୍ୟ ଯନ୍ତ୍ରୀ ଓ ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ଏଚ ଏସ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଥିଲେ କି ବନ୍ଦର କର୍ମଚାରୀଙ୍କ ମଧ୍ୟରେ ଶୃଙ୍ଖଳା , ଦଳଗତ କାର୍ଯ୍ୟ ଏବଂ ଶାରିରୀକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ କ୍ରୀଡାର ଅନେକ ମହତ୍ତ୍ୱ ରହିଛି । ବନ୍ଦର ଉପାଧ୍ୟକ୍ଷ ଟୀ ବେଣୁଗୋପାଳ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସଂସଦର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ସେଠୀ ସ୍ୱାଗତ ଭାଷଣ ରଖିଥିଲେ । ଏହି ପ୍ରତିଯୋଗିତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ପ୍ରତିଯୋଗିତାରେ ଆୟୋଜକ ପାରାଦୀପ ବନ୍ଦର ଛଡ଼ା ଚେନ୍ନାଇ, ଦିନଦୟାଳ , ମୁମ୍ବାଇ, ନ୍ୟୁ ମାଙ୍ଗାଲୋର, ବିଶାଖାପାଟଣା ଓ ଜବାହର ଲାଲ ନେହେରୁ ବନ୍ଦର ଅଂଶ ଗ୍ରହଣ କରୁଛନ୍ତି । ପ୍ରତିଯୋଗିତାକୁ ସଫଳ କରିବାରେ କ୍ରୀଡ଼ା ସଂସଦର ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ ଓ କର୍ମକର୍ତ୍ତା ମାନେ ଲାଗି ପଡିଛନ୍ତି । ଉଦଘାଟନୀ ମ୍ୟାଚରେ ପାରାଦୀପ ବନ୍ଦର ଦିନଦୟାଳ ବନ୍ଦରକୁ ପରାସ୍ତ କରିଥିଲା ।

## ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ

# ସେମିଫାଇନାଲରେ ଇଲେଭେନ ଷ୍ଟାର

ଦୋବଲ,୬।୨(ସବ୍ୟୁ): ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ଖେଳ ପଡିଆଠାରେ ଚାଲିଥିବା ସର୍ବଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଯାଜପୁରର ଇଲେଭେନ ଷ୍ଟାର କ୍ରିକେଟ କ୍ଲବ,ରାଉରକେଲାର ଆରୱାଇସିସିକୁ ପରାସ୍ତ କରି ସେମିଫାଇନାଲରେ ନିଜର ସ୍ଥାନ ପକ୍କା କରିଛି । ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ଓ ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ମ୍ୟାଚରେ ରାଉରକେଲା ଆରୱାଇସିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୨୫ ଓଭର ବିଶିଷ୍ଟ ଏହି ମ୍ୟାଚରେ ରାଉରକେଲା ଦଳ ୨୪.୫ ଓଭରରେ ସମସ୍ତ ୱିକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲେ । ୧୫୧ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଯାଜପୁର ଇଲେଭେନ ଷ୍ଟାର ୨୦.୧ ଓଭରରେ ୫ ୱିକେଟ ହରାଇ ୧୫୨ ରନ କରି ବିଜୟୀ ହୋଇଥିଲା । ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଇଲେଭେନ ଷ୍ଟାରର ଚନନାୟକଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇଥିଲା । ପୂର୍ବତନ ସରପଂଚ ଶରତ ମାଝୀ ତାଙ୍କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ । ମ୍ୟାଚକୁ ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ସତ୍ୟବ୍ରତ ଜେନା ପରିଚାଳନା କରିଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୭୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୭୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# ସି କେ ନାୟୁଡୁ ଟ୍ରଫି: ପ୍ରଥମ ଦିନ ବେଙ୍ଗଲ ୩୦୧/ ୬



ବରଗଡ଼,୬।୨(ସବ୍ୟୁ): ବରଗଡ଼ ସ୍ଥିତ କ୍ରୀଡ଼ା ବିକାଶ ଗ୍ରାଉଣ୍ଡ ରେ ଓଡ଼ିଶା ଓ ହାଇଦ୍ରାବାଦ ମଧ୍ୟରେ ୨୩ ବର୍ଷରୁ କମ ସି କେ ନାଇଡୁ ଟ୍ରଫିର ଏଲାଇଟ୍ ଗ୍ରୁପ୍ - ବି ଲିଗ୍ ମ୍ୟାଚ୍ ଗୁରୁବାର ଉଦଘାଟିତ ହୋଇଯାଇଛି । ବେଙ୍ଗଲ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଆଜି ଦିନର ଖେଳ ଶେଷ ସୁଦ୍ଧା କରିନେଇଛି । ଦଳର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ଆୟୁଷ କୁମାର ସିଂ ଓ ଅନସ ଅଲୀ ଖାଁ ଜୋରଦାର ଆରମ୍ଭ କରି ଓଡ଼ିଶା ବୋଲର ମାନଙ୍କୁ ଅନାୟସ ରେ ଖେଳି ପଡିଆର ଚତୁର୍ଦ୍ଦିଗକୁ ସୁନ୍ଦର ସଟ୍ ମାନ ଖେଳି ଦଳୀୟ ରନକୁ ଆଗକୁ ବଢାଇ ଚାଲିଥିଲେ । ଦଳୀୟ ସ୍କୋର ୧୭୨ ରନରେ ଅଲୀ ନିଜର ଅର୍ଦ୍ଧଶତକ ସହ ୬୮ ରନ କରି ଆଉଟ୍ ହୋଇଯାଇଥିଲେ । ପରେ ପରେ ତଳ ଭାଗ ବ୍ୟାଟ୍ସମ୍ୟାନ୍ ମାନଙ୍କ ସହ ଯୋଡ଼ି କରି ଆୟୁଷ ନିଜର ଶତକ ପୁରା କରି ନିଜ ସ୍କୋର ୧୦୭ ରନ କରି ଆଉଟ୍ ହୋଇଯାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଭାତ ମୌର୍ଯ୍ୟ ୩୨ ରନ,ବିଶାଳ ଭଟି ୪୪ ରନ କରି ଆଉଟ୍ ହୋଇଥିଲେ । ଶେଷରେ ଷ୍ଟମ୍ପ ଅପସାରଣ ବେଳକୁ ବେଙ୍ଗଲ ଦଳର ସ୍କୋର ଥିଲା ୭ ଓ୍ୱିକେଟ ବିନିମୟରେ ୩୦୧ ରନ । ଖେଳକୁ ବିସିସିଆଇ ଅମ୍ପାୟାର ରଞ୍ଜୀବ ଶର୍ମା ଓ ଗଣେଶ ଚରହଟେ ପରିଚାଳନା କରିଥିବାବେଳେ ମ୍ୟାଚ୍ ରେଫରି ଅଛନ୍ତି ଗୌରବ ବଶିଷ୍ଟ । ବିସିସିଆଇ ପକ୍ଷରୁ ଅନଲାଇନ୍ ସ୍କୋରର୍ ଅଛନ୍ତି ସି ଡି ସୁନିଲ ଓ ବୀରବର ନାୟକ, ସିନିୟର୍ ଭିଡିଓ ସାରଦା ପ୍ରସନ୍ନ ବିଶ୍ୱାଳ ଓ ଭିଡିଓ ଏନାଲିଷ୍ଟ ତାପସ କୁମାର ନାୟକ ରହିଛନ୍ତି । ଉଦଘଟନୀ ଉତ୍ସବରେ ଜିଲ୍ଲା କ୍ରିକେଟ୍ ଏସୋସିଏସନ୍ ର ସଭାପତି ହରିହର ପ୍ରଧାନ, ସଂପାଦକ ରବି ନାରାୟଣ ପଣ୍ଡା, ଉପସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, ଯୁଗ୍ମ ସଂପାଦକ ସଚ୍ଚିଦାନନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଅମିୟ ଭୂଷଣ ସାହୁ , ପୂର୍ବତନ ସଂପାଦକ ସୁବ୍ରତ ଚାଟାର୍ଜୀ, କିଶୋର ରଥ, ପ୍ରଦୀପ ନନ୍ଦ ,ଚନ୍ଦ୍ରଶେଖର ପ୍ରଧାନ, ପ୍ରଦୀପ ସାହୁ, ଗୁରୁଦତ୍ତ ଦାସ , ରଜତ ଦାଶ , ଅଙ୍କିତ ମହାନ୍ତି, ଙ୍କ କ୍ରିଡ଼ା ବିକାଶ ଗ୍ରୁପ ର ସିନିଅର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତ ରଞ୍ଜନ ପତି , ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ନାରାୟଣ ରଥ , କ୍ରୀଡା ଅଧିକାରୀ ପିତାମ୍ବର ପ୍ରଧାନ , କ୍ରିକେଟ କୋଚ ଅଶୋକ ସିଂ , ଆସିଷ୍ଟାଣ୍ଟ କ୍ରିକେଟ କୋଚ ରୂପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶା ଦଳର ମୁଖ୍ୟ କୋଚ୍ ପୂର୍ବତନ ରଣଜୀ ଖେଳାଳି ସୁବିତ ବିଶ୍ୱାଳ , ଆସିଷ୍ଟାଣ୍ଟ କୋଚ୍ ବିଭୁଦତ୍ତ ପଣ୍ଡା, ଫିଜିଓ ଦିନେଶ ସାହୁ, ଟ୍ରେନର୍ ମନୋଜ ବିଶ୍ୱାଳ, ଭିଡିଓ ଏନାଲିଷ୍ଟ୍ ନବୀନ ବେହେରା, ସାଇଡ ଆର୍ମ ଥ୍ରୋଅର ଭାବରେ ଦିଲୀପ କୁମାର ଚନ୍ଦନ , ଦେବାଶିଷ ପ୍ରଧାନ ମେଣ୍ଟ୍ୟୁର ଥିବା ବେଳେ ସୌର୍ଯ୍ୟ ରଞ୍ଜନ ରାୟ ମ୍ୟାନେଜର , ଅନିଲ କୁମାର ବିଶ୍ୱାଳ ଆଡମିନ ମ୍ୟାନେଜର , ପୂର୍ବତନ ରଣଜୀ ଖେଳାଳୀ ଅବକାଶ ଖଟୁଆ ଚୟନ କର୍ତ୍ତା ଓ ଅନ୍ୟତମ ପୂର୍ବତନ ରଣଜୀ ଖେଳାଳୀ ସୁଭ୍ରଜିତ ସାହୁ ପର୍ଯ୍ୟବେକ୍ଷକ ଭାବରେ ଓଡ଼ିଶା ଦଳରେ ରହିଛନ୍ତି ।

ସମୟ
ସମୟ LIVE
Check out this amazing Odia News app
Andriod
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି